

ଲଭ୍ ଆଣ୍ଡ ୱାର୍: ବଡ଼ ପରଦାରେ ଟିଜର୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-77 ◆THURSDAY ◆10 SEPTEMBER 2026 ◆PAGE-12 ◆₹ 7.00

SAMBALPUR

◆ବର୍ଷ-୪୪ ◆ସଂଖ୍ୟା-୭୭ ◆ଗୁରୁବାର ◆୧୦ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ସାଟେଲାଇଟ୍‌ଭିତ୍ତିକ ଇଣ୍ଟରନେଟ୍ ସେବା ଖୁବ୍‌ଶୀଘ୍ର

### ସ୍ପେକ୍ଟ୍ରମ୍ ଉପରେ ଟ୍ରାଇର ଅଧିକାଂଶ ସୁପାରିସକୁ ମାନିଲା ଡିସିସି

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଖୁବ୍ ଶୀଘ୍ର ଦେଶରେ ସାଟେଲାଇଟ୍ ଭିତ୍ତିକ ଇଣ୍ଟରନେଟ୍ ସେବା ଆରମ୍ଭ ହେବ। ସାଟେଲାଇଟ୍ ସ୍ପେକ୍ଟ୍ରମ୍ ଆବଣ୍ଟନ ସମ୍ପର୍କରେ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) କରିଥିବା ଅଧିକାଂଶ ସୁପାରିସକୁ ଡିଜିଟାଲ୍ କମ୍ୟୁନିକେସନ୍ କମିସନ (ଡିସିସି) ମଞ୍ଜୁର କରିଛି। ଅପରପକ୍ଷେ ସାଟେଲାଇଟ୍ କମ୍ପାନୀଗୁଡ଼ିକ ଏ ପର୍ଯ୍ୟନ୍ତ ସିଧାସଳଖ ସ୍ପେକ୍ଟ୍ରମ୍ ପାଇନାହାନ୍ତି। ଏଥିପାଇଁ ଆହୁରି ସରକାରୀ ଅନୁମୋଦନ ଏବଂ କିଛି ସୁରକ୍ଷା ପ୍ରକ୍ରିୟା ଆବଶ୍ୟକ। ଡିସିସିର ଅନୁମୋଦନ ପରେ ଟେଲିକମ୍ ବିଭାଗ ପରବର୍ତ୍ତୀ ପଦକ୍ଷେପ ନେବ। ସାଟେଲାଇଟ୍ ଯୋଗାଯୋଗ ସେବା ପାଇଁ ସ୍ପେକ୍ଟ୍ରମ୍ ମୂଲ୍ୟ ଏବଂ କମ୍ପାନୀଗୁଡ଼ିକୁ ଆବଣ୍ଟନ ପ୍ରକ୍ରିୟା ଉପରେ ଚୂଡ଼ାନ୍ତ ଅନୁମୋଦନ ପାଇଁ ପ୍ରସ୍ତାବ କେନ୍ଦ୍ର କ୍ୟାବିନେଟ ପାଖକୁ ପଠାଯିବ। ଗତବର୍ଷ, ଟ୍ରାଇ କିଛି ସାଟେଲାଇଟ୍-ଆଧାରିତ ବାଣିଜ୍ୟିକ ଯୋଗାଯୋଗ ସେବା ପାଇଁ ସ୍ପେକ୍ଟ୍ରମ୍ ଆବଣ୍ଟନ ନିୟମ ଏବଂ ସର୍ତ୍ତାବଳୀ ସମ୍ପର୍କରେ ସୁପାରିସ ଦାଖଲ କରିଥିଲା ଏଥିରେ ସାଟେଲାଇଟ୍ ସେବା ପ୍ରଦାନକାରୀମାନେ ୫ ବର୍ଷ ପାଇଁ ସ୍ପେକ୍ଟ୍ରମ୍ ପାଇବାର ଆଶା କରାଯାଉଛି। ଆବଶ୍ୟକ ହେଲେ ଏହି ଅବଧିକୁ ଆଉ ୨ ବର୍ଷ ବୃଦ୍ଧି କରାଯାଇପାରିବ। ଏହାର ଅର୍ଥ ହେଉଛି ସାଟେଲାଇଟ୍ ଇଣ୍ଟରନେଟ୍ କମ୍ପାନୀଗୁଡ଼ିକ ଅଧିକ ସମୟ ପାଇଁ ସ୍ପେକ୍ଟ୍ରମ୍ ବ୍ୟବହାର କରିପାରିବେ।

## ଦିଲ୍ଲୀ ବିମାନବନ୍ଦର ଜଳମଗ୍ନ ଭିଡିଓ ପ୍ରସାରଣ ବିରୋଧରେ ୬୩ ମାମଲା

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦର ପାଣିରେ ବୁଡ଼ିବା ନେଇ ଭ୍ରାନ୍ତିକର ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରସ୍ତୁତ ମିଥ୍ୟା ଭିଡିଓ ପ୍ରସାରଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଣି ଦିଲ୍ଲୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ୍ (ଡିଆଇଏଏଲ୍ ବା ଡାଏଲ୍) ୬୩ଜଣ ସୋସିଆଲ ମିଡିଆ ହ୍ୟାଣ୍ଡଲର୍‌ଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗତ ୪ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ଟର୍ମିନାଲ-୩ ପରିସର କିଛି ସମୟ ପାଇଁ ଜଳାର୍ଣ୍ଣବ ହୋଇଥିଲା। ମାତ୍ର ୨୦ ମିନିଟ୍ ମଧ୍ୟରେ ସମସ୍ୟାର ସମାଧାନ କରାଯାଇଥିଲା। ବର୍ଷା ପାଣି ପାଇଁ ବିମାନ ସେବା ଆଦୌ ପ୍ରଭାବିତ ହୋଇନଥିଲା। କିନ୍ତୁ ସାମାଜିକ ଗଣମାଧ୍ୟମରେ କେତେକ ଆକାଉଣ୍ଟ ଦୁବାଇ ବିମାନବନ୍ଦରର ପୁରୁଣା ଭିଡିଓ ଏବଂ ଏଆଇ ଦ୍ୱାରା ସୃଷ୍ଟ ଭିଡିଓ ଭାଇରାଲ କରିଥିଲେ। ସେଥିରେ ଦିଲ୍ଲୀ ବିମାନବନ୍ଦର ରନୱେ ବୁଡ଼ିଯାଇଥିବା ନେଇ ଭ୍ରାନ୍ତି ସୃଷ୍ଟି କରିଥିଲେ। ପ୍ରେସ ଇନଫରମେସନ ବ୍ୟୁରୋ (ପିଆଇବି)ର ସତ୍ୟ ସନ୍ଧାନ ବିଭାଗ ଏହି ଭିଡିଓଗୁଡ଼ିକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣିତ କରିଛି। ଡାଏଲ୍ ସ୍ପଷ୍ଟ କରିଛି ଯେ ଯାତ୍ରୀଙ୍କ ମଧ୍ୟରେ ଅନାବଶ୍ୟକ ଭୟ ସୃଷ୍ଟି କରିବା ଏବଂ ବିମାନବନ୍ଦରର ବିରୋଧରେ ଅପବାଦ ଉଦ୍ଦେଶ୍ୟରେ ଏହି ପୋଷ୍ଟଗୁଡ଼ିକ କରାଯାଇଥିଲା। ସମ୍ପୃକ୍ତ ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକର ତାଲିକା ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରାଯାଇଛି।



### ଏମ୍‌ଏମ୍‌ଡିଆର ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

# ପ୍ରତ୍ୟାହାର ହେଉ ରାଜ୍ୟ ସ୍ୱାର୍ଥ ବିରୋଧୀ ଆଇନ

■ ଭୁବନେଶ୍ୱର, ୯।୯ (ସମିସ): ବିଜୁ ଜନତା ଦଳର ଏକ ପ୍ରତିନିଧିଦଳ ବୁଧବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପଟିଙ୍କୁ ସାକ୍ଷାତ କରି ଓଡ଼ିଶାର ଅଧିକାରକୁ କ୍ଷୁଣ୍ଣ କରୁଥିବା ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଏହି ଅବସରରେ ଦଳ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶାର ସାମ୍ବିଧାନିକ, ଆର୍ଥିକ ଓ ଖଣିଜ ସ୍ୱାର୍ଥର ସୁରକ୍ଷା ପାଇଁ ବିଜେଡି ଏହି ସ୍ମାରକପତ୍ର ମାଧ୍ୟମରେ ସିଧାସଳଖ ଭାବେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛି।

ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ରାଜ୍ୟପାଳଙ୍କ ସମ୍ମୁଖରେ ମତ ରଖି ଏମ୍‌ଏମଡିଆର୍ ସଂଶୋଧନ ଆଇନ, ୨୦୨୬ ଯୋଗୁଁ ଓଡ଼ିଶା ସମ୍ମୁଖୀନ ହେବାକୁ ଥିବା ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ। ଦଳ ପକ୍ଷରୁ ଉଠାଯାଇଥିବା ବିଭିନ୍ନ ଦାବି ସମ୍ପର୍କରେ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ସେହିପରି ରଣେନ୍ଦ୍ର ପ୍ରତାପ



**ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କଲେ ଦଳର ବରିଷ୍ଠ ନେତୃମଣ୍ଡଳୀ**

**ରାଜ୍ୟପାଳଙ୍କ ଆଶ୍ୱାସନା, ବିଜେଡିର ଉଦ୍‌ବେଗକୁ ରାଷ୍ଟ୍ରପତିଙ୍କୁ ଜଣାଇବେ**

ସ୍ୱାଇଁ ଏମ୍‌ଏମଡିଆର୍ ସଂଶୋଧନ ଆଇନ ଦ୍ୱାରା ଓଡ଼ିଶା ଉପରେ କେଉଁ ପ୍ରଭାବ ପଡ଼ିବ ସେ ସମ୍ପର୍କରେ ବିସ୍ତୃତ ଭାବେ ମତ ରଖିଥିଲେ। ପ୍ରତିନିଧିମଣ୍ଡଳୀର ଅନ୍ୟ ସଦସ୍ୟ ଡ. ଲେନିନ ମହାନ୍ତି, ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ସଞ୍ଜୟ କୁମାର ଦାସବର୍ମା ଓ ପ୍ରୀତିରଞ୍ଜନ ଘଡ଼ାଇ ପ୍ରମୁଖ ଏହି ସଂଶୋଧନ ଆଇନ ବଳରେ ବକେୟା ପ୍ରାପ୍ୟ, ଖଣି ରାଜସ୍ୱ ଓ ଖଣିଜ ସମ୍ପଦ ଜମି ଉପରେ ରାଜ୍ୟ ତାର ଅଧିକାର ହରାଇବ ବୋଲି ମତ ରଖିଥିଲେ।

ଆଲୋଚନା ସମୟରେ ଏହି ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା କେତେ ପରିମାଣର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ ବୋଲି ରାଜ୍ୟପାଳ ବିଶେଷ ଭାବେ ଜାଣିବାକୁ ଚାହିଁଥିଲେ। ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ▶ପୃଷ୍ଠା-୭

# ବିସ୍ଫୋରକ ହେଉଛି ହର୍ମୁଜ୍

### ଆମେରିକୀୟ ବୁଡ଼ାଜାହାଜ ଜବତ କଲା ଇରାନ୍

■ ତେହରାନ, ୯।୯ (ଏଜେନ୍ସି): ତୈଳ ଓ ଗ୍ୟାସ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ହର୍ମୁଜରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ କବଜା କରିବା ଲାଗି ଆମେରିକା ଜୋରଦାର ଉଦ୍ୟମ କରୁଥିବା ବେଳେ ଇରାନ ପକ୍ଷରୁ ଦୃଢ଼ ବିରୋଧର ସମ୍ମୁଖୀନ ହୋଇଛି। ଏହି ସମୁଦ୍ର ପଥ ଉପରେ ଉଭୟ ଆମେରିକା ଏବଂ ଇରାନ ନିଜର ନିୟନ୍ତ୍ରଣ କଥା କହୁଥିବା ବେଳେ ଏହା ଏବେ ରଣକ୍ଷେତ୍ରରେ ପରିଣତ ହୋଇଛି। ଇରାନର ୫ଟି ତୈଳ ଟ୍ୟାଙ୍କର ଉପରେ ଆମେରିକା ଆକ୍ରମଣ କରିବା ପରେ ଏହାର କଡ଼ା ଜବାବ ଦେଇଛି ଇରାନ। ଏହି ଅଞ୍ଚଳରେ ଆମେରିକାର ଏକ ଅତ୍ୟାଧୁନିକ ବୁଡ଼ାଜାହାଜକୁ ଇରାନ ଜବତ କରିବା ସହିତ ଆମେରିକାର ଅନ୍ୟତମ ଅତ୍ୟାଧୁନିକ ଏମକ୍ୟୁ- ୯ ରିପର ଡ୍ରୋନକୁ ମଧ୍ୟ ମାରି ଖସାଇ ଦେଇଛି ଇରାନ। କେବଳ ଏତିକି ନୁହେଁ, ସଂପୃକ୍ତ ଅଞ୍ଚଳରେ ଆମେରିକାର ଦୁଇଟି ଜାହାଜ ଉପରେ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାସହିତ ହର୍ମୁଜରେ ୮ଟି ତେଲ ଟ୍ୟାଙ୍କର ଏବଂ ବିଭିନ୍ନ ଦେଶର ୧୦ଟି ଜାହାଜ ଉପରେ ମଧ୍ୟ ଆକ୍ରମଣ କରିଥିବା ଦାବି କରିଛି ଇରାନ। ଇରାନର ଏଭଳି ଆକ୍ରମଣର ପ୍ରତିଶୋଧ ନେବାଲାଗି ଆମେରିକା ଆଜି ପୁଣି ବଡ଼ ଧରଣର ଆକ୍ରମଣ କରିବାକୁ ପ୍ରସ୍ତୁତି ଚଳାଇଛି।

ହର୍ମୁଜରେ ଉଭୟ ପକ୍ଷ୍ୟ ମୁହାଁମୁହିଁ ଅବସ୍ଥାରେ ଥିବା ବେଳେ ପ୍ରଣାଳୀ ନିକଟରେ ଆମେରିକାର ଏକ ମାନବବିହୀନ ବୁଡ଼ାଜାହାଜକୁ ଜବତ କରିଥିବା ଇରାନ୍ ଦାବି କରିଛି। ଇରାନ୍‌ର ଇସ୍‌ଲାମିକ୍ ରିଭଲ୍ୟୁସନାରି ଗାର୍ଡ କର୍ପସ୍‌ର ଅଧିକୃତ ଗଣମାଧ୍ୟମ 'ସେପାହ ନ୍ୟୁଜ୍'ରେ ପ୍ରକାଶିତ ବିବୃତି ଅନୁସାରେ, ଏକ ଜଟିଳ ଗୁଇନ୍ଦା ଅଭିଯାନ ମାଧ୍ୟମରେ 'ଡାଇଭ୍-ଏଲ୍‌ଡି' ନାମକ ବୁଡ଼ା ଜାହାଜ (ସବମେରିନ୍)କୁ ଜବତ କରାଯାଇଛି। ଇରାନ୍ କହିଛି, ଏହି ସବମେରିନ୍‌ରେ



ଅତ୍ୟାଧୁନିକ ପ୍ରଯୁକ୍ତି ତଥା ଟେକ୍ନୋଲୋଜିର ବ୍ୟବହାର ହୋଇଛି। ଏହା ସହିତ ଜବତ ହୋଇଥିବା ସବମେରିନ୍‌ର ଭିଡିଓ ମଧ୍ୟ ଜାରି କରାଯାଇଛି। ଇରାନ୍‌ର ଅନ୍ୟ ଏକ ଦାବି ଅନୁସାରେ, ହର୍ମୁଜ୍ ପ୍ରଣାଳୀ ଉପରେ ଏକ ଏମ୍‌କ୍ୟୁ- ୯ ରିପର୍ ମାନବବିହୀନ ଡ୍ରୋନକୁ ମଧ୍ୟ ଖସାଇଦିଆଯାଇଛି।

ଇରାନ୍‌ର ଏହି ଦାବି ପରେ ଆମେରିକୀୟ ସେନା ସ୍ୱୀକାର କରିଛି ଯେ, ଏକ ମାନବବିହୀନ ସବମେରିନ୍ ତ୍ରୁଟି କାରଣରୁ ଅଚଳ ହୋଇଥିଲା। ପେଣ୍ଟାଗନ୍‌ର ଜଣେ ମୁଖପାତ୍ରଙ୍କ ଅନୁସାରେ, ସବମେରିନଟି ▶ପୃଷ୍ଠା-୭

# ୟୁଏଇରେ ଓଡ଼ିଶାର ନିବେଶ ଅଭିଯାନ

### ଆଇଏଚ୍‌ସି-ଆଦାନୀ ସହ ୧୪ ପ୍ରକଳ୍ପ ପାଇଁ ବୁଝାମଣା

■ ଭୁବନେଶ୍ୱର, ୯।୯ (ସମିସ): ଓଡ଼ିଶାକୁ ବ୍ୟାପକ ପୁଞ୍ଜିନିବେଶ ଆଣିବା ଲକ୍ଷ୍ୟରେ ୟୁଏଇରେ ଅନୁଷ୍ଠିତ ନିବେଶ ଅଭିଯାନର ପ୍ରଥମ ଦିନରେ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନି (ଆଇଏଚ୍‌ସି) ଓ ଆଦାନୀ ଗ୍ରୁପ୍ ସହ ଓଡ଼ିଶା ସରକାର ୧୪ଟି ବୁଝାମଣା କରିଛନ୍ତି। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକରେ୨ ଲକ୍ଷ ୧୦ ହଜାର ୫୦୦ କୋଟି ନିବେଶର ସମ୍ଭାବନା ରହିଛି ଓ ଏଥିରେ ୮ ଲକ୍ଷ ୬୮ ହଜାର ୨୦୦ ନିଯୁକ୍ତି ସୃଷ୍ଟିର ଆକଳନ କରାଯାଇଛି।

ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ (ଆଇଏଚସି)ର ବିଭିନ୍ନ ବ୍ୟବସାୟିକ ୟୁନିଟ୍ ଓ ଗ୍ରୁପ୍ କମ୍ପାନୀଗୁଡ଼ିକ ସହ ଏକ ଗୁରୁତ୍ୱପୂର୍ଣ୍ଣ ରାଉଣ୍ଡଟେବୁଲ୍ ବୈଠକରୁ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।




**ରାୟଗଡ଼ା-ସୁନ୍ଦରଗଡ଼ରେ ଆଲୁମିନିୟମ ପ୍ରକଳ୍ପ ପ୍ରସ୍ତାବ**

**ପାରାଦୀପରେ ପେଟ୍ରୋକେମିକାଲ୍ ଡାଉନଷ୍ଟ୍ରିମ୍ କମ୍ପ୍ଲେକ୍ସ**

**ଆଇବିପିଜି ସହ ମେମୋରାଣ୍ଡମ୍ ଅଫ୍ କୋଅପରେସନ୍**

ଆଇଏଚ୍‌ସିର ବ୍ୟବସାୟିକ ୟୁନିଟ୍ ଓ ଗ୍ରୁପ୍ କମ୍ପାନିଗୁଡ଼ିକ ସହ ହୋଇଥିବା ଏହି ବୈଠକରେ ଆଲୁମିନିୟମ ପ୍ରକଳ୍ପ ସମେତ ବିଭିନ୍ନ ଶିଳ୍ପ ▶ପୃଷ୍ଠା-୭

## ସ୍କ୍ରବ୍ ଟାଇଫସ୍‌ରେ ବୃଦ୍ଧଙ୍କ ମୃତ୍ୟୁ !

■ ବରଗଡ଼, ୯।୯ (ସମିସ): ସ୍କ୍ରବଟାଇଫସରେ ଆକ୍ରାନ୍ତ ହୋଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ମୃତକ ହେଲେ ବରଗଡ଼ ଅମ୍ବାପାଲିର ୬୮ ବର୍ଷୀୟ ଭାଗିରଥୀ ଭୋଇ। କିଛିଦିନ ଧରି ଭାଗିରଥୀଙ୍କ ମୁଣ୍ଡବିନ୍ଧା ସହ ଜ୍ୱର ଓ ଆଖି ଦରଜ ହେବାରୁ ତାଙ୍କୁ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହାପରେ ତାଙ୍କ ରକ୍ତ ନମୂନା ପରୀକ୍ଷା ପରେ ସେ ସ୍କ୍ରବଟାଇଫସରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ହେଲେ ବିଳମ୍ବରେ ଚିକିତ୍ସା ପାଇଁ ଆସିଥିବାରୁ ତାଙ୍କ ବିଭିନ୍ନ ଅଙ୍ଗ ଆକ୍ରାନ୍ତ ହୋଇଥିବା ଡାକ୍ତର କହିଥିଲେ ବୋଲି ତାଙ୍କ ପୁଅ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇନଥିଲେ। ଏହାକୁ ନେଇ ଏକ ଟିମ୍ ତଦନ୍ତ କରୁଛି। ତଦନ୍ତ ପରେ ପୁରା ଘଟଣା ସାମ୍ନାକୁ ଆସିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।

### ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାର ଏସ୍‌ଟିଏଫ୍ ତଦନ୍ତ ଆରମ୍ଭ

# କଳା ଥାର୍ ଗାଡ଼ିକୁ ନେଇ ବଢୁଛି ସନ୍ଦେହ

■ ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୯।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଥଭଉଁରୀ ଗ୍ରାମପଞ୍ଚାୟତ ବିଚିତ୍ରପୁର ଅଞ୍ଚଳର ଝାଉଁ ଜଙ୍ଗଲରୁ ୫ଟି ଓରାଙ୍ଗଉଟାନ୍ ଶାବକ ଉଦ୍ଧାର ଘଟଣାକୁ ନେଇ ରହସ୍ୟ ଦିନକୁ ଦିନ ଘନୀଭୂତ ହେବାରେ ଲାଗିଛି। ଭାରତରେ ସ୍ୱାଭାବିକ ଭାବେ ଦେଖାଯାଉନଥିବା ଏହି ବିରଳ ବନ୍ୟପ୍ରାଣୀଙ୍କୁ ଭୋଗରାଇର ଏକ ଉପକୂଳ ଅଞ୍ଚଳର ଝାଉଁ ଜଙ୍ଗଲରେ କିଏ, କାହିଁକି ଓ କେଉଁଠାରୁ ଆଣି ଛାଡ଼ିଥିଲା, ତାହା ଏବେ ତଦନ୍ତକାରୀଙ୍କ ପାଇଁ ବଡ଼ ପ୍ରଶ୍ନ ହୋଇଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀ ଚୋରାଚାଲାଣ ଦିଗକୁ ମଧ୍ୟ ତଦନ୍ତ କରାଯାଉଛି। ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ମାଫିଆଙ୍କ ସମ୍ପୃକ୍ତି ରହିଛି କି ନାହିଁ, ତାହା ଜାଣିବା ପାଇଁ ତଦନ୍ତର



**ସିସିଟିଭି ଫୁଟେଜ୍ ଆଧାରରେ ଖୋଳତାଡ଼**

ପରିସର ବଢ଼ାଯାଇଛି।

ସୂଚନାନୁସାରେ, କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ବଡ଼ପାହି ମୌଜାର ରଣକୋଠା ପିଆରଏଫ୍ ସଂରକ୍ଷିତ ଝାଉଁ ଜଙ୍ଗଲରୁ ଗତକାଲି ସକାଳେ ବନ ବିଭାଗ ୫ଟି ଓରାଙ୍ଗଉଟାନ୍ ଶାବକଙ୍କୁ ଉଦ୍ଧାର କରିଥିଲା। ଏହି ସ୍ଥାନଟି ବିଚିତ୍ରପୁର ନେଚର କ୍ୟାମ୍ପର ପଛପଟ ଅଞ୍ଚଳରେ ରହିଛି। ଉଦ୍ଧାର ପରେ ଶାବକମାନଙ୍କୁ ଉଦୟପୁର ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ଶିମିଳିପାଳର ବରିଷ୍ଠ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ୫ଟି ▶ପୃଷ୍ଠା-୭

## ଓଲଟ ପାଲଟ



ଓଡିଶା କଂଗ୍ରେସ ସଂଘର୍ଷ କରୁଛି<br>
ବିଜେପି ପଡ଼େ ଖାଲରେ !<br>
ବିଜେଡି ଦଳଟି କଡ଼ ଲେଉଟାଏ<br>
ଶଙ୍ଖ ହୁଳ ହୁଳି ତାନରେ !<br>
ଜନତା କଂଗ୍ରେସ ରାଲିରେ !<br>
ଆଣ୍ଠେଇ ପେଟେଇ ଚାଲିଅଛି ଦଳ<br>
ସାହାରାର ମରୁ ବାଲିରେ !<br>
ପୌର ପଞ୍ଚାୟତ ଭୋଟ ଡେଙ୍ଗୁରା<br>
ମାଡ଼ ପଡିବାରୁ କାନରେ !!

-ଯାଯାବର

### ଆନ୍ଥ୍ରୋପିକ୍ ଗବେଷକଙ୍କ ଭୟଙ୍କର ଚେତାବନୀ

# ମଣିଷକୁ ଧ୍ୱଂସ କରିଦେବ ଏଆଇ

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦ୍ରୁତ ବିକାଶ ମଣିଷ ସମାଜ ପାଇଁ ଯେତିକି ସୁଯୋଗ ସୃଷ୍ଟି କରୁଛି, ତହିଁରୁ ଅଧିକ ବିପଦ ସୃଷ୍ଟି କରିଛି। କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଦ୍ରୁତ ପ୍ରତିଯୋଗିତା ସୁପର ଇଣ୍ଟେଲିଜେନ୍ସ ଆଡ଼କୁ ଅଗ୍ରସର ହେଉଛି। କମ୍ପାନୀଗୁିକ ବିପଜ୍ଜନକ ଭାବରେ ନିଜକୁ ନିଜେ ବିକଶିତ କରୁଥିବା 'ସୁପର ଇଣ୍ଟେଲିଜେନ୍ସ' ପାଇଁ ବିପଦପୂର୍ଣ୍ଣ ଭାବରେ ଅଗ୍ରସର ହେଉଛନ୍ତି। ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ଏବଂ ଆସନ୍ତା ଦଶନ୍ଧି ସୁଦ୍ଧା ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ଅତି ଶକ୍ତିଶାଳୀ ହୋଇ ମାନବ ଜାତିକୁ ଧ୍ୱଂସ କରିଦେଇପାରେ ବୋଲି ଚେତାବନୀ ଦେଇଛନ୍ତି ଏଆଇ କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଗବେଷଣା ସଂସ୍ଥା ଆନ୍ଥ୍ରୋପିକର ଗବେଷକ ଇଭାନ ହୁବିଙ୍ଗର। ସେହିପରି ଆନ୍ଥ୍ରୋପିକ୍‌ର ଅନ୍ୟଜଣେ ଗବେଷକ ମଧ୍ୟ



ଅନୁରୂପ ଆଶଙ୍କା କରିବା ସହ ନିଜ ପଦରୁ ଇସ୍ତଫା ଦେଇଛନ୍ତି।

ଆନ୍ଥ୍ରୋପିକ୍‌ର ଆଲାଇନମେଣ୍ଟ ସାଇନ୍ସ ଟିମ୍‌ର ମୁଖ୍ୟ ଇଭାନ୍ ହୁବିଙ୍ଗର୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କରିଥିବା ଆଶଙ୍କା ସାରା ବିଶ୍ୱକୁ ଚକିତ କରିଛି। ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକରେ ହବିଙ୍ଗରଙ୍କ ଏହି ଚେତାବନୀକୁ ଗୁରୁତର ଭାବରେ ଗ୍ରହଣ କରିଛନ୍ତି। ହୁବିଙ୍ଗର

▶▶ **ଆସନ୍ତା ଦଶନ୍ଧିରେ ଅତି ଶକ୍ତିଶାଳୀ ହେବ ସୁପର ଇଣ୍ଟେଲିଜେନ୍ସ**

▶▶ **ନିଜକୁ ବିକଶିତ କରୁଥିବା ଏଆଇକୁ ନିୟନ୍ତ୍ରଣ ପାଇଁ ମଣିଷ ଅକ୍ଷମ**

▶▶ **ଅନୁରୂପ ଆଶଙ୍କା କରି ପଦତ୍ୟାଗ କଲେ ଅନ୍ୟ ଜଣେ ଗବେଷକ**

କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ମଣିଷଜାତି ପାଇଁ ଚରମ ବିପଦ ସୃଷ୍ଟି କରିପାରେ ଓ ଆଗାମୀ ୧୦ ବର୍ଷ ମଧ୍ୟରେ ଏହି ଅଘଟଣ ଘଟିବାର ଆଶଙ୍କା ଯଥେଷ୍ଟ। ଏଆଇ ସୁରକ୍ଷା ଓ ଆଲାଇନମେଣ୍ଟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହୁବିଙ୍ଗର କହିଛନ୍ତି ଯେ ଏଆଇ ବ୍ୟବସ୍ଥାର ଲକ୍ଷ୍ୟ, ଆଚରଣ ଓ ନିଷ୍ପତ୍ତିକୁ ମଣିଷର ମୂଲ୍ୟବୋଧ ଏବଂ ଉଦ୍ଦେଶ୍ୟ ସହ ସମନ୍ୱିତ ରଖିବାର ପ୍ରକ୍ରିୟାକୁ ଆଲାଇନମେଣ୍ଟ ବୋଲି କୁହାଯାଏ। ମାତ୍ର ଭବିଷ୍ୟତରେ ଯଦି ଏଆଇ ବ୍ୟବସ୍ଥା ମଣିଷଠାରୁ ଅଧିକ କ୍ଷମତାଶାଳୀ ହୋଇଯାଏ, ତେବେ ଏହାକୁ ମଣିଷର ନିୟନ୍ତ୍ରଣ ମଧ୍ୟରେ ▶ପୃଷ୍ଠା-୭

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ମୃତ

■ ପଦ୍ମପୁର, ୯।୯ (ସମିସ): ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଗୁଲୁଗୁଡା ପଞ୍ଚାୟତର ତାରପାଗୁଡା ଗ୍ରାମରେ ନୂଆ ପାଇଖାନା ଟାଙ୍କିର ସେଣ୍ଟ୍ରି ପଟା ବାହାର କରିବାକୁ ଯାଇ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତତକଙ୍କ ମଧ୍ୟରୁ ୨ଜଣ ମିସ୍ତ୍ରୀ ହୋଇଥିବା ବେଳେ, ଅନ୍ୟ ଜଣକ ଦିନ ମଜୁରିଆ । ମୃତକ ମାନେ ହେଲେ କେନ୍ଦୁଗୁଡା ଗ୍ରାମର ଆଲୋକ କରାଡ଼ (୪୭), ପ୍ରକାଶ ଲିମା (୪୫) ଓ ହରିଶ୍ଚନ୍ଦ୍ର ବୀର (୪୬)। ଘଟଣା ସମ୍ପର୍କରେ ଖବର ପାଇ ପଦ୍ମପୁର ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତ ମୃତଦେହ ଗୁଡ଼ିକୁ ପଦ୍ମପୁର ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଛନ୍ତି। ଉକ୍ତ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସଂପାଦକ ରମାକାନ୍ତ ମାଝୀ ପଦ୍ମପୁର ମେଡିକାଲରେ ପହଞ୍ଚି



ଡାକ୍ତରଙ୍କ ସହ ଶବ ବ୍ୟବଚ୍ଛେଦ ପାଇଁ ଗୁଣପୁର ପଠାଇବା ପାଇଁ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ପଦ୍ମପୁର ଆଇଆଇସି ଧରଣୀଧର ପ୍ରଧାନ ଓ ପୁଲିସ ଘଟଣାର ତଦନ୍ତ କରୁଛନ୍ତି। ପ୍ରଥମେ ମିସ୍ତ୍ରୀ ଜଣଙ୍କ ପଟା କାଢିବାକୁ ଟାଙ୍କି ଭିତରେ ପଶିଥିବା ବେଳେ ସେ ଶ୍ୱାସରୁଦ୍ଧ ହୋଇ ଚିକିତ୍ସା କରିବାରୁ ତାଙ୍କୁ ଉଦ୍ଧାର କରିବାକୁ ଜଣ ପରେ ଜଣେ ଯାଇ ପ୍ରାଣ ହରାଇଥିଲେ। ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ତେଲଙ୍ଗାନା ବିଧାନସଭାରେ ହଙ୍ଗାମା; ୨୨ ବିଧାୟକ ନିଲମ୍ବିତ


ହାଇଦରାବାଦ, ୯।୯ (ଏଜେନ୍ସି): ତେଲଙ୍ଗାନା ବିଧାନସଭାରେ ବୁଧବାର ପ୍ରବଳ ହଟ୍ଟଗୋଳ ପରେ ବିଆରଏସ୍‌ର କାର୍ଯ୍ୟକାରୀ ସଭାପତି କେଟି ରାମା ରାଓଙ୍କ ସମେତ ୨୨ ଜଣ ବିଧାୟକଙ୍କୁ ଚଳିତ ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବିତ କରାଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିର ଅବନତି ନେଇ ତୁରନ୍ତ ଆଲୋଚନା ଦାବି କରି ବିଆରଏସ୍ ବିଧାୟକମାନେ



ବିଧାନସଭାରେ ସ୍ଲୋଗାନ ଦେବା ସହ ବାଚସ୍ପତିଙ୍କ ଆସନ ସମ୍ମୁଖରେ ଥିବା ଗୃହର ମଧ୍ୟଭାଗକୁ ଚାଲିଯାଇଥିଲେ। ବିଆରଏସ୍ ନେତା କେଟିଆର୍ ପୁଲିସ୍ ପକ୍ଷରୁ ମହିଳା ବିଧାୟକମାନଙ୍କ ପ୍ରତି କଥିତ ଦୁର୍ବ୍ୟବହାର ଏବଂ ଦଳର ମୁଖ୍ୟ ତଥା ବିରୋଧୀ ଦଳ ନେତା କେ ଚନ୍ଦ୍ରଶେଖର ରାଓଙ୍କୁ ମିଳୁଥିବା କଥିତ ହତ୍ୟା ଧମକ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଣିଥିଲେ। ବାଚସ୍ପତି ଗଦ୍ଦମ ପ୍ରସାଦ କୁମାର, ଉପମୁଖ୍ୟମନ୍ତ୍ରୀ ମଲ୍ଲଭଟ୍ଟି ବିକ୍ରମାର୍କା ଏବଂ ବିଧାନସଭା ବ୍ୟାପାର ମନ୍ତ୍ରୀ ଡି. ଶ୍ରୀଧର ବାବୁ ବିଧାୟକମାନଙ୍କୁ ନିଜ ଆସନକୁ ଫେରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ। ପରେ ମନ୍ତ୍ରୀ ଡି ଶ୍ରୀଧର ବାବୁ ନିଲମ୍ବନ ପ୍ରସ୍ତାବ ଆଣିଥିଲେ ଏବଂ ବାଚସ୍ପତି ୨୨ ଜଣ ବିଆରଏସ୍ ବିଧାୟକଙ୍କୁ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବନ ଘୋଷଣା କରିଥିଲେ।

# ଘରକୁ ଫେରିଲେ ରୁଷିଆରେ ଅଟକ ଭାରତୀୟ ଇଞ୍ଜିନିୟର

ମସ୍କୋ, ୯।୯ (ଏଜେନ୍ସି): ମଦ୍ୟପାନ କରିବା ଓ ଆମ୍ବୁଲାନ୍ସର କାଚ ଭାଙ୍ଗିବା ଅଭିଯୋଗରେ ରୁଷିଆର ମସ୍କୋରେ ଅଟକ ଥିବା ଭାରତୀୟ ଇଞ୍ଜିନିୟର ଚନ୍ଦନ ଗୁପ୍ତା ମୁକ୍ତ ହୋଇ ଶେଷରେ ଘରକୁ ଫେରିଛନ୍ତି। ତାଙ୍କ ପତ୍ନୀ ସ୍ନେହା ଗୁପ୍ତା ଏହି ସୂଚନା ଦେଇଛନ୍ତି। ଚନ୍ଦନଙ୍କ ନିଯୁକ୍ତିଦାତା ନୋଏଡାସ୍ଥିତ ଏକ କମ୍ପାନୀ ରୁଷିଆରେ ତାଙ୍କ ପାଇଁ ଆଇନଗତ



ସହାୟତା ଯୋଗାଇଥିଲା। ଏହାର ଫଳରେ ଚନ୍ଦନ ମୁକ୍ତ ହୋଇଥିବା ସ୍ନେହା କହିଛନ୍ତି। ସେ କମ୍ପାନୀ ଓ ତାଙ୍କୁ ସହାୟତା କରିଥିବା ବିଜେପି ସାଂସଦ ସୀମା ଦ୍ୱିବେଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାନପୁରର ବାସିନ୍ଦା ଚନ୍ଦନ କାର୍ଯ୍ୟଭିସାରେ ପତ୍ନୀ ଓ ୧୦ ବର୍ଷର ପୁଅ ସହ ମସ୍କୋରେ ରହୁଥିଲେ।

# ଭାଇରାଲ ଭିଡିଓ ପରେ ଯୁବତୀଙ୍କୁ ହତ୍ୟା କଲେ ବାପା-ଭାଇ

ଅହମଦାବାଦ, ୯।୯ (ଏଜେନ୍ସି): ଜଣେ ଯୁବକଙ୍କ ସହ ଭିଡିଓ ଭାଇରାଲ ହେବା ପରେ ୨୨ ବର୍ଷୀୟା ଯୁବତୀଙ୍କୁ ହତ୍ୟା କରାଯାଇଛି। ପରିବାରର ସମ୍ମାନ ନଷ୍ଟ ହେବା ଆଶଙ୍କାରେ ସମ୍ପୃକ୍ତ ଯୁବତୀଙ୍କୁ ତାଙ୍କ ବାପା ଓ ଭାଇ ହତ୍ୟା କରିଥିବା



ଅଭିଯୋଗ ହୋଇଛି। ମୃତ ଯୁବତୀ ସୋଫିଆ ପୂର୍ବରୁ ଏକ ହସ୍ପିଟାଲରେ ରିସେପ୍‌ସନିଷ୍ଟ ଭାବେ କାମ କରୁଥିଲେ। ଅଗଷ୍ଟ ୧୨ ରାତିରେ ସୋଫିଆଙ୍କ ବାପା ମୋହମ୍ମଦ ଫାରୁକ୍ ଓ ଭାଇ ମୋହମ୍ମଦ ହାବିଲ ତାଙ୍କୁ ମୋଟରସାଇକେଲରେ ବୁଲାଇ ନେଇଥିଲେ। ଗେଲଜିପୁରା ଗାଁ ନିକଟ ଏକ ନିଛାଟିଆ ରାସ୍ତାରେ ହାବିଲ ହାତୁଡ଼ିରେ ସୋଫିଆଙ୍କ ମୁଣ୍ଡକୁ ତିନିଥର ଆଘାତ କରି ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ପରେ ତାଙ୍କ ଶରୀରକୁ ମୁଖ୍ୟ ରାସ୍ତାକୁ ନେଇ ମୋଟରସାଇକେଲକୁ କ୍ଷତିଗ୍ରସ୍ତ କରି ଘଟଣାକୁ ସଡ଼କ ଦୁର୍ଘଟଣାର ରୂପ ଦିଆଯାଇଥିବା ଅଭିଯୋଗ ହୋଇଛି। ହାବିଲ ପୁଲିସକୁ ଏକ ଦ୍ରୁତଗାମୀ ଗାଡ଼ି ଧକ୍କା ଦେଇଥିବା କହିଥିଲେ। ପରେ ତଦନ୍ତରେ ଘଟଣାଟି ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ସାମ୍ନାକୁ ଆସିଥିଲା। ପ୍ରାୟ ତିନି ମାସ ପୂର୍ବରୁ ସୋଫିଆଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା।

# ଟିଭିକେ-କଂଗ୍ରେସ ମେଣ୍ଟ ନାମ ଘୋଷିତ

ଚେନ୍ନଇ, ୯।୯ (ଏଜେନ୍ସି): ତାମିଲନାଡୁର ଟିଭିକେ ମୁଖ୍ୟ ବିଜୟଙ୍କ ନେତୃତ୍ୱାଧୀନ ରାଜନୈତିକ ମେଣ୍ଟର ଆନୁଷ୍ଠାନିକ ନାମ ବୁଧବାର ଘୋଷଣା ହୋଇଛି। ଏହାର ନାମ 'ସେକ୍ୟୁଲାର ସୋସିଆଲ ଜଷ୍ଟିସ ଭିକ୍ଟ୍ରି ଆଲାଏନ୍ସ' ରଖାଯାଇଛି। ଚେନ୍ନଇର ପନେୟୁରସ୍ଥିତ ଟିଭିକେ ମୁଖ୍ୟାଳୟରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ କଂଗ୍ରେସ, ଭିସିକେ, ଏମଡିଏମକେ ଏବଂ ଆଇୟୁଏମଏଲର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ତାମିଲନାଡୁ କଂଗ୍ରେସ କମିଟି ସଭାପତି ବି ମାଣିକମ୍ ଟାଗୋର, ଭିସିକେ ପ୍ରମୁଖ ଥୋଲ୍ ତିରୁମାଭାଲଭାନ୍, ଏମଡିଏମକେ ନେତା ଭାଇକୋ ଏବଂ ଆଇୟୁଏମଏଲ ନେତା କେଏମ୍. କାଦର ମୋହିଦ୍ଦୀନ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମେଣ୍ଟର ଆନୁଷ୍ଠାନିକ ଢାଞ୍ଚା ସ୍ଥିର କରିବା, ଏକ ସାଧାରଣ ନ୍ୟୂନତମ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା, ଷ୍ଟିଅରିଂ କମିଟି ଗଠନ ଏବଂ ସଂଯୋଜକ ମନୋନୀତ କରିବା ନେଇ ଆଲୋଚନା ହୋଇଥିଲା।



# ବିଶ୍ୱର ସର୍ବାଧିକ: ପ୍ରଧାନମନ୍ତ୍ରୀଙ୍କ ଦରମା ୨୭ କୋଟି

ସିଙ୍ଗାପୁର, ୯।୯ (ଏଜେନ୍ସି): ସିଙ୍ଗାପୁର ସରକାର ଦେଶର ରାଜନୈତିକ ନେତାଙ୍କ ବେତନ ବୃଦ୍ଧି ଘୋଷଣା କରିଛନ୍ତି। ଏହା ପରେ ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍‌ଙ୍କ ବାର୍ଷିକ ବେତନ ପ୍ରାୟ ୨୭ କୋଟି ଟଙ୍କାକୁ ବୃଦ୍ଧି ପାଇବ। ତାଙ୍କ ବେତନରେ ୬୦ ପ୍ରତିଶତରୁ ଅଧିକ ବୃଦ୍ଧି ହେବ। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ବାର୍ଷିକ ବେତନ ପ୍ରାୟ ୧୬.୫ କୋଟି ଟଙ୍କା ଥିବାବେଳେ ନୂଆ ବ୍ୟବସ୍ଥାରେ ଏହା ପ୍ରାୟ ୨୭ କୋଟି ଟଙ୍କା ହେବ। ଉପ-ପ୍ରଧାନମନ୍ତ୍ରୀଙ୍କ ବେତନ ପ୍ରାୟ ୧୪ କୋଟିରୁ ୨୨.୯୪ କୋଟି ଟଙ୍କା ଏବଂ ମନ୍ତ୍ରୀମାନଙ୍କ ବେତନ ପଦ ଓ ଦାୟିତ୍ୱ ଅନୁସାରେ ୧୩.୫ କୋଟିରୁ ୨୧.୫୯ କୋଟି ଟଙ୍କା ମଧ୍ୟରେ ରହିବ। ତେବେ ଏହା ମାନକ ବେତନ ହୋଇଥିବାରୁ ସମସ୍ତ ମନ୍ତ୍ରୀ ତୁରନ୍ତ ଏହି ପରିମାଣର ବେତନ ପାଇବେ ନାହିଁ। ଅକ୍ଟୋବର ୧୫ରୁ ବର୍ତ୍ତମାନର ରାଜନୈତିକ ପଦାଧିକାରୀଙ୍କୁ ସର୍ବାଧିକ ୯ ପ୍ରତିଶତ ଏକକାଳୀନ ବୃଦ୍ଧି ମିଳିବ। ପରବର୍ତ୍ତୀ ବୃଦ୍ଧି କାର୍ଯ୍ୟଦକ୍ଷତା ଓ ଦାୟିତ୍ୱ ଆଧାରରେ ନିର୍ଦ୍ଧାରିତ ହେବ। ପ୍ରଧାନମନ୍ତ୍ରୀ ୱଙ୍ଗ୍ କହିଛନ୍ତି, ନିଜ ବେତନରେ ହେବାକୁ ଥିବା ସମ୍ପୂର୍ଣ୍ଣ ବୃଦ୍ଧି ରାଷ୍ଟ୍ରହିତକର କାର୍ଯ୍ୟରେ ଦାନ କରିବେ। ଦେଶକୁ ଦକ୍ଷ ରାଜନୈତିକ ନେତୃତ୍ୱ ଯୋଗାଇବା ଏବଂ ଭଲ ଶାସନ ବଜାୟ ରଖିବା ପାଇଁ ଆକର୍ଷଣୀୟ ବେତନ ଆବଶ୍ୟକ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ସିଙ୍ଗାପୁରରେ ୧୫ ବର୍ଷ ପରେ ମନ୍ତ୍ରୀସ୍ତରୀୟ ବେତନରେ ସଂଶୋଧନ କରାଯାଇଛି। ସଂଶୋଧିତ ବ୍ୟବସ୍ଥା ଅକ୍ଟୋବର ୧୫ରୁ ଲାଗୁ ହେବ। ସେହିପରି ସାଂସଦମାନଙ୍କ ମାସିକ ଭତ୍ତା ୧୩, ୭୫୦ ସିଙ୍ଗାପୁର ଡଲାରରୁ ବଢ଼ି ୧୮, ୫୦୦ ଡଲାର ହେବ। ସରକାରଙ୍କ ଯୁକ୍ତି ହେଉଛି, ରାଜନୈତିକ ନେତାଙ୍କୁ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଆକର୍ଷିତ କରିବା ଏବଂ ଦୁର୍ନୀତିର ଆଶଙ୍କା କମାଇବା ପାଇଁ ପ୍ରତିଯୋଗୀମୂଳକ ବେତନ ଆବଶ୍ୟକ। ସିଙ୍ଗାପୁର ବିଶ୍ୱର ସବୁଠୁ କମ୍ ଦୁର୍ନୀତିଗ୍ରସ୍ତ ଦେଶଗୁଡ଼ିକ ମଧ୍ୟରେ ରହିଆସିଛି।

# ଆମେରିକାର ସ୍ଥାୟୀ ବାସିନ୍ଦା ହେବାକୁ ଭାରତୀୟଙ୍କ ଭିଡ଼



**ଇବି-୫ ଭିସା ଆବେଦନରେ ଚୀନ୍‌କୁ ପଛରେ ପକାଇଲା ଭାରତ**

ୱାସିଂଟନ, ୯।୯ (ଏଜେନ୍ସି): ଆମେରିକାରେ ସ୍ଥାୟୀ ବାସ ଅଧିକାର ପାଇଁ ଆବେଦନ କରୁଥିବା ବିଦେଶୀଙ୍କ ମଧ୍ୟରେ ଭାରତୀୟମାନେ ଚୀନ୍‌କୁ ପଛରେ ପକାଇ ସର୍ବାଗ୍ରେ ରହିଛନ୍ତି। ଗତ ୩ ବର୍ଷରେ ନିବେଶକ ଭିତ୍ତିକ ଇବି-୫ ଭିସା ପାଇଁ ୧୨, ୯୦୦ ଭାରତୀୟ ଆବେଦନ କରିଥିବା ବେଳେ ଚୀନ୍‌ରୁ ୯, ୮୭୫ ଜଣ ଆବେଦନ କରିଛନ୍ତି। ଇବି-୫ ଭିସା ମାଧ୍ୟମରେ ଆମେରିକାରେ ନିର୍ଦ୍ଧାରିତ ପରିମାଣର ନିବେଶ କରି ସ୍ଥାୟୀ ବାସ ଅଧିକାର ପାଇବାର ସୁଯୋଗ ମିଳିଥାଏ। ଏଥିପାଇଁ ପ୍ରାୟ ୭.୫ କୋଟି ଟଙ୍କା ନିବେଶ ସହ ଅତିକମ୍‌ରେ ୧୦ଟି ନିଯୁକ୍ତି ସୃଷ୍ଟି କରିବାର ନିୟମ ରହିଛି। ଆମେରିକାରେ ଏଚ୍-୧ବି ଭିସା ଉପରେ ନିୟମ କଡ଼ାକଡ଼ି ହେବା ପରେ ଭାରତୀୟଙ୍କ ମଧ୍ୟରେ ଇବି-୫ ପ୍ରତି ଆଗ୍ରହ ବଢ଼ିଥିବା କୁହାଯାଇଛି। ଅନ୍ୟପକ୍ଷରେ, ଟ୍ରମ୍ପଙ୍କ 'ଗୋଲ୍ଡ କାର୍ଡ' ଯୋଜନା ପ୍ରତି ଆଗ୍ରହ ଦେଖାଯାଇନାହିଁ। ଏଥିପାଇଁ ପ୍ରାୟ ୯.୫ କୋଟି ଟଙ୍କା ନିବେଶର ବ୍ୟବସ୍ଥା ଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ଜଣଙ୍କୁ ଏହି କାର୍ଡ ମିଳିଥିବା ଖବରରେ କୁହାଯାଇଛି। ସେହିପରି, ଅଧ୍ୟାପକ, ବୈଜ୍ଞାନିକ ଓ ଗବେଷକଙ୍କ ପାଇଁ ଉଦ୍ଦିଷ୍ଟ ଇବି-୧ ଭିସାର ୭, ୦୦୦ କୋଟା ମଧ୍ୟ ନିର୍ଦ୍ଧାରିତ ସମୟର ପ୍ରାୟ ଏକ ମାସ ପୂର୍ବରୁ, ଗତ ୧ ତାରିଖରେ ଶେଷ ହୋଇଯାଇଛି।



# ସାହସ କଲ କେମିତି ?

## ନୋଏଡ଼ା ମାଜିଷ୍ଟ୍ରେଟ୍‌ଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**କକ୍ରୋଚ୍ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଛାତ୍ରଙ୍କୁ ମିଳିଥିଲା ୫ ଲକ୍ଷର ନୋଟିସ୍**

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଦିଲ୍ଲୀର ଯନ୍ତର ମନ୍ତରରେ 'କକ୍ରୋଚ୍ ଜନତା ପାର୍ଟି' ଆନ୍ଦୋଳନରେ ସାମିଲ ହୋଇଥିବା ଜଣେ ଛାତ୍ରଙ୍କୁ ୫ ଲକ୍ଷ ଟଙ୍କାର ନୋଟିସ ଦେଇ ଅଡୁଆରେ ପଡ଼ିଯାଇଛନ୍ତି ଗ୍ରେଟର ନୋଏଡ଼ାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍। ଆନ୍ଦୋଳନରେ ସାମିଲ କୌଣସି ଛାତ୍ରଛାତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଏଭଳି ନୋଟିସ ନେଇ ଭୀଷଣ କ୍ଷୋଭ ପ୍ରକାଶ କରିଛନ୍ତି ସର୍ବୋଚ୍ଚ ଅଦାଲତ। କୋର୍ଟ ଆଦେଶକୁ ଖାତରି ନ କରି ଏଭଳି ନୋଟିସ ଜାରି କରିବା ଲାଗି ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କିପରି ସାହାସ କଲେ ବୋଲି ପ୍ରଶ୍ନ କରିଛନ୍ତି। ଆଜି ଜଣେ ବରିଷ୍ଠ ନୋଏଡ଼ା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଏଭଳି ନୋଟିସ ସଂପର୍କରେ ଦୃଷ୍ଟି ଆକର୍ଷଣ କରିବାରୁ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ତିନିଜଣିଆ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି, ଛାତ୍ରଙ୍କ ବିରୋଧରେ କୌଣସି ଦଣ୍ଡମୂଳକ କାର୍ଯ୍ୟ ନକରିବାକୁ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ମାଜିଷ୍ଟ୍ରେଟ୍ କିପରି ନୋଟିସ୍ ଜାରି କଲେ? ପ୍ରଧାନ ବିଚାରପତି କହିଛନ୍ତି, 'ମାଜଷ୍ଟ୍ରେଟ୍ ନୋଟିସ୍ ଜାରି କରିବାକୁ କେମିତି ସାହସ କଲେ? ଆମେ ସ୍ପଷ୍ଟ କରିଥିଲୁ ଯେ କୌଣସି ଛାତ୍ରଙ୍କ ବିରୋଧରେ ବଳପୂର୍ବକ କାର୍ଯ୍ୟ ହେବ ନାହିଁ।'

ସୂଚନାଯୋଗ୍ୟ ଯେ ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ର ଅକ୍ଷତ ତ୍ରିପାଠୀ ଏହି ନୋଟିସ୍ ପାଇଥିଲେ। ପୁଲିସ୍ ଅଭିଯୋଗ କରିଥିଲା ଯେ ସେ ବିଶ୍ୱବିଦ୍ୟାଳୟର ଅନ୍ୟ ଛାତ୍ରମାନଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଉତ୍ସାହିତ କରୁଥିଲେ ଏବଂ ସରକାର ବିରୋଧୀ ଭ୍ରମାତ୍ମକ ମତ ପ୍ରଚାର କରୁଥିଲେ। ଏହା ଫଳରେ ଶାନ୍ତି ଓ ଆଇନଶୃଙ୍ଖଳା ଭଙ୍ଗ ହେବାର ଆଶଙ୍କା ଥିବା ପୁଲିସ୍ ଦାବି କରିଥିଲା। ସେପ୍ଟେମ୍ବର ୪ରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୩୦ ଅନୁଯାୟୀ ଏହି ନୋଟିସ୍ ଜାରି ହୋଇଥିଲା। ଏଥିରେ ଅକ୍ଷତଙ୍କୁ ୫ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚାଲିକା ସହ ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାର ଦେବାକୁ କୁହାଯାଇଥିଲା। ତେବେ ପରେ ପୁଲିସ୍ ନୋଟିସ୍‌ଟି ପ୍ରତ୍ୟାହାର କରିନେଇଥିଲା। ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ଛାତ୍ରମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରାଯାଉଛି। ଏହି ଘଟଣାରେ ସୁପ୍ରିମକୋର୍ଟ ତଥ୍ୟ ଓ ନୋଟିସ୍‌କୁ ରେକର୍ଡରେ ରଖିବାକୁ କହିବା ସହ ଗ୍ରେଟର ନୋଏଡା କର୍ତ୍ତୃପକ୍ଷଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ାଯିବ ବୋଲି ସୂଚନା ଦେଇଛନ୍ତି।



## ନୋଏଡା ଡିଏମ୍‌ଙ୍କୁ ୫ ଲକ୍ଷ ଜରିମାନା


**ଜ୍ଞାନେଶ କୁମାରଙ୍କ ଝିଅଙ୍କୁ ଘେରିଲେ ବିରୋଧୀ**

ପ୍ରୟାଗରାଜ, ୯।୯ (ଏଜେନ୍ସି): ଗଣମାଧ୍ୟମରେ ଏବେ ଚର୍ଚ୍ଚାରେ ଅଛନ୍ତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଝିଅ ତଥା ନୋଏଡାର ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ୍) ମେଧା ରୂପମ୍। ଏନ୍‌ଏସ୍‌ଏ ଅଧୀନରେ ବେଆଇନ ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୨୪ ବର୍ଷୀୟା ଛାତ୍ରୀ ଆକୃତି ଚୌଧୁରୀଙ୍କୁ ଅଟକ ରଖାଯିବା ଘଟଣାରେ ଆହ୍ଲାବାଦ ହାଇକୋର୍ଟ ତାଙ୍କୁ ଭର୍ତ୍ସନା କରିବା ସହିତ ୫ ଲକ୍ଷ ଟଙ୍କାର ଜରିମାନା କରିଛନ୍ତି। ତାଙ୍କର ଏପରି ସ୍ୱେଚ୍ଛାଚାରୀ ଆଚରଣ ରାଜ୍ୟକୁ ପ୍ରଶାସନିକ ଏକଛତ୍ରବାଦ ଆଡ଼କୁ ନେଇଯିବ ବୋଲି କୋର୍ଟ ଚେତାବନୀ ଦେଇଛନ୍ତି। ଦୀର୍ଘ ୫ ମାସ ଧରି ଜେଲ୍‌ରେ ଥିବା ଆକୃତିଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ଅର୍ଥ ଜିଲ୍ଲାପାଳ ମେଧା ରୂପମ୍, ସମ୍ପୃକ୍ତ ପୁଲିସ ଅଧିକାରୀ ଏବଂ ଥାନା ପ୍ରଭାରୀଙ୍କ ଦରମାରୁ କାଟ କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଏହାକୁ ନେଇ ୟୁପି ସରକାର ଅଡୁଆରେ ପଡ଼ିଥିବା ବେଳେ ବିରୋଧୀ ଦଳ ରୂପମଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ମୁଖପାତ୍ର ପବନ ଖେରା ଏବଂ ଟିଏମସି ସାଂସଦ ମହୁଆ ମୈତ୍ର କହିଛନ୍ତି ପିତା ଜ୍ଞାନେଶ କୁମାରଙ୍କ ଭଳି ଝିଅ ରୂପମଙ୍କ ସ୍ୱେଚ୍ଛାଚାରିତା ଦେଶର ଆଇନ ଓ ଗଣତନ୍ତ୍ର ପାଇଁ ବିପଦ।

### ଅଣସ୍ୱୀକୃତ ରାଜନୈତିକ ଦଳଙ୍କୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

# ୧୦ ହଜାର କୋଟିର ସ୍କାମ୍ ପଛରେ କିଏ ?

ନୂଆଦିଲ୍ଲୀ, ୯।୯: ଦେଶରେ ପଞ୍ଜିକୃତ ଅଣସ୍ୱୀକୃତ ରାଜନୈତିକ ଦଳଙ୍କୁ ନେଇ ଚାଲିଛି ବଡ଼ ଧରଣର ଜାଲିଆତି। ୧୦ ହଜାର କୋଟି ଟଙ୍କାର ଟିକସକୁ ଏଡ଼ାଇବା ଲାଗି ଚାଲିଛି ମାରାତ୍ମକ ଖେଳ। କଂଗ୍ରେସ ପକ୍ଷରୁ ଆଜି ଏଭଳି ଗୁରୁତର ଅଭିଯୋଗ କରାଯାଇଛି। ୧୦ ହଜାର କୋଟିର ଏହି ସ୍କାମ ପଛରେ ମୁଖ୍ୟ ସୂତ୍ରଧର କିଏ ବୋଲି ଦଳ ପ୍ରଶ୍ନ କରିବା ସହିତ ଏହାର ଯୁଗ୍ମ ସଂସଦୀୟ ଦଳ (ଜେପିସି) ଦ୍ୱାରା ତଦନ୍ତ କରିବାକୁ ଦାବି କରିଛି।



୨୦୨୩-୨୪ ଆର୍ଥିକ ବର୍ଷରେ ୬ଟି ଅଣସ୍ୱୀକୃତ ରାଜନୈତିକ ଦଳଙ୍କୁ ୧୭୦୦ କୋଟି ଟଙ୍କା ଚାନ୍ଦା ମିଳିଥିବା ସଂପର୍କରେ ଖବର ପ୍ରକାଶ ପାଇବା ପରେ ଆଜି କଂଗ୍ରେସ ପକ୍ଷରୁ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି ଦଳୀୟ ନେତା ଶକ୍ତିସିଂ ଗୋହିଲ। ସେ ଅଭିଯୋଗ କରିଛନ୍ତି ଯେ ଦେଶରେ ପାଖାପାଖି ୩ ଜହାର ୨୬୦ ଅଣସ୍ୱୀକୃତ ରାଜନୈତିକ ଦଳ ଅଛନ୍ତି। ସେମାନେ ପ୍ରାୟ ୧୦ ହଜାର କୋଟି ଟଙ୍କାର ଚାନ୍ଦା ସଂଗ୍ରହ କରିଛନ୍ତି। ନିର୍ବାଚନ ମଇଦାନରେ ଏହି ଦଳମାନେ ଓହ୍ଲାଉନଥିବା ବେଳେ ଏମାନେ ଯେଉଁ ଚାନ୍ଦା ସଂଗ୍ରହ କରୁଛନ୍ତି, ତାହା କାହା ପକେଟକୁ ଯାଉଛି। ଆୟକର ଏଡ଼ାଇବା ଲାଗି ଏଭଳି ଜାଲିଆତି କରାଯାଉଛି। ଏଭଳି ଜାଲିଆତି ପାଇଁ ଜାଲ୍ କଂପାନୀ ଉପରେ ୨୦୦ ପ୍ରତିଶତ ଜରିମାନା ଲାଗିବା କଥା। କିନ୍ତୁ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି କାହିଁକି ନିରବ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଜାଲିଆତିରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂପୃକ୍ତ ଥିବା ଆୟକର ଅଧିକାରୀ କହୁଛନ୍ତି। ତଥାପି କାର୍ଯ୍ୟାନୁଷ୍ଠାନ ନାହିଁ। ଆୟକର ଆପାଲେଟ୍ ଟ୍ରିବ୍ୟୁନାଲ ମଧ୍ୟ ଏହାକୁ ନେଇ ଉଦବେଗ ପ୍ରକାଶ କରିଛି। ଏଭଳି ଜାଲିଆତି ଦେଶ ପାଇଁ ବିପଦ ଏବଂ କଳାଧନ ଦେଶର ଅର୍ଥନୀତି ଓ ନିରାପତ୍ତାକୁ ଦୁର୍ବଳ କରିପକାଇବ ବୋଲି ସେ କହିଛନ୍ତି। ଏଭଳି ଜାଲିଆତି କରୁଥିବା ଲୋକଙ୍କୁ ମୋଦୀ ସରକାର କାହିଁକି ସୁରକ୍ଷା ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସମଗ୍ର ଘଟଣାର ଜେପିସି ଦ୍ୱାରା ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଦଳର ଅନ୍ୟତମ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି ଯେ କଳାଧନକୁ ଧଳା କରିବା ଲାଗି ବିଜେପି ସଂରକ୍ଷଣରେ ଜାଲିଆତି ଚାଲିଛି। ଏଭଳି ଟିକସ ଚୋରି ସଂପର୍କରେ କେନ୍ଦ୍ର ସରକାରଙ୍କୁ ଜବାବ ଦେବାକୁ ପଡ଼ିବ ବୋଲି ରମେଶ ଦାବି କରିଛନ୍ତି।



# ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ ୨୦୨୨ରୁ ଚାଲିଥିଲା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ନିକଟରେ ୨୦୨୫ ନଭେମ୍ବର ୧୦ ତାରିଖରେ ଘଟିଥିବା କାର୍ ବିସ୍ଫୋରଣ ମାମଲା ଏବେ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଏହି ଆକ୍ରମଣ ତଥା ଆତଙ୍କବାଦୀ ଷଡ଼ଯନ୍ତ୍ରରେ ଉମର ଉନ୍ ନବୀକୁ ମୁଖ୍ୟ ଅଭିଯୁକ୍ତ ଭାବେ ଚିହ୍ନଟ କରିଛି। ତଦନ୍ତ ସଂସ୍ଥାର ଚାର୍ଜସିଟ୍ ଅନୁସାରେ, ବିସ୍ଫୋରଣ ଘଟିଥିବା ଗାଡ଼ି ଭିତରେ ନବୀ ନିଜେ ଉପସ୍ଥିତ ଥିଲେ ଏବଂ ବିସ୍ଫୋରଣରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ବିସ୍ଫୋରଣରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୯ ଜଣ ଆହତ ହୋଇଥିଲେ। ବିସ୍ଫୋରଣର ପ୍ରଭାବରେ ଆଖପାଖର ଗାଡ଼ି, ଦୋକାନ ଓ କୋଠାବାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏନ୍‌ଆଇଏ କହିଛି, ନବୀ ଓ ପିଣ୍ଟା ନାମରେ ପରିଚିତ ତାଙ୍କ ସହଯୋଗୀ ରାହୁଲ ଭଟ୍ଟ ୨୦୨୨ ଆରମ୍ଭରୁ ନିଷ୍କ୍ରିୟ ହୋଇପଡ଼ିଥିବା 'ଅନସାର ଗଜୱତ-ଉଲ-ହିନ୍ଦ' ଗୋଷ୍ଠୀକୁ ପୁନର୍ଜୀବିତ କରିବାକୁ ଉଦ୍ୟମ କରୁଥିଲେ। ଏନ୍‌ଆଇଏ ଏହି ଗୋଷ୍ଠୀକୁ ଭାରତୀୟ ଉପମହାଦେଶରେ ଅଲ୍-କାଏଦା ସହ ସମ୍ପୃକ୍ତ ଏକ ନୂଆ ରୂପ ବୋଲି ବର୍ଣ୍ଣନା କରିଛି। ତଦନ୍ତ ସମୟରେ ନବୀ ଓ ଅନ୍ୟ ସଦସ୍ୟଙ୍କ ନିକଟରୁ ଉଗ୍ରବାଦୀ ସାହିତ୍ୟ ମିଳିଥିବା ଏନ୍‌ଆଇଏ ଦାବି କରିଛି। ଏଥିରେ ସଶସ୍ତ୍ର ସଂଘର୍ଷ ଓ ହିଂସାକୁ ପ୍ରୋତ୍ସାହନ ଦେଉଥିବା ବିଭିନ୍ନ ଲେଖା ଥିବା ଅଭିଯୋଗ ହୋଇଛି। ଅଭିଯୋଗପତ୍ର ଅନୁସାରେ, ଷଡ଼ଯନ୍ତ୍ର ସହ ସମ୍ପୃକ୍ତ ସଦସ୍ୟ ଓ ସାମଗ୍ରୀ ପାଇଁ ଅର୍ଥ ଯୋଗାଡ଼ କରିବାରେ ନବୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଏଥିସହ ସେ ବେଆଇନ ଅସ୍ତ୍ର ସଂଗ୍ରହ ଏବଂ ଲୁଚିବା ପାଇଁ ସ୍ଥାନ ବ୍ୟବସ୍ଥା କରିବାରେ ମଧ୍ୟ ଜଡ଼ିତ ଥିବା ଏନ୍‌ଆଇଏ ଅଭିଯୋଗ କରିଛି। ଜମ୍ମୁ-କଶ୍ମୀର ଏବଂ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଏହି ଗୋଷ୍ଠୀର ସଦସ୍ୟମାନେ ବୈଠକ କରୁଥିଲେ ବୋଲି ତଦନ୍ତ ସଂସ୍ଥା କହିଛି। ଏହି ବୈଠକଗୁଡ଼ିକରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରସ୍ତୁତି ଚାଲିଥିଲା।

# ଦିଲ୍ଲୀରେ ୪୫ ହଜାର କୋଟିର 'ପିଜି' ବେପାର

- ସତ୍ୟ ନିକେତନ ଦୁର୍ଘଟଣା ପରେ ବଢ଼ିଲା ଚିନ୍ତା
- ଛାତ୍ରଙ୍କ ପାଖରେ ବିକଳ୍ପ କମ୍
- ପେଇଂ ଗେଷ୍ଟ ବ୍ୟବସ୍ଥାକୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ପ୍ରତିବର୍ଷ ଲକ୍ଷାଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ ଚାକିରି ଆଶାରେ ଦିଲ୍ଲୀକୁ ଆସୁଛନ୍ତି। କିନ୍ତୁ ବିଶେଷକରି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପର୍ଯ୍ୟାପ୍ତ ଛାତ୍ରାବାସ ନଥିବାରୁ ଅଧିକାଂଶଙ୍କୁ ବେସରକାରୀ ପେଇଂ ଗେଷ୍ଟ ଓ ଭଡ଼ାଘର ଉପରେ ନିର୍ଭର କରିବାକୁ ପଡୁଛି। ଏହା ଦିଲ୍ଲୀରେ ଏକ ବିଶାଳ ଛାତ୍ର ଆବାସ ଅର୍ଥନୀତି ସୃଷ୍ଟି କରିଛି। ମୁନିର୍କା, ସତ୍ୟ ନିକେତନ, କାଲୁ ସରାଇ ଓ ଲକ୍ଷ୍ମୀ ନଗର ଭଳି ଅଞ୍ଚଳରେ ଅନେକ ଘରକୁ ପେଇଂ ଗେଷ୍ଟ ଆବାସରେ ପରିଣତ କରାଯାଇଛି। ଛୋଟ ଘରେ ଏକାଧିକ ଶଯ୍ୟା, ସଂକୀର୍ଣ୍ଣ ସିଡ଼ି ଓ ଅଧିକ ଲୋକଙ୍କ ରହଣି ଏବେ ସାଧାରଣ ଦୃଶ୍ୟ। ଜଣେ ଛାତ୍ରଙ୍କୁ ବେଡ୍ ସେୟାର ଅର୍ଥାତ ଭାଗବଣ୍ଟା ଶଯ୍ୟା ପାଇଁ ମାସକୁ ପ୍ରାୟ ୮ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଛି। ରାଷ୍ଟ୍ରୀୟ ବାଣିଜ୍ୟ ମହାସଂଘର ଆକଳନ ଅନୁସାରେ, ଦିଲ୍ଲୀର ଭଡ଼ା ଆବାସରେ ରହୁଥିବା ଛାତ୍ରଛାତ୍ରୀମାନେ ପ୍ରାୟ ୪୫ ହଜାର କୋଟି ଟଙ୍କାର ଅର୍ଥନୈତିକ କାରବାର ସୃଷ୍ଟି କରୁଛନ୍ତି। ଏହି ବଜାର ଏବେ କେବଳ ଘରମାଲିକଙ୍କ ପାଇଁ ଅତିରିକ୍ତ ଆୟର ମାଧ୍ୟମ ନୁହେଁ, ବରଂ ଏକ ବଡ଼ ସମାନ୍ତରାଳ ଅର୍ଥନୀତିର ରୂପ ନେଇଛି। ସେପ୍ଟେମ୍ବର ୬ରେ ଦକ୍ଷିଣ ଦିଲ୍ଲୀର ସତ୍ୟ ନିକେତନରେ ଏକ ପାଞ୍ଚ ମହଲା କୋଠା ଭୁଶୁଡ଼ି ପଡ଼ିଥିଲା। ସେଠାରେ ଛାତ୍ରଙ୍କ ପାଇଁ ପେଇଂ ଗେଷ୍ଟ ଆବାସ ଚାଲୁଥିଲା। ଏହି ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଅନେକ ଛାତ୍ର ନିଜେ ରହୁଥିବା ଘରର ସୁରକ୍ଷା ନେଇ ଚିନ୍ତିତ ହୋଇପଡ଼ିଛନ୍ତି। କାନ୍ଥରେ ଫାଟ, ଛାତରୁ ପାଣି ଝରିବା, ଦୁର୍ବଳ ସିଡ଼ି ଓ ଅନୁମୋଦନ ପରେ ଅବୈଧ ଭାବେ ଯୋଡ଼ାଯାଇଥିବା ଘର ଭଳି ସମସ୍ୟା ନେଇ ଛାତ୍ରମାନେ ଅଭିଯୋଗ କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର କଲେଜଗୁଡ଼ିକରେ ଛାତ୍ରାବାସ ଆସନର ଅଭାବ ରହିଛି। ପ୍ରତିବର୍ଷ ବାହାର ରାଜ୍ୟରୁ ହଜାର ହଜାର ଛାତ୍ର ଦିଲ୍ଲୀ ଆସୁଥିବା ବେଳେ ତାଙ୍କ ମଧ୍ୟରୁ ଅଳ୍ପ କିଛିଙ୍କୁ ମାତ୍ର କ୍ୟାମ୍ପସ୍‌ରେ ରହିବାର ସୁଯୋଗ ମିଳୁଛି। କେତେକ



ଛାତ୍ରାବାସ ମରାମତି ପାଇଁ ବନ୍ଦ ଥିବାରୁ ସମସ୍ୟା ଆହୁରି ବଢ଼ିଛି। ଫଳରେ ଛାତ୍ରମାନେ ବେସରକାରୀ ପେଇଂ ଗେଷ୍ଟ ବ୍ୟବସ୍ଥାକୁ ବାଧ ହେଉଛନ୍ତି। ଚାହିଦା ଅଧିକ ଓ ଯୋଗାଣ କମ୍ ଥିବାରୁ ଘରମାଲିକମାନେ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରତିଯୋଗିତା କରିବା ପରିବର୍ତ୍ତେ ଅବସ୍ଥାନ ଓ ଭଡ଼ାକୁ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି। ସମ୍ପତ୍ତି ପରାମର୍ଶଦାତା ଦୀପେଶ ଗର୍ଗଙ୍କ ଅନୁସାରେ, ଦିଲ୍ଲୀରେ କେବଳ ପେଇଂ ଗେଷ୍ଟ ଭଡ଼ା ପାଇଁ ପ୍ରତିବର୍ଷ ପ୍ରାୟ ୧୧ରୁ ୧୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏବେ ଭଡ଼ାଟିଆମାନେ କେବଳ କଲେଜ ନିକଟତା ଓ କମ୍ ଭଡ଼ା ଦେଖୁନାହାନ୍ତି। କୋଠାର ଗୁଣବତ୍ତା, ବାୟୁ ଚଳାଚଳ, ସୁରକ୍ଷା, ରକ୍ଷଣାବେକ୍ଷଣ, ସୁବିଧା ଏବଂ ଆଇନଗତ ଅନୁମୋଦନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଛି। ସତ୍ୟ ନିକେତନ ଘଟଣା ପରେ ସରକାର ପେଇଂ ଗେଷ୍ଟ ବ୍ୟବସ୍ଥାକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେବାକୁ ଯୋଜନା କରୁଛି। ପ୍ରସ୍ତାବିତ ନିୟମ ଅନୁସାରେ ପ୍ରତ୍ୟେକ ପେଇଂ ଗେଷ୍ଟ ପରିଚାଳକଙ୍କୁ ଲାଇସେନ୍ସ ନେବା ସହ ପୁଲିସ୍ ଓ ପୌରସଂସ୍ଥାର ଯାଞ୍ଚ କରାଇବାକୁ ପଡ଼ିପାରେ।

## ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଦାବିରେ ରାଜଧାନୀରେ ଗର୍ଜିଲା ବିଜେଡି






## ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ରାଜଗାଙ୍ଗପୁର, ୯।୯ (ସମିସ): ରାଜଗାଙ୍ଗପୁର ଥାନା ଅଧୀନ ରାଜ୍ୟ ରାଜପଥ ନଂ.-୧୦ ଏଲ୍‌ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ନିକଟରେ ବୁଧବାର ଅପରାହ୍ଣରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୃସିଂହ ଚରଣ ଦାସ ଓ ଜୀବନ ବଲ୍ଲଭ ଖଣ୍ଡୁଆଳ। ସୂଚନା ଅନୁଯାୟୀ, ୨ ଜଣ ଏକ ବାଇକ୍‌ରେ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ଘଟଣା ସ୍ଥଳରୁ ତୁରନ୍ତ ଫେରାର ହୋଇଯାଇଥିଲା। ଦୁଇ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜଗାଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ଚିହ୍ନଟ କରିବାକୁ ପୁଲିସ ତନାଘନା ଆରମ୍ଭ କରିଛି।

### ପାରିବାରିକ କଳହର କରୁଣ ପରିଣତି

## ଛୁରୀ ଭୁସି ଏକମାତ୍ର ପୁଅକୁ ହତ୍ୟା କଲା ବାପା

ଭଦ୍ରକ, ୯।୯ (ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବାପା ତା' ନିଜ ପୁଅକୁ ତାଙ୍କ ବୋହୂ ସମ୍ମୁଖରେ ସାବତ ମାଆ ସହ ମିଶି ଛୁରୀ ଭୁସି ବୀଭତ୍ସ ହତ୍ୟା କରିଛି। ଏଭଳି ଅଭାବନୀୟ ଘଟଣା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚୁନିଦା ବଳଭଦ୍ରପୁର ଗାଁରେ ଘଟିଛି। ବୁଧବାର ସକାଳେ ଚୁନିଦା ଗାଁରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଉଛନ୍ତି ବିକାଶ କୁମାର ସାହୁ(୩୫)।

ମୃତ ବିକାଶଙ୍କ ପତ୍ନୀ ସ୍ମୃତିରେଖା ଦାସ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏନେଇ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ବୁଧବାର ସକାଳ ପ୍ରାୟ ୮ଟା ୩୦ରେ ସ୍ମୃତିରେଖା ନିଜ ଘରେ ଝାଡୁ ମାରୁଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଶଶୁର ରବୀନ୍ଦ୍ର ସାହୁ(୬୫) ସ୍ୱାମୀ ବିକାଶଙ୍କ ପେଟକୁ ଏକ ଧାରୁଆ ଛୁରୀରେ ଭୁସି ଦେଇଥିଲେ। ଏହି ଆକ୍ରମଣବେଳେ ସେଠାରେ ଉପସ୍ଥିତ ସାବତ ଶାଶୂ ମମତା ସାହୁ ସ୍ମୃତିରେଖା(ବୋହୂ)ଙ୍କୁ ଜାବୁଡ଼ି ଧରିଥିଲେ। ପରେ ଅନ୍ୟ କେତେକ ସମ୍ପର୍କୀୟ ଏହି ଘଟଣାରେ ସହାୟତା କରୁଥିବା ମଧ୍ୟ ସେ ଦର୍ଶାଇଛନ୍ତି। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗ୍ରାମବାସୀମାନେ ବିକାଶଙ୍କୁ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ହତ୍ୟା ଅଭିଯୁକ୍ତ ରବୀନ୍ଦ୍ରଙ୍କ ପ୍ରଥମ ପତ୍ନୀର ଏକମାତ୍ର ପୁତ୍ର ହେଉଛନ୍ତି ବିକାଶ। ବାପା ରବୀନ୍ଦ୍ର ଓ ସାବତ ମାଆ ମମତା ସାହୁଙ୍କ ସହ ବିକାଶଙ୍କର ଜମିଜମାକୁ କେନ୍ଦ୍ର କରି ପୂର୍ବରୁ ବିବାଦ ଲାଗି ରହିଥିଲା। ବିକାଶ ଗତ ମାର୍ଚ୍ଚ ୧୧ ତାରିଖରେ ବିବାହ କରିଥିଲେ। ଏହି ଘଟଣାରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଏକ ହତ୍ୟା ମାମଲା(ନଂ-୬୩୫/୨୬) ରୁଜୁ କରି ହତ୍ୟା ଅଭିଯୁକ୍ତ ବାପା ରବୀନ୍ଦ୍ର ଓ ସାବତ ମାଆ ମମତାଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।



ସାବତ ମାଆ ଓ ଅଭିଯୁକ୍ତ ବାପା ଅଟକ

## ଉପମୁଖ୍ୟମନ୍ତ୍ରୀଙ୍କ ପିଏ ପରିଚୟ ଦେଇ କୋଟିଏ ଠକେଇ

### ବିଭିନ୍ନ ମନ୍ତ୍ରୀ ଓ ନେତାଙ୍କ ସହ ଫଟୋ ଉଠାଇ ଲୋକଙ୍କୁ ଭୁଆଁ ବୁଲାଉଥିଲା

ଭଦ୍ରକ, ୯।୯ (ସମିସ): ଉପମୁଖ୍ୟମନ୍ତ୍ରୀଙ୍କ ପିଏ ପରିଚୟ ଦେଇ ଠକେଇ। କେବଳ ସେତିକି ନୁହେଁ ବିଭିନ୍ନ ମନ୍ତ୍ରୀ, ବିଧାୟକଙ୍କ ସହ ଫଟୋ ଉଠାଇ ଚାକିରିଦେବା ନାଁରେ ରାଜ୍ୟର ବିଭିନ୍ନ ଥାନାଞ୍ଚଳରୁ କୋଟିଏରୁ ଅଧିକ ଠକେଇ କରି ଫେରାର୍ ରହି ଶେଷରେ ଦୀଘା ଅଞ୍ଚଳରୁ ଭଦ୍ରକ ଟାଉନ୍ ପୁଲିସ ହାତରେ ଗିରଫ ହୋଇଥିବା ଠକ ଯୁବକ ଜଗନ୍ନାଥ ବାହାଲିଆ(୪୦)କୁ ବୁଧବାର ପୁଲିସ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଭାବରେ ନିଜକୁ ପରିଚୟ ଦେଇ ଚାକିରି ଆଶାୟୀଙ୍କଠାରୁ ପ୍ରାୟ ୧କୋଟି ଟଙ୍କା ଠକି ନେଇଥିବା ଏହି ଯୁବକକୁ ଟାଉନ ପୁଲିସ ଗତ ସୋମବାର କରିଥିଲେ। ଅଭିଯୁକ୍ତ ଜଗନ୍ନାଥ ବାହାଲିଆଙ୍କ ନିଜ ଘର ଭଦ୍ରକ ଜିଲ୍ଲା ଧାମନଗର ଥାନା ଚୂଡ଼ାକୁଟି ଅଞ୍ଚଳରେ। ସେ ରେଳବାଇ ଓ ବିଭିନ୍ନ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭାଗରେ ଚାକିରି କରାଇଦେବା ନାଁରେ ଭଦ୍ରକ, ବାଲେଶ୍ୱର, କଟକ, ପୁରୀ, ଭୁବନେଶ୍ୱର ଆଦି ବିଭିନ୍ନ ଅଞ୍ଚଳରୁ ଗତ କିଛି ବର୍ଷ ହେବ କୋଟିଏରୁ ଅଧିକ ଟଙ୍କା ଠକି ନେଇଥିଲା। ପରେ ସେ ଭଦ୍ରକ ସହରର ବିଭିନ୍ନ ଅଞ୍ଚଳରେ ଭଡ଼ାଘରେ ସପରିବାରେ ରହୁଥିଲା। ତେବେ ସିମୁଳିଆ ଅଞ୍ଚଳର ଯୁବକ ସୌରଭ ମହାପାତ୍ରଙ୍କୁ ଠକ ଜଗନ୍ନାଥ ରେଳବାଇରେ ନିଯୁକ୍ତିର ପ୍ରଲୋଭନ ଦେଖାଇ ଗତ ୩ ମାସ ତଳେ ୧୫ଲକ୍ଷ ଟଙ୍କା ନେଇଯାଇଥିଲା। ସେ ନିଯୁକ୍ତି ଆଶାୟୀଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ପିଏ ବୋଲି ପରିଚୟ ଦେବା ସହ ଶାସକ ଦଳର ବିଭିନ୍ନ ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିଧାୟକ ଓ ନେତାଙ୍କ ସହ ଉଠାଇଥିବା ଫଟୋକୁ ଦେଖାଇ ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ଏଭଳି ଠକି ଆସୁଥିଲା। ତେବେ ସୌରଭଙ୍କୁ ନିଯୁକ୍ତି ନ ମିଳିବାରୁ ସେ ଦେଇଥିବା ଟଙ୍କା ଫେରସ୍ତ ମାଗିବାରୁ ଜଗନ୍ନାଥ ଫେରାର୍ ହୋଇ ପଶ୍ଚିମବଙ୍ଗ ଦୀଘା ଅଞ୍ଚଳରେ ଲୁଚି ରହିଥିଲା। ପରେ ଟାଉନ ଥାନାରେ ସୌରଭ ଏନେଇ ଏତଲା ଦେବା ପରେ ଟାଉନ ପୁଲିସ ଘଟଣାରେ ଏକ ମାମଲା(ନଂ-୫୪୪/୨୬) ରୁଜୁ କରି ଏକ ସ୍ୱତନ୍ତ୍ର ଟିମ୍ ପଠାଇ ଦୀଘାରୁ ଜଗନ୍ନାଥକୁ ଗିରଫ କରିଥିଲେ। ବୁଧବାର ତାକୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।



- ଦୀଘାରୁ ଠକକୁ ଗିରଫ କଲା ଭଦ୍ରକ ଟାଉନ ପୁଲିସ
- ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ରୁଜୁ

ଧାମନଗର ଚୁଡ଼ାକୁଟି ଅଞ୍ଚଳର ଜଗନ୍ନାଥ ବାହାଲିଆ ଭଦ୍ରକ ଟାଉନ ଥାନା ଅଧୀନ ଜଗନ୍ନାଥପୁର ଅଞ୍ଚଳରେ ଭଡ଼ାଘରେ ରହି ନିଜର ଜାଲ ବିଛାଉଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସହ ଅନେକ ହାଇପ୍ରୋଫାଇଲ୍‌ଙ୍କ ସହ ନିଜର ଫଟୋ ଦେଖାଇ ଠକୁଥିଲା। ବଡ଼ ବଡ଼ ଲୋକଙ୍କ ସହ ସମ୍ପର୍କ ଥିବା କହି ଅନେକ ଚାକିରି ଆଶାୟୀଙ୍କଠାରୁ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠିକିଥିଲା। ପୁଲିସ ତା' ଲୋକେସନ ଟ୍ରାକିଂ କରି ଶେଷରେ ତାକୁ ଦୀଘାରୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଠକ ଜଗନ୍ନାଥର ଠକାମୀର ଚେର ରାଜ୍ୟ ତମାମ ମାଡ଼ିଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। ଟାଉନ ଥାନା ଆଇଆଇସି ଶ୍ରୀ ମିଶ୍ରଙ୍କ ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳ ସହ ବାଲେଶ୍ୱର, କଟକ, ଭୁବନେଶ୍ୱର, ପୁରୀ ଆଦି ବିଭିନ୍ନ ଥାନାରେ ଏହି ଠକାମୀ ଜନିତ ମାମଲା ରୁଜୁ ହୋଇଛି।

### ଘରୋଇକରଣ ପରେ ବହୁଗୁଣା ହୋଇପାରେ ବିମାନବନ୍ଦର ସେବା ଦେୟ

## ୬୦ରୁ ୨୦୦ ଟଙ୍କା ହୋଇପାରେ ପାର୍କିଂ ଫି'

ଭୁବନେଶ୍ୱର, ୯।୯ (ସମିସ): ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ)କୁ ଘରୋଇ ସଂସ୍ଥା ହାତକୁ ଟେକି ଦେବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରକ୍ରିୟା ଆଗକୁ ବଢ଼ିବା ପରେ ଏହାର ପ୍ରଭାବକୁ ନେଇ ଚର୍ଚ୍ଚା ଜୋର ଧରିଛି। ଦେଶର ୧୧ଟି ବିମାନବନ୍ଦରକୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରି ପିପିପି ମୋଡ୍‌ରେ ଦୀର୍ଘମିଆଦୀ ଲିଜ୍‌ରେ ଦେବା ପାଇଁ ଯୋଜନା ରହିଥିବାବେଳେ ଭୁବନେଶ୍ୱର ସହ ହୁବ୍‌ଲି ବିମାନବନ୍ଦରକୁ ଗୋଟିଏ ଗ୍ରୁପ୍‌ରେ ରଖାଯାଇଛି।

ତେବେ ଲାଭଜନକ ଭାବେ ପରିଚାଳିତ ହେଉଥିବା ଭୁବନେଶ୍ୱର ବିମାନବନ୍ଦରକୁ ଘରୋଇ ପରିଚାଳନାକୁ ଦେବା ପରେ ଏହାର ସିଧାସଳଖ ପ୍ରଭାବ ଯାତ୍ରୀଙ୍କ ଉପରେ ପଡ଼ିବା ଆଶଙ୍କା କରାଯାଉଛି। ବିଶେଷକରି ପାର୍କିଂ ଫି, ଲାଉଞ୍ଜ ସେବା, ଖାଦ୍ୟପେୟ ଏବଂ ବିମାନବନ୍ଦର ସହ ଜଡ଼ିତ ବିଭିନ୍ନ ଦେୟ ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି। ହାଇଦରାବାଦ ବିମାନବନ୍ଦରରେ ଯାତ୍ରୀଙ୍କଠାରୁ ବହୁ ଅଧିକ 'ୟୁଜର ଡେଭଲପମେଣ୍ଟ ଫି' (ୟୁଡିଏଫ୍) ଆଦାୟ ହେଉଥିବାବେଳେ ଅନ୍ତର୍ଜାତୀୟ ଯାତ୍ରୀଙ୍କ କ୍ଷେତ୍ରରେ ଏହି ଦେୟ ଆହୁରି ଅଧିକ। ବର୍ତ୍ତମାନ ଭୁବନେଶ୍ୱରରେ ଗାଡ଼ି ପାର୍କିଂ ପାଇଁ ପ୍ରାୟ ୬୦ ଟଙ୍କା ଦେବାକୁ ପଡୁଥିବାବେଳେ ହାଇଦରାବାଦରେ ଏହା ପ୍ରାୟ ୨୫୦ ଟଙ୍କା ଥିବା ଉଦାହରଣ ଦିଆଯାଉଛି। ତେଣୁ ଘରୋଇ ପରିଚାଳନାକୁ ଯିବା ପରେ ଭୁବନେଶ୍ୱରରେ ମଧ୍ୟ ପାର୍କିଂ ଫି ବଢ଼ିବା ନେଇ ଆଶଙ୍କା ରହିଛି। ସେହିପରି ବିମାନବନ୍ଦର ଲାଉଞ୍ଜରେ ମିଳୁଥିବା ଖାଦ୍ୟପେୟ ଓ ଅନ୍ୟାନ୍ୟ ସେବାର ମୂଲ୍ୟକୁ ନେଇ ମଧ୍ୟ ଯାତ୍ରୀଙ୍କ ଚିନ୍ତା ବଢ଼ିଛି।



- ବଢ଼ିପାରେ ଲାଉଞ୍ଜରେ ଖାଦ୍ୟ ସାମଗ୍ରୀର ମୂଲ୍ୟ
- ୫୦ ବର୍ଷିଆ ଲିଜ୍‌କୁ ନେଇ ସାଧାରଣରେ ପ୍ରଶ୍ନ

ଭୁବନେଶ୍ୱର ବିମାନବନ୍ଦରର ଭିତ୍ତିଭୂମି ବିକାଶରେ ବର୍ଷ ବର୍ଷ ଧରି ସରକାରୀ ଅର୍ଥ ବ୍ୟୟ ହୋଇଛି। ନୂଆ ଟର୍ମିନାଲ, ରନ୍‌ୱେ, ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ବିପୁଳ ସରକାରୀ ନିବେଶ ହୋଇଥିବାବେଳେ ଏବେ ଏହାକୁ ଦୀର୍ଘମିଆଦୀ ଲିଜ୍‌ରେ ଘରୋଇ ଅପରେଟରଙ୍କୁ ଦେବାର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠିଛି। ଘରୋଇକରଣରୁ କେନ୍ଦ୍ର ସରକାର କେତେ ରାଜସ୍ୱ ପାଇବେ ଏବଂ ଭବିଷ୍ୟତରେ ଯାତ୍ରୀଙ୍କଠାରୁ କେତେ ଅଧିକ ଦେୟ ଆଦାୟ ହେବ ଆଦି ଦୁଇଟି ପ୍ରଶ୍ନ ଏବେ ଗୁରୁତ୍ୱ ବହନ କରୁଛି। ଏହାଛଡ଼ା ବିମାନବନ୍ଦରର ଭବିଷ୍ୟତ ବିକାଶର ଖର୍ଚ୍ଚ କିଏ ବହନ କରିବ ଏବଂ ତାହାର ଆର୍ଥିକ ଭାର ଶେଷରେ ଯାତ୍ରୀଙ୍କ ଉପରେ ପଡ଼ିବ କି ନାହିଁ, ସେ ନେଇ ମଧ୍ୟ ସ୍ୱଷ୍ଟତା ଆବଶ୍ୟକ। ଭୁବନେଶ୍ୱର ବିମାନବନ୍ଦରର ଯାତ୍ରୀ ଚାହିଦା ବଢୁଥିବାରୁ ନୂଆ ଟର୍ମିନାଲ ନିର୍ମାଣର ଆବଶ୍ୟକତା ରହିଛି। ଏୟାରପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ପକ୍ଷରୁ ଟର୍ମିନାଲ-୩ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବା ଜଣାପଡ଼ିଛି। ଏପରି ସମୟରେ ବିମାନବନ୍ଦରକୁ ପ୍ରାୟ ୫୦ ବର୍ଷ ପାଇଁ ଘରୋଇ ସଂସ୍ଥାକୁ ଲିଜ୍ ଦେବା ଯୋଜନା କାହିଁକି ଆବଶ୍ୟକ ହେଲା, ତାହା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଭୁବନେଶ୍ୱର ବିମାନବନ୍ଦର ଓଡ଼ିଶାର ବିମାନ ସଂଯୋଗର ପ୍ରମୁଖ ଦ୍ୱାର। ତେଣୁ ଏହାର ଘରୋଇକରଣ କେବଳ ଏକ ବାଣିଜ୍ୟିକ ନିଷ୍ପତ୍ତି ନୁହେଁ; ଏହାର ପ୍ରଭାବ ଯାତ୍ରୀଙ୍କ ଖର୍ଚ୍ଚ, ରାଜ୍ୟର ସଂଯୋଗ, ନିବେଶ ଓ ଭବିଷ୍ୟତ ବିକାଶ ଉପରେ ପଡ଼ିବ। ତେଣୁ ଲିଜ୍ ଚୁକ୍ତିରେ ଯାତ୍ରୀ ସ୍ୱାର୍ଥ ସୁରକ୍ଷା, ଫି ନିୟନ୍ତ୍ରଣ ଓ ସେବାର ମାନ ସମ୍ପର୍କରେ କେଉଁ ସର୍ତ୍ତ ରହିବ, ତାହା ସ୍ପଷ୍ଟ କରିବାକୁ ଦାବି ଜୋର ଧରିଛି।

### ଏସିଏଫ୍ ସୌମ୍ୟରଂଜନ ମୃତ୍ୟୁ ମାମଲା

## ପତ୍ନୀ ବିଦ୍ୟାଭାରତୀଙ୍କ ଦୁଇ ଆବେଦନ ଖାରଜ

କଟକ, ୯।୯ (ସମିସ): ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ପତ୍ନୀ ବିଦ୍ୟାଭରତୀ ପଣ୍ଡାଙ୍କ ପାଇଁ ଅଡୁଆ ବଢିଛି। ଆଜି ବିଦ୍ୟାଭାରତୀଙ୍କ ପକ୍ଷରୁ ରୁଜୁ ହୋଇଥିବା ଦୁଇଟି ଆବେଦନକୁ ଖାରଜ କରିଦେଇଛନ୍ତି। ଗତ ୩ତାରିଖରେ ଜଷ୍ଟିସ ଶିବଶଙ୍କର ମିଶ୍ର ଏହି ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିବା ବେଳେ ଆଜି ରାୟ ପ୍ରକାଶ ପାଇଛି। ମାମଲା ଖାରଜ ହୋଇଯିବା କାରଣରୁ ପୂର୍ବରୁ ବିଦ୍ୟାଭାରତୀଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷା ମଧ୍ୟ ହଟିଛି। ସିଆରପିସିର ଧାରା ୨୦୫ରେ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରି ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତ ଗତ ୨୦୨୩ ଜୁନ ୨୩ ଓ ୨୦୨୪ ମାର୍ଚ୍ଚ୧୧ରେ ପ୍ରଦାନ କରିଥିବା ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି ହାଇକୋର୍ଟ। ଆବେଦନକାରୀ ଆସନ୍ତା ଅକ୍ଟୋବର ୧ସୁଦ୍ଧା ଏସଡିଜେଏମଙ୍କ ଅଦାଲତରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ହାଜର ବେଳେ ତାଙ୍କୁ ହେପାଜତକୁ ନିଆଯାଇପାରେ ବୋଲି ଆବେଦନକାରୀ ଦର୍ଶାଇବାରୁ ସେ ନିମ୍ନ ଅଦାଲତରେ ଜାମିନ ପାଇଁ ଆବେଦନ କରିପାରିବେ ବୋଲି କହିଛନ୍ତି ହାଇକୋର୍ଟ।

ପ୍ରକାଶଥାଉକି, ଏହି ଘଟଣାରେ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଗିରଫ ହୋଇଥିଲେ। ଦୌରା ଅଦାଲତରେ ଜାମିନ ଖାରଜ ହେବାପରେ ଜେଲରେ ଅଛନ୍ତି ବୋଲି ଦର୍ଶାଯାଇଥିଲା। ଆବେଦନକାରୀ, ରାଜ୍ୟ ସରକାର ଓ ଏତଲାକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ରାତିରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ସନ୍ଦେହଜନକ ଅବସ୍ଥାରେ ପୋଡି ହୋଇ ଗୁରୁତର ହୋଇଥିଲେ। ପର ଦିନ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସୌମ୍ୟରଂଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପ୍ରୋଟେଷ୍ଟ ପିଟିସନର ଶୁଣାଣି କରି ଗତ ୨୦୨୩, ଏପ୍ରିଲ ୧୨ରେ ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫଓ ଶ୍ରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ଆଇପିସିର ଦଫା ୩୦୨ ଓ ୧୨୦-ଖ'ରେ କଗନିଜାନ୍ସ ଗ୍ରହଣ କରିଥିଲେ। ଏସଡିଜେଏମ ଅଦାଲତରେ ବିଚାରାଧୀନ ମାମଲାକୁ ରଦ୍ଦ କରାଯାଉ ପ୍ରାର୍ଥନା କରିଥିଲେ ବି ଏହାକୁ ନିମ୍ନ ଅଦାଲତ ଖାରଜ କରିବାରୁ ବିଦ୍ୟାଭାରତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅକ୍ଟୋବର ୧ ସୁଦ୍ଧା ଏସଡିଜେଏମ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ

### ଚୁଲିକୁ ଗଲାଣି ପରିକ୍ରମା ମାର୍ଗର ରକ୍ଷଣାବେକ୍ଷଣ

## ମିଳୁନି ପାଣି; ଶୁଖୁଛି ଭକ୍ତର ତଣ୍ଟି

ପୁରୀ, ୯।୯ (ସମିସ): ଶ୍ରୀମନ୍ଦିରର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଦେଶବିଦେଶରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଅତ୍ୟାବଶ୍ୟକ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ନିର୍ମିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ତା'ର ପୂର୍ବ ସୌନ୍ଦର୍ଯ୍ୟ ହରାଇବାକୁ ବସିଛି। ପରିକ୍ରମା ମାର୍ଗର ବିଭିନ୍ନ ସ୍ଥାନରେ ଗଛ ମରିଯାଉଥିବା ବେଳେ ଘାସ ଓ ଆବର୍ଜନା ଠିକ୍ ଭାବେ ସଫା ହେଉନାହିଁ। ତେବେ ସବୁଠାରୁ ବଡ଼ ସମସ୍ୟା ଏବେ ଭକ୍ତଙ୍କ ପାଇଁ ପାନୀୟ ଜଳ। ଶ୍ରଦ୍ଧାଳୁଙ୍କ ଶୋଷ ମେଣ୍ଟାଇବା ପାଇଁ ପରିକ୍ରମା ମାର୍ଗରେ ରହିଥିବା 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଷ୍ଟାଣ୍ଡ ପୋଷ୍ଟଗୁଡ଼ିକ ମଧ୍ୟରୁ ଅଧାରୁ ଅଧିକ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ତୀବ୍ର ଖରା ଓ ଗହଳି ସମୟରେ ଭକ୍ତମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପାଣି ବୋତଲ ଧରି ଟ୍ୟାପ୍ ନିକଟକୁ ଯାଉଥିବା ଭକ୍ତ ଅନେକ ସମୟରେ ଖାଲି ହାତରେ ଫେରୁଛନ୍ତି।

ଚାରିଦ୍ୱାର ପାର୍ଶ୍ୱରେ ପ୍ରାୟ ୯ଟି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଷ୍ଟାଣ୍ଡ ପୋଷ୍ଟ ରହିଥିବାବେଳେ ସେଥିମଧ୍ୟରୁ ୫ଟି ଅଚଳ ହୋଇପଡ଼ିଛି। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଦକ୍ଷିଣ ଦ୍ୱାର ପାର୍ଶ୍ୱର ସ୍ଥିତି ସବୁଠୁ ଦୟନୀୟ ବୋଲି ଭକ୍ତମାନେ କହିଛନ୍ତି। ଏଠାରେ ଥିବା ଷ୍ଟାଣ୍ଡପୋଷ୍ଟଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ଶ୍ରଦ୍ଧାଳୁଙ୍କୁ ପାଣି ମୁନ୍ଦିଏ ମିଳୁନାହିଁ। କେଉଁଠି ଟ୍ୟାପ୍ ଭାଙ୍ଗିଯାଇଛି ତ ଆଉ କେଉଁଠି ଷ୍ଟାଣ୍ଡପୋଷ୍ଟକୁ ଉଠାଇ ଦିଆଯାଇଛି। କିଛି ଜାଗାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆର୍‌ଓ୍ୱୁଭି ପ୍ରକ୍ରିୟାକୃତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଛୋଟ ଟ୍ୟାଙ୍କ ମଧ୍ୟ ରହିଛି। କିନ୍ତୁ ସେଠାରେ ମଧ୍ୟ ନିୟମିତ ପାଣି ଉପଲବ୍ଧ ନ ଥିବା ନେଇ ଭକ୍ତମାନେ ଅଭିଯୋଗ କରିଛନ୍ତି।

### ସୌନ୍ଦର୍ଯ୍ୟକରଣ ପାଇଁ ଲାଗିଥିବା ଗଛ ମରୁଛି

ଗତ ସୋମବାର କାଳୀୟଦଳନ ଏକାଦଶୀରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମନ୍ଦିର ଭିତର ସମେତ ପରିକ୍ରମା ମାର୍ଗ ମଧ୍ୟ ଗହଳିରେ ଭରିଯାଇଥିଲା। ସନ୍ଧ୍ୟାରେ ଦକ୍ଷିଣ ଦ୍ୱାର ପେଜନଳା ନିକଟରେ କିଛି ଶ୍ରଦ୍ଧାଳୁ ଏକାଦଶୀ ମହାଦୀପ ଦର୍ଶନ ପାଇଁ ବସିଥିଲେ। ଏହି ସମୟରେ ଶୋଷ ଲାଗିବାରୁ କେତେଜଣ ଭକ୍ତ ପାଣି ପାଇଁ ନିକଟସ୍ଥ ଷ୍ଟାଣ୍ଡପୋଷ୍ଟ ନିକଟକୁ ଯାଇଥିଲେ। ହେଲେ ସବୁ ପୋଷ୍ଟ ଅଚଳ ଥିବାରୁ ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଶେଷରେ ଏକ ଛୋଟ ଆର୍‌ଓ୍ୱୁଭି ଟ୍ୟାଙ୍କ ନିକଟରେ ପାଣି ପାଇଁ ପ୍ରାୟ ୧୫ରୁ ୨୦ ଜଣ ଭକ୍ତ ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଯେଉଁ ପରିକ୍ରମା ପ୍ରକଳ୍ପ ଭକ୍ତଙ୍କ ସୁବିଧା ପାଇଁ ନିର୍ମିତ, ସେଠାରେ ସାମାନ୍ୟ ପାଣି ପାଇଁ ଏଭଳି ଅବସ୍ଥା ଭକ୍ତଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି କରିଛି।

କେବଳ ପାନୀୟ ଜଳ ନୁହେଁ, ପରିକ୍ରମା ମାର୍ଗର ରକ୍ଷଣାବେକ୍ଷଣକୁ ନେଇ ମଧ୍ୟ ଅଭିଯୋଗ ରହିଛି। ବିଭିନ୍ନ ସ୍ଥାନରେ ଘାସ ଉଠି ପରିବେଶ ଅପରିଷ୍କାର ଦେଖାଯାଉଛି। ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା କେତେକ ଗଛ ମଧ୍ୟ ଉପଯୁକ୍ତ ଯତ୍ନ ଅଭାବରୁ ମରିଯାଉଛି। ଏ ନେଇ ପୂର୍ବରୁ ଏକାଧିକଥର ଅଭିଯୋଗ ହୋଇଥିଲେ ମଧ୍ୟ ଆଶାନୁରୂପ ପଦକ୍ଷେପ ନିଆଯାଉ ନାହିଁ। ସଞ୍ଜ ନଇଁଲେ ପରିକ୍ରମା ମାର୍ଗର ବିଭିନ୍ନ ସ୍ଥାନରେ ଭକ୍ତମାନେ ବସି ଶ୍ରୀମନ୍ଦିରର ଆଧ୍ୟାତ୍ମିକ ପରିବେଶକୁ ଅନୁଭବ କରନ୍ତି। ଅନେକ ପରିବାର ପିଲାଛୁଆଙ୍କୁ ନେଇ ସେଠାରେ କିଛି ସମୟ ବିତାଇଥା'ନ୍ତି। ଏଭଳି ସମୟରେ ପାଣିର ଆବଶ୍ୟକତା ଅଧିକ ରହୁଥିବାବେଳେ ଟ୍ୟାପ୍‌ଗୁଡ଼ିକ ଅଚଳ ରହିବା ଭକ୍ତଙ୍କ ଅସୁବିଧାକୁ ବଢ଼ାଇ ଦେଉଛି।

ଏହି ଅବ୍ୟବସ୍ଥାକୁ ନେଇ ଭକ୍ତମାନେ ପ୍ରଶ୍ନ ଉଠାଇଛନ୍ତି। ବାଲେଶ୍ୱର ଭୋଗରାଇର ସନ୍ଦୀପ ସାହୁ କହିଛନ୍ତି, 'ଭକ୍ତଙ୍କ ସୁବିଧା ପାଇଁ ଏତେ ବଡ଼ ପ୍ରକଳ୍ପ କରାଯାଇଛି। ଏବେ ଏହାର ରକ୍ଷଣାବେକ୍ଷଣ କାହିଁକି ଠିକ୍ ଭାବେ ହେଉନାହିଁ? ପୂର୍ବ ସରକାର ଏହି ପ୍ରକଳ୍ପ କରିଥିବାରୁ ବର୍ତ୍ତମାନ ସରକାର ଏହାର ଯତ୍ନ ନେଉନାହାନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ନୟାଗଡ଼ ରଣପୁରର ସୁମିତ୍ ନାୟକ କହିଛନ୍ତି, 'ଶ୍ରୀମନ୍ଦିର ହୁଣ୍ଡିରୁ ପ୍ରତିଦିନ ବହୁ ଅର୍ଥ ଆୟ ହେଉଛି। ଭକ୍ତଙ୍କ ସୁବିଧା ପାଇଁ ଅନ୍ତତଃ କିଛି ଅର୍ଥ ବିନିଯୋଗ କରାଯାଇପାରନ୍ତା। ଯଦି ଭକ୍ତଙ୍କୁ ସାମାନ୍ୟ ପାଣି ମୁନ୍ଦିଏ ମିଳୁନାହିଁ, ତେବେ 'ଅତିଥି ଦେବୋ ଭବଃ' କହିବାର ଅର୍ଥ କ'ଣ?' ଭକ୍ତଙ୍କ ଏହି ଅଭିଯୋଗ ଓ କ୍ଷୋଭ ମଧ୍ୟରେ ଏବେ ବଡ଼ ପ୍ରଶ୍ନ ଉଠୁଛି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଐତିହାସିକ ପରିକ୍ରମା ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ଦାୟୀ କିଏ? ଭକ୍ତଙ୍କ ସୁବିଧା ଓ ଶ୍ରୀକ୍ଷେତ୍ରର ମର୍ଯ୍ୟାଦା ଦୃଷ୍ଟିରୁ ଅଚଳ ଷ୍ଟାଣ୍ଡପୋଷ୍ଟଗୁଡ଼ିକର ତୁରନ୍ତ ମରାମତି, ନିୟମିତ ପାନୀୟ ଜଳ ଯୋଗାଣ ସହ ପରିକ୍ରମା ମାର୍ଗର ସଫେଇ ଓ ଉଦ୍ୟାନର ରକ୍ଷଣାବେକ୍ଷଣ ଉପରେ ତୁରନ୍ତ ଗୁରୁତ୍ୱ ଦେବାକୁ ଭକ୍ତମାନେ ଦାବି କରିଛନ୍ତି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2026-27/15 (ନିୟମିତ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 31.07.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ବାଣିଜ୍ୟ ଆର୍ଥିକ ଅଧିକାରୀ - ଆଇବିଜି - (ଟିଏଫ୍‌ଓ -ଆଇବିଜି) - ଜେଏମ୍‌ଜିଏସ୍-1 | 14 | 21 | 30 |
| ବାଣିଜ୍ୟ ଆର୍ଥିକ ଅଧିକାରୀ - ଆଇବିଜି - (ଟିଏଫ୍‌ଓ -ଆଇବିଜି) - ଏମ୍‌ଏମ୍‌ଜିଏସ୍-II | 21 | 23 | 32 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ ପ୍ରୋଫାଇଲ୍ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ, ଅନଲାଇନ ଆପ୍ଲିକେସନ ଜମା ଏବଂ ଅନଲାଇନ ଆପ୍ଲିକେସନ ଫିସ୍ ଦେୟ ପାଇଁ ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ଲିଙ୍କ୍ ସହିତ ଲଗ ଇନ କରନ୍ତୁ । ଆବେଦନ ଏବଂ ଫି ପଠେଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.08.2026 ରୁ 19.09.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 29.08.2026

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

## ଆର୍‌ପିଡିଏସି ବୈଠକ ଏବେ କେବଳ ଔପଚାରିକତା

# ୩ ମାସ ମଧ୍ୟରେ ନ୍ୟାୟ ନ ମିଳିଲେ ଜନଆନ୍ଦୋଳନ: ରୋହିତ

**ସମ୍ବଲପୁର, ୯।୯ (ସମିସ)**

ଏନ୍‌ଏଲ୍‌ସି ତଲାବିରା-୨ ଓ ତଲାବିରା-୩ ପ୍ରକଳ୍ପକୁ ନେଇ ଅନେକ ବର୍ଷ ପରେ ଆର୍‌ପିଡିଏସି ବୈଠକ ହୋଇଛି। କିନ୍ତୁ କେବଳ ବୈଠକ କରି ସମସ୍ୟା ଉପରେ ଆଲୋଚନା କଲେ ଲୋକଙ୍କୁ ନ୍ୟାୟ ମିଳିବ ନାହିଁ। ଆର୍‌ପିଡିଏସି ବୈଠକ ଏବେ ଏକ ଔପଚାରିକତାରେ ପରିଣତ ହୋଇଛି। ଆଲୋଚନା ନୁହେଁ, ନିଷ୍ପତ୍ତିର କାର୍ଯ୍ୟକାରୀକରଣ ଦରକାର ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ। ସେ କହିଛନ୍ତି, ଏନ୍‌ଏଲ୍‌ସି ଉପରେ ପ୍ରଶାସନ ଏବଂ ସରକାର ନିରନ୍ତର ଧ୍ୟାନ ରଖିବା ଆବଶ୍ୟକ। ଏନ୍‌ଏଲ୍‌ସି ପାଇଁ ଜମି ହରାଇଥିବା ଅନେକ ପରିବାରର ଯୁବକ ଯୁବତୀ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। କେତେକଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ କଣ୍ଟ୍ରାକ୍ଟର ଅଧୀନରେ ରଖାଯାଇଛି ଏବଂ କେତେକ ସ୍ଥାନୀୟ ଯୁବକଙ୍କୁ ବାହାର ରାଜ୍ୟକୁ ପଠାଯାଇଥିବା ଅଭିଯୋଗ ରହିଛି। ଘର ହରାଇଥିବା ଲୋକଙ୍କ କ୍ଷତିପୂରଣ ଓ ଥଇଥାନ ସମସ୍ୟା ମଧ୍ୟ ଏପର୍ଯ୍ୟନ୍ତ ସମାଧାନ ହୋଇନାହିଁ। ଏନ୍‌ଏଲ୍‌ସି ଉପରେ ପ୍ରଶାସନର ନିରନ୍ତର ନଜର ମଧ୍ୟ ରହିବା ଦରକାର। ଗଛ କାଟିବା, କୋଇଲା ଜଳାଇବା, କୋଇଲା ଚୋରି ଓ ଅନୁମୋଦିତ ସୀମାଠାରୁ ଅଧିକ ମାଇନିଂ ଭଳି ଅଭିଯୋଗର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ।

ବିଜେପି ସରକାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ଆର୍‌ପିଡିଏସି ର ମୁଖା ପିନ୍ଧି ବିଜେପିର ନେତୃବୃନ୍ଦ ଆମ ଅଞ୍ଚଳର ଜନସାଧାରଣଙ୍କୁ ଯେଉଁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରୁଛନ୍ତି ତାହା ଦୁର୍ଭାଗ୍ୟଜନକ। କାରଣ ଆମେ ସମସ୍ତେ ଜାଣିଛୁ ଯେ ଆରମ୍ଭରୁ ଏନ୍‌ଏଲ୍‌ସି ବିଜେପି ଶାସିତ କେନ୍ଦ୍ରସରକାର ଅଧିନସ୍ଥ ଏକ କମ୍ପାନୀ ଅଟେ, ବିଜେପି ନେତୃବୃନ୍ଦଙ୍କ ଯଦି ପ୍ରକୃତରେ ଅଞ୍ଚଳର ସମସ୍ୟାର ସମାଧାନ ଏବଂ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ଆନ୍ତରିକତା ରହିଥାନ୍ତା ତେବେ ତାଙ୍କୁ ଏହି ଆର୍‌ପିଡିଏସି ମିଟିଂ ପାଇଁ ଅପେକ୍ଷା କରିବାର କୌଣସି ଆବଶ୍ୟକତା ନାହିଁ। ବିଗତ ଆଠ ବର୍ଷରୁ ଏନ୍‌ଏଲ୍‌ସି ସମ୍ବଲପୁର ଜିଲ୍ଲାକୁ ଆସିଛି ଏବଂ ସେହି ସମୟରେ ମଧ୍ୟ ଏବଂ ଏବେ ପର୍ଯ୍ୟନ୍ତ କେନ୍ଦ୍ରରେ ତାଙ୍କର ସରକାର ରହିଛି, ଯଦି ବିଜେପି ନେତୃବୃନ୍ଦଙ୍କ ବିକାଶ ପ୍ରତି ଇଚ୍ଛାଶକ୍ତି ଥାନ୍ତା ତେବେ ଆଜିପର୍ଯ୍ୟନ୍ତ ଅନେକ ସମସ୍ୟାର ସମାଧାନ ହୋଇ ସାରିଥାନ୍ତା। ଆଉ ସବୁଠୁ ଆହୁରି ଦୁର୍ଭାଗ୍ୟଜନକ ହେଉଛି ଏହି ଏନ୍‌ଏଲ୍‌ସିର ଅନୈତିକ, ବେଆଇନ କାର୍ଯ୍ୟକଳାପ ପଛରେ ଆଦାନୀ କମ୍ପାନୀର ହାତ ରହିଛି, ଆଉ ଏହି ସବୁକୁ ସମାଧାନ କରିବା ପାଇଁ ଆମ ଅଞ୍ଚଳର ବିଜେପି ନେତାଙ୍କ ଶକ୍ତି ନାହିଁ ଏହା ଆମେ ସମସ୍ତଙ୍କୁ ଭଲ ଭାବରେ ଜଣାଅଛି। କାରଣ ଆଦାନୀ ହେଉଛି ବିଜେପି ସରକାରର ଗେହ୍ଲା ପୁଅ। କିନ୍ତୁ ଯେହେତୁ ସେମାନେ କହିଛନ୍ତି ସଭାରେ ଆଲୋଚିତ ବିଭିନ୍ନ ସମସ୍ୟାର ସମାଧାନ କରିବେ, ଆମେ ତାଙ୍କୁ ତିନି ମାସର ସମୟ ଦେଉଛୁ। ପାରିପାର୍ଶ୍ୱିକ ବିକାଶ ପାଇଁ ୩୦ କୋଟି ଟଙ୍କା ଘୋଷଣା କରିଲେ ହେବ ନାହିଁ, ଏହାର ବାସ୍ତବ ବ୍ୟବହାର ପାଇଁ ସ୍ପଷ୍ଟ ଆକ୍ସନ ପ୍ଲାନ୍ ସେ ଦାବି କରିଛନ୍ତି। ଆମେ ସରକାର ଓ ପ୍ରଶାସନକୁ ୩ ମାସ ସମୟ ଦେଉଛୁ। ଆର୍‌ପିଡିଏସିରେ ହୋଇଥିବା ନିଷ୍ପତ୍ତି ସହ ପୂର୍ବରୁ ବାକି ଥିବା ସମସ୍ତ ସମସ୍ୟାର ସମାଧାନ କରାଯାଉ। ନଚେତ୍ ସ୍ଥାନୀୟ ଲୋକଙ୍କ ଅଧିକାର ପାଇଁ ବହୁତ ବଡ଼ ଜନଆନ୍ଦୋଳନ କରାଯିବ ବୋଲି ଇଂ. ରୋହିତ ପୂଜାରୀ ଚେତାବନୀ ଦେଇଛନ୍ତି।

## ନୂଆଁଖାଇ ଦିନ 'ଗୁରସ୍ ରୁକା' ପାଇଁ ଲଗ୍ନ ଧାର୍ଯ୍ୟ

**ସମ୍ବଲପୁର, ୯।୯ (ସମିସ) :** ଆସନ୍ତା ୧୫ ତାରିଖ ମଙ୍ଗଳବାର ଭାଦ୍ରବ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ'ରେ 'ଗୁରସ୍ ରୁକା' ପାଇଁ ଲଗ୍ନଧାର୍ଯ୍ୟ ହୋଇଛି। 'ଗୁରସ ରୁକା' ରୁ ହିଁ କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ' ପାଳନର ପୂଜନୋତ୍ସବ ଆରମ୍ଭ ହୋଇଥାଏ। ନୂଆଁଖାଇ ଦିନ ସକାଳୁ ଘରର ମୁଖ୍ୟ ଗୋରସ (କ୍ଷୀର), ଚାଉଳ, ଫୁଲ, ଦୀପ, ରାଖୀ ଧରି ଧାନକ୍ଷେତକୁ ଯାଇ ପୂର୍ବଦିଗକୁ ମୁହଁକରି ପୂଜାକରି ରାଖୀ ବାନ୍ଧି ଧାନ ଗଛରେ କ୍ଷୀର ଢାଳିଥାନ୍ତି। ସମ୍ବଲପୁର ସମେତ ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟ ରାୟଗଡ଼, ଅମ୍ବିକାପୁର, ରାୟପୁର, ମହାସମୁନ୍ଦ ଆଦି ଜିଲ୍ଲାରେ ନୂଆଁଖାଇ ପର୍ବରେ 'ଗୁରସ୍ ରୁକା' ପରମ୍ପରା ମଧ୍ୟ ଅନୁଷ୍ଠିତ ହୋଇଆସୁଛି। କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ'ରେ 'ଗୁରସ୍ ରୁକା' ପରମ୍ପରା ହେଉଛି ବିଶ୍ୱ ବ୍ରହ୍ମାଣ୍ଡକୁ ଶସ୍ୟଶ୍ୟାମଳା କରି ଖାଦ୍ୟ ଯୋଗାଉଥିବା ସମସ୍ତ ଅନ୍ନଦାତାଙ୍କ ଅନନ୍ୟ ପରମ୍ପରାର ପ୍ରତୀକ। ନୂଆଁଖାଇ ଦିନ ସକାଳ ୮ଟା ୮ ମିନିଟ୍‌ରୁ ସକାଳ ୧୦ଟା ୩୫ ମିନିଟ୍ ମଧ୍ୟରେ ତୁଳା ଲଗ୍ନ ସହ ଇନ୍ଦ୍ର ଯୋଗ ରହିଛି। 'ଗୁରସ୍ ରୁକା'



ପାଇଁ ଶୁଭ ଯୋଗ। ଏଣୁ ସମସ୍ତ ଚାଷୀକୁଳ ନିଜ ନିଜ ଧାନ କ୍ଷେତରେ କିମ୍ବା ଘରେ ନିଜ ନିଜର ଇଷ୍ଟଦେବୀଙ୍କୁ କ୍ଷୀରରେ ସ୍ନାନ କରିପାରିବେ। ମଙ୍ଗଳବାର ସମ୍ବଲପୁର ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପଣ୍ଡିତ ଜ୍ୟୋତିର୍ବିଦ ଉପେନ୍ଦ୍ର ନାରାୟଣ ଭୋଇ ଏବଂ ପୂଜକ ଦେବୀ ପ୍ରସାଦ ଭୋଇ ଏହାର ଲଗ୍ନ ନିର୍ଦ୍ଧାରଣ କରିଛନ୍ତି।

## ଚିକିତ୍ସାଳୟମ୍ ପକ୍ଷରୁ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର





**ସମ୍ବଲପୁର, ୯।୯ (ସମିସ) :** ଲରମ୍ଭା କଲେଜ ପରିସରରେ ଚିକିତ୍ସାଳୟମ୍ ପକ୍ଷରୁ ଅଗ୍ରୱାଲ ଆଇ ହସ୍ପିଟାଲ, ସନ୍ ଫାର୍ମା ଏବଂ ଏନ୍‌ଡି ଡାଏଗ୍ନୋଷ୍ଟିକ୍ସର ସହଯୋଗରେ ଏକ ମେଗା ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ୫୦୦ରୁ ଅଧିକ ଲୋକ ଓ ଛାତ୍ରଛାତ୍ରୀ ଯୋଗଦେଇ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଓ ପରାମର୍ଶ ଗ୍ରହଣ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଲୋକମାନଙ୍କୁ ନିଃଶୁଳ୍କ ଚିକିତ୍ସା ପରାମର୍ଶ ଓ ସେବା ପ୍ରଦାନ କରିଥିଲେ। ଫ୍ୟାମିଲି ମେଡିସିନ୍ ଓ ଜେରିଆଟ୍ରିକ୍ କେୟାର ବିଶେଷଜ୍ଞ ଡା. ଅସିତ ମାଝୀ, ଅର୍ଥୋପେଡ଼ିକ୍ ସର୍ଜନ୍ ଡା. ଆର୍ୟନ କୁମାର ମହାନ୍ତି, ଓରାଲ୍ ମେଡିସିନ୍ ଆଣ୍ଡ ରେଡିଓଲୋଜି ବିଶେଷଜ୍ଞ ଡା. ପ୍ରଶାନ୍ତ ଗୋୟଲ, ଡେଣ୍ଟାଲ୍ ସର୍ଜନ୍ ଡା. ସସ୍ମିତା ଜୟସ୍ୱାଲ ଓ ଡା. ଅମିତ ପାତ୍ର, ଡା. ସୌମ୍ୟ ଦାଶ, ସିନିୟର ଅପ୍ଟୋମେଟ୍ରିଷ୍ଟ ମାନସ ପାଢ଼ୀ ଏବଂ ଅପ୍ଟୋମେଟ୍ରିଷ୍ଟ ଅଂଶିତା ନାଏକ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ହିମୋଗ୍ଲୋବିନ୍, ରାଣ୍ଡମ୍ ବ୍ଲଡ୍ ସୁଗାର, ଫାଷ୍ଟିଂ ବ୍ଲଡ୍ ସୁଗାର, ଇସିଜି, ବୋନ୍ ମିନେରାଲ୍ ଡେନ୍ସିଟି ଏବଂ ଚକ୍ଷୁ ପରୀକ୍ଷା ଭଳି ବିଭିନ୍ନ ପରୀକ୍ଷା ନିଃଶୁଳ୍କ ଭାବେ କରାଯାଇଥିଲା। ବିଶେଷକରି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସଚେତନତା ଓ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ଯାଞ୍ଚ ଦିଗରେ ଏହି ଶିବିର ଗୁରୁତ୍ୱପୂର୍ଣ୍ଣ ଥିଲା। ଲରମ୍ଭା କଲେଜର ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ଜନହିତକାରୀ ଓ ସ୍ୱାସ୍ଥ୍ୟ ସଚେତନତାମୂଳକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଶିବିରର ସଫଳ ଆୟୋଜନରେ ଲରମ୍ଭା କଲେଜର ଏନ୍‌ଏସ୍‌ଏସ୍ ସଂଯୋଜକ ଅଜିତ ନାଥ, ସାମାଜିକ କର୍ମୀ ଖଗେଶ୍ୱର ମେହେର, ଡି.ଭି. ରାଓ, ସୁନୀଲ ମହାନାଙ୍କ ସମେତ ଅନ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ଡା. ଜେ. କିରଣ କୁମାର ଏବଂ ନରୋତ୍ତମ ଗୁରୁ ଲରମ୍ଭା କଲେଜ କର୍ତ୍ତୃପକ୍ଷ, ଅଧ୍ୟାପକ-ଅଧ୍ୟାପିକା, ଏନ୍‌ଏସ୍‌ଏସ୍ ସଦସ୍ୟ ଓ ଛାତ୍ରଛାତ୍ରୀମାନଙ୍କୁ ଶିବିରର ସଫଳ ଆୟୋଜନ ପାଇଁ ମିଳିଥିବା ସହଯୋଗ ଓ ସମର୍ଥନ ନିମନ୍ତେ ଧନ୍ୟବାଦ ଜଣାଇଥିଲେ।

## ବନ୍ଦହେଲା ହୀରାକୁଦର ସମସ୍ତ ଗେଟ୍, ଜଳସ୍ତର ୬୨୮.୫୬ ଫୁଟ୍

**ସମ୍ବଲପୁର, ୯।୯ (ସମିସ) :** ହୀରାକୁଦ ଉପରମୁଣ୍ଡରେ ବର୍ଷା ହ୍ରାସ ପାଇବା ସହ ପ୍ରବେଶ ଜଳ ପରିମାଣ କମିବାପରେ ଆଜି ପୂର୍ବାହ୍ନ ୧୧ଟା ସମୟରେ ଖୋଲାଥିବା ଏକମାତ୍ର ଗେଟ୍ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପ୍ରତି ନଦୀବନ୍ଧର କୌଣସି ଗେଟ୍ ଖୋଲାନାହିଁ। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଥିଲା। ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଏବେ ଜଳସ୍ତର ୬୨୮ ଫୁଟ୍‌ରୁ ଅଧିକ ହେଲାଣି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସ୍ଥିତି ଉପରେ ନଜର ରଖିଥିବା ସୂଚନା ମିଳିଛି। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୫୬ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୨, ୧୭୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨୬, ୭୬୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ଜଳ ନିଷ୍କାସିତ ହେଉନାହିଁ। ପାୱାର ଚେନାଲ ଦେଇ ୨୨୩୮୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ଜଳସେଚନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୪୧୫୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୧, ୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୨୨, ୩୮୯ କ୍ୟୁସେକ୍, ଖଇରମାଳଠାରେ ୭୪, ୦୦୦ କ୍ୟୁସେକ୍, ବାରମୁଲଠାରେ ୮୩, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧, ୧୩, ୪୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୦.୯୬ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ଆଦୌ ବର୍ଷା ହୋଇନାହିଁ।

## ପୁନଃ ଚାଲୁହେଲା ପାନୀୟ ଜଳଯୋଗାଣ

**ସମ୍ବଲପୁର, ୯।୯ (ସମିସ) :** ସମଲେଇ ପ୍ରକଳ୍ପ ଫେଜ୍-୨ ପାଇଁ ବିସ୍ଥାପିତ ହେଉଥିବା ରାମଜୀ ମନ୍ଦିର ବନ୍ଧପଡ଼ା ବସ୍ତିରେ ଗତ ୮ ଦିନ ଧରି ପାନୀୟ ଜଳଯୋଗାଣ ବନ୍ଦ କରିଦିଆଯାଇଥିଲା। ଗତକାଲି ସମ୍ବଲପୁର ସାଂସଦ ଓ ବିଧାୟକଙ୍କ ଉପସ୍ଥିତିରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ଦିଶା' ବୈଠକ ଚାଲିଥିବାବେଳେ ପ୍ରୋଗ୍ରେସିଭ୍ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିସ୍ଥାପିତ ହେଉଥିବା ଅଞ୍ଚଳବାସୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଉପଯୁକ୍ତ କ୍ଷତିପୂରଣ ସହ ଜମି ପାଇଁ ଜମି ଓ ଘର ପାଇଁ ଦାବି କରିଥିଲେ। ଏହାସହ ସେମାନଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରିଥିଲେ। ପ୍ରତିବାଦ ପରେ ଆଜି ବନ୍ଦ ଥିବା ପାନୀୟ ଜଳ ଯୋଗାଣ ପ୍ରଶାସନ ପକ୍ଷରୁ ପୁନଃ ଚାଲୁ କରାଯାଇଛି। ବିସ୍ଥାପିତ ପରିବାରଙ୍କ ମୌଳିକ ଅଧିକାର ଓ ଦାବିକୁ ନେଇ ହୋଇଥିବା ଏହି ପ୍ରତିବାଦର ଫଳରେ ପ୍ରଶାସନ ତରଫରୁ ଏସଏମସି କମିଶନର ଓ ସଦର ଉପଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେଇ ଜଳଯୋଗାଣ ପୁନଃସ୍ଥାପନ କରିଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି।

## ନାଳରୁ ମୃତଦେହ ଉଦ୍ଧାର

**ସମ୍ବଲପୁର, ୯।୯ (ସମିସ) :** ସମ୍ବଲପୁର ବରେଇପାଲି ଥାନା ଅନ୍ତର୍ଗତ ରେମେଡ ମହିନ୍ଦ୍ରା ଶୋରୁମ୍ ନିକଟରେ ଥିବା ଏକ ନାଳରୁ ପୁଲିସ ଏକ ମୃତଦେହ ଉଦ୍ଧାର କରିଛି। ଶବକୁ ଜବତ କରି ବରେଇପାଲି ପୁଲିସ ଜିଲ୍ଲା ସଦର ଚିକିତ୍ସାଳୟରେ ରଖିଥିବା ଜଣାପଡ଼ିଛି। ମୃତଦେହକୁ ସମ୍ବଲପୁର ଜିଲ୍ଲା ଚିକିତ୍ସାଳୟରେ ରଖାଯାଇଥିବା ବରେଇପାଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଲୋକେ ଆଜି ଅପରାହ୍ଣରେ ନାଳରେ ଏକ ମୃତଦେହ ଭାସୁଥିବା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରିବା ସହିତ ଜିଲ୍ଲା ଚିକିତ୍ସାଳୟକୁ ଆଣିଥିଲା। ମୃତକ କେବଳ ଗୋଟିଏ ଜିନ୍ସ ପ୍ୟାଣ୍ଟ ପିନ୍ଧିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ମୃତକ ଜିତୁ ସାହାଣି(୩୫) ବୋଲି ପୁଲିସ କହିଛି।

## ଲପଙ୍ଗା ଛକ ନିକଟରୁ ମୃତଦେହ ଉଦ୍ଧାର

ସମ୍ବଲପୁର, ୯।୯ (ସମିସ) : ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଲପଙ୍ଗା ଛକ ୟୁଟର୍ଣ୍ଣ ନିକଟରୁ ଆଜି ଏକ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ପରିଚୟ ମିଳିପାରି ନଥିବାବେଳେ ବୟସ ଆନୁମାନିକ ୬୦ ରୁ ୭୦ ହେବ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ସ୍ଥାନୀୟଲୋକେ ଏକ ମୃତଦେହ ପଡ଼ିଥିବା ସୂଚନା ଦେଇଥିଲେ। ଏନେଇ ଠେଲକୋଲୋଇ ଥାନାରେ ଫୁଲଚଙ୍ଗେରର ୱାର୍ଡ ମେମ୍ବର ମହେନ୍ଦ୍ର କିଶାନଙ୍କ ଏତଲାକ୍ରମେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପଞ୍ଚନାମା ହୋଇ ମୃତଦେହକୁ ବୁର୍ଲାରେ ଶବ ବ୍ୟବଚ୍ଛେଦ ପାଇଁ ୭୨ ଘଣ୍ଟା ରଖାଯାଇଥିବା ଠେଲକୋଲୋଇ ଥାନା ପୁଲିସ କହିଛି।

## ଜିଲ୍ଲାସ୍ତରୀୟ ଉଲ୍ଲାସ କାର୍ଯ୍ୟକ୍ରମର ଶୁଭାରମ୍ଭ



**ସମ୍ବଲପୁର, ୯।୯ (ସମିସ) :** ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଉପଲକ୍ଷେ ସ୍ଥାନୀୟ ବୁଢ଼ାରଜା ସରକାରୀ ହାଇସ୍କୁଲଠାରେ ନବଭାରତ ସାକ୍ଷରତା ଅଭିଯାନ 'ଉଲ୍ଲାସ'ର ଶୁଭାରମ୍ଭ କରାଯାଇଥିଲା। ସମ୍ବଲପୁର ଜିଲ୍ଲା 'ଉଲ୍ଲାସ' ଅଭିଯାନର ନିର୍ଦ୍ଦେଶକ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବର୍ଷୀଆନ୍ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ଗିରିଧାରୀ ହୋତା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଗୀତାଞ୍ଜଳି ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋତିଲାଲ ଦୋରା, ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଶୋବନ୍ତ ସାହୁ, ଧନକଉଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦାନ ସୁନା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨୦୦ଜଣ ନବଶିକ୍ଷାର୍ଥୀ, ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଓ ସିଆରସିସି ଅଂଶଗ୍ରହଣ କରିଥିଲେ। ନିରକ୍ଷରତା ଦୂର କରି ଶିକ୍ଷାର ପ୍ରଦୀପ ଜାଳିବାକୁ ଶପଥ ପାଠ କରାଯାଇଥିଲା। 'ଉଲ୍ଲାସ' ପୁସ୍ତକ ବଣ୍ଟନ କରାଯାଇଥିଲା। ବୁଢ଼ାରଜା ହାଇସ୍କୁଲର ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିବାସହ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ତତ୍ତ୍ୱାବଧାନରେ, ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଓ ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

### 'ଉତ୍ସର୍ଗ' ଅନୁଷ୍ଠାନର ୪୨ତମ ବାର୍ଷିକ ଉତ୍ସବ

## ଖୁବ୍‌ଶୀଘ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ସୁବିଧା : ସିଡିଏମ୍‌ଓ

**ସମ୍ବଲପୁର, ୯।୯ (ସମିସ) :** ସାମାଜିକ ଅନୁଷ୍ଠାନ 'ଉତ୍ସର୍ଗ'ର ୪୨ତମ ବାର୍ଷିକ ଉତ୍ସବ ଆଜି ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ପ୍ରଶାନ୍ତ ପାଟଯୋଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭୀମସାର ନିର୍ଦ୍ଦେଶକ ପ୍ରଫେସର



ଡା. ଲାଲମୋହନ ନାୟକ ଏବଂ ସମ୍ମାନିତ ଅତିଥିଭାବେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନୀଳମାଧବ ଶତପଥୀ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ଜୟନ୍ତ ନନ୍ଦ ଅତିଥି ପରିଚୟ ପ୍ରଦାନ ଏବଂ ସମ୍ପାଦକ ହରିଶଙ୍କର ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭୀମସାର ନିର୍ଦ୍ଦେଶକ ଡା. ନାୟକ କହିଲେ ଯେ, ରକ୍ତଦାନ ଏବଂ ଶରୀର ଦାନ କ୍ଷେତ୍ରରେ ଯେଉଁ କାର୍ଯ୍ୟ ଜାରି ରଖିଛନ୍ତି ତାହା ମାନବ ସମାଜ ପାଇଁ ମହାନ ବାର୍ତ୍ତା। ସମ୍ମାନିତ ଅତିଥି ସିଡିଏମ୍‌ଓ ଡାକ୍ତର ଶତପଥୀ ତାଙ୍କ ବକ୍ତବ୍ୟରେ, ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟରେ ଖୁବ୍ ଶୀଘ୍ର ଆଇସିୟୁ ପ୍ରତିଷ୍ଠା ହେବାସହ ବୁର୍ଲା ଭୀମସାରରେ ଅଙ୍ଗ ପ୍ରତିରୋପଣ ପାଇଁ ବ୍ୟବସ୍ଥା କରାଯିବାର ଯୋଜନା ଚାଲିଛି ବୋଲି କହିଥିଲେ। ଏହାଦ୍ୱାରା ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଅଣାଯାଇପାରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସମୟରେ ଡାକ୍ତରୀ ଶିକ୍ଷାକୁ ଦୃଷ୍ଟିରେ ରଖି 'ଉତ୍ସର୍ଗ' ଅନୁଷ୍ଠାନ 'ମୃତ୍ୟୁ ପରେ ଶରୀର ଦାନ' ଅଭିଯାନକୁ ଗୁରୁତ୍ୱରସହ ସମ୍ପାଦନ କରୁଛି। ବରିଷ୍ଠ ସଭ୍ୟ ତଥା ଅଭିଯାନର ଅନ୍ୟତମ ସଂଯୋଜକ ଲକ୍ଷ୍ମଣ ପାଣିଗ୍ରାହୀ କହିଲେ ଯେ, ଆଜିଯାଏ ଏହି ଅଭିଯାନରେ ୨୨୫ ଜଣ ପଞ୍ଜିକୃତ ହୋଇଥିବାବେଳେ ୩୨ ଜଣଙ୍କ ମୃତ୍ୟୁପରେ ଶରୀର ଭୀମସାର, ବୁର୍ଲାର ଆନାଟୋମି ବିଭାଗକୁ ହସ୍ତାନ୍ତର କରାଯାଇଛି। ପ୍ରିୟ ରଞ୍ଜନ ସାହୁ ସୂଚନା ଦେଇ କହିଲେ ଯେ, ଉତ୍ସର୍ଗ ନୂଆଦିଲ୍ଲୀର ସ୍ମାଇଲ ଫାଉଣ୍ଡେସନ ଓ ସମାଜସେବୀ ବିଜୟ କେଡ଼ିଆଙ୍କ ସହାୟତାରେ ଜିଲ୍ଲାର ସରକାରୀ ବିଦ୍ୟାଳୟର ମେଧାବୀ ଓ ଅବହେଳିତ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଜାରିରଖିଛି। ଏହି ଅବସରରେ ସମ୍ପୂର୍ଣ୍ଣ ଶରୀର ଦାନ କରିଥିବା ବ୍ୟକ୍ତିଙ୍କ ପରିବାର ଯଥା ବରିଷ୍ଠ ସମ୍ବାଦିକ ସ୍ୱର୍ଗତ ଶିବଶଙ୍କର ମେହେରଙ୍କ ପରିବାର, ସମାଜସେବୀ ସ୍ୱର୍ଗତା ସୌଦାମିନୀ ନନ୍ଦଙ୍କ ପରିବାର, ସ୍ୱର୍ଗତା ଦିୱାଲୀ ବେନ ପଟେଲଙ୍କ ପରିବାର, ସ୍ୱର୍ଗତ କର୍ନେଲ ମହେଶ ପୂଜାରୀଙ୍କର ପରିବାରକୁ 'ଉତ୍ସର୍ଗ' ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଭ୍ୟ ହରିଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗସାଧକଙ୍କୁ ଚକ୍ଷୁଦାନ ପାଇଁ ସମ୍ବର୍ଦ୍ଧନା




**ସମ୍ବଲପୁର, ୯।୯ (ସମିସ) :** ଭାରତୀୟ ଯୋଗ ସଂସ୍ଥାନ, ସମ୍ବଲପୁର ଶାଖା ତରଫରୁ ଆଜି ଏସ୍‌ଆର୍‌ଆଇଟି ଶାଖାଠାରେ ଯୋଗସାଧକ ମାନଙ୍କୁ ଚକ୍ଷୁଦାନ ପାଇଁ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ଉପ-ପ୍ରାନ୍ତପ୍ରମୁଖ ପ୍ରାଣବନ୍ଧୁ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଯୋଗସାଧକ ଦୀନବନ୍ଧୁ ପଣ୍ଡା ଚକ୍ଷୁଦାନ ପକ୍ଷ ପାଳନ ଅବସରରେ ଏହାର ମହତ୍ତ୍ୱ ଉପରେ ବର୍ଣ୍ଣନା କରିଥିଲେ। ଯୋଗସାଧକ ବଜରଙ୍ଗ ଲାଲ ଅଗ୍ରୱାଲ, ମୁନ୍ନାଲାଲ ଶାହା ଓ ସୁରିନ୍ଦର ପାନେଶ୍ୱର୍ ଏହି ଅବସରରେ ନିଜର ଚକ୍ଷୁ ଦାନ କରିବାପାଇଁ ଘୋଷଣାପତ୍ରରେ ସ୍ୱାକ୍ଷର କରିଥିଲେ ଓ ତାହାକୁ 'ଜ୍ୟୋତି' ଅନୁଷ୍ଠାନ ଦ୍ୱାରା ଅନୁବନ୍ଧିତ କରାଯାଇଥିଲା। ଏଥିପାଇଁ ତାଙ୍କୁ ଭାରତୀୟ ଯୋଗସଂସ୍ଥାନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ବେହେରା ଏହା ସମସ୍ତଙ୍କୁ ପ୍ରେରିତ କରିବ ବୋଲି କହିବାସହ ଚକ୍ଷୁ ତଥା ଅଙ୍ଗଦାନ ସକାଶେ ସଚେତନ କରିଥିଲେ। ଏହି ଅବସରରେ ଶାନ୍ତିଲତା ପାଣ୍ଡେ ଚକ୍ଷୁଦାନ ଶୀର୍ଷକ କବିତା ପାଠ କରିଥିଲେ। ଶେଷରେ ଏସ୍‌ଆର୍‌ଆଇଟି କେନ୍ଦ୍ର ପ୍ରମୁଖ ନିତ୍ୟାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତ୍ରିଲୋଚନ ମହାରଣା, ଶିବାନୀ ସୁନା, ଅଜିତ ବହିଦାର ସହଯୋଗ କରିଥିଲେ।

## ସମ୍ବଲପୁରରେ ପ୍ଲାଷ୍ଟିକ୍‌ମୁକ୍ତ ଖାଦ୍ୟ ମହୋତ୍ସବ

**ସମ୍ବଲପୁର, ୯।୯ (ସମିସ) :** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ସମ୍ବଲପୁର ମହାନଗର ନିଗମର ମିଳିତ ସହଯୋଗରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ହ୍ରାସ ଏବଂ ପରିବେଶ ଅନୁକୂଳ ବିକଳ୍ପ



ଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପରିବେଶ ସଚେତନତା ଅଭିଯାନ ଆଜି ଏକ ପ୍ଲାଷ୍ଟିକ୍ ମୁକ୍ତ ଖାଦ୍ୟ ମହୋତ୍ସବ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଦୋକାନୀ, ରାସ୍ତାକଡ଼ ବ୍ୟବସାୟୀ, ଅଂଶୀଦାର ଏବଂ ସାଧାରଣ ଜନତାଙ୍କୁ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜନ କରି ଜୈବ ବିଘଟନଶୀଳ ବିକଳ୍ପ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ ଏସୟୁପି ବର୍ଜ୍ୟ ପରିଚାଳନା, ସଠିକ୍ ବର୍ଜ୍ୟ ପୃଥକୀକରଣ ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣର ପରିବେଶ ଉପରେ କୁପ୍ରଭାବ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଡିଇଏସ୍ ଏ.କେ. ମିଞ୍ଜ, ଏଇଏସ୍ ଏମ୍. ପ୍ରଧାନ ଏବଂ ଏଇଇ ଇଂ. ଆର.କେ. ପଣ୍ଡା କଠିନ ବର୍ଜ୍ୟ ପରିଚାଳନା ନିୟମ ଏବଂ ନିୟମ ଉଲ୍ଲଂଘନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବିଷୟରେ ସଚେତନ କରାଇଥିଲେ। ମହାନଗର ନିଗମ ଏନଫୋର୍ସମେଣ୍ଟ ଅଫିସର ସୁଶାନ୍ତ କୁମାର ସାହୁ ଏବଂ ତାଙ୍କ ଟିମ୍ ସ୍ଥାନୀୟ ଅଂଶୀଦାର ଏବଂ ରାସ୍ତାକଡ଼ ବ୍ୟବସାୟୀମାନଙ୍କ ସହ ଆଲୋଚନା କରି ଏକକ ବ୍ୟବହାର ପ୍ଲାଷ୍ଟିକ୍ ଠାରୁ ଦୂରେଇ ରହି ଜୈବ ବିଘଟନଶୀଳ ଏବଂ ପରିବେଶ ଅନୁକୂଳ ବିକଳ୍ପ ଆପଣାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ଥାୟୀ ଜୀବନଶୈଳୀ ଏବଂ ପରିବେଶ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ପାଇଁ 'ମିଶନ ଲାଇଫ୍' ଶପଥ ମଧ୍ୟ ପାଠ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପ୍ରାମାଣିକ ସମ୍ବଲପୁରୀ ଖାଦ୍ୟ ବିତରଣ, ଯାହା ପ୍ଲାଷ୍ଟିକ୍ ମୁକ୍ତ ଏବଂ ପରିବେଶ ଅନୁକୂଳ ଉତ୍ସବକୁ ପ୍ରୋତ୍ସାହିତ କରିବା ସହ ସମ୍ବଲପୁରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରିଥିଲା।

# ହାଣ୍ଡିଶାଳରେ ଝଡ଼; ପିଆଜ ଦର ୭୦ ଛୁଇଁଲା

**ସମ୍ବଲପୁର, ୯।୯ (ସମିସ)**

ହାଣ୍ଡିଶାଳରେ ନିଆଁ ଲଗାଇଛି ପିଆଜ ଦର। ପ୍ରତିଟି ଘରେ ଯାହା କିଛି ଥାଉ ବା ନ ଥାଉ ଆଳୁ ଓ ପିଆଜ ନିଶ୍ଚିତ ଭାବେ ରହିଥାଏ। ତେବେ, ଆଳୁ ଦର କିଲୋପିଛା ୨୦ ଟଙ୍କାରେ ସ୍ଥିର ରହିଥିବାବେଳେ ଏବେ ପିଆଜ ଦର ହୁ ହୁ ହୋଇ ବଢ଼ି ଚାଲିଛି। ପନିପରିବା ଦର ଅତ୍ୟଧିକ ଥିବା ସମୟରେ କନ୍ଦାଉଛି ପିଆଜ। ପନିପରିବା ଦର ସହ ପ୍ରତିଯୋଗିତା କରି ଆଗରେ ଚାଲିଛି ପିଆଜ। ମାସକ ତଳେ ଅଗଷ୍ଟ ୯ ତାରିଖରେ ଖୁଚୁରା ବଜାରରେ ପିଆଜ କିଲୋ ୩୫ରୁ ୪୦ ଟଙ୍କା ଥିବାବେଳେ ଆଜି ତାହା କିଲୋ ପିଛା ୭୦ ଟଙ୍କାରେ ପହଞ୍ଚିଲାଣି। ପୁଣି ଆଗକୁ ଦର ବଢ଼ିପାରେ ବୋଲି କୁହାଯାଉଛି। ପିଆଜର ଅହେତୁକ ଦରବୃଦ୍ଧିକୁ ନେଇ ଏବେ ଚିନ୍ତାରେ ଖାଉଟି। ଦରଦାମ ଉପରେ ସରକାର କିମ୍ବା ଜିଲ୍ଲା ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ। ସାଧାରଣତଃ ସମ୍ବଲପୁର ବଜାରରେ ଆଳୁ ଓ ପିଆଜ ଦର, ଅନ୍ୟ ରାଜ୍ୟରୁ ଆସିବା ଏବଂ ଦର ଉପରେ ନିର୍ଭର କରିଥାଏ। ଅନ୍ୟପକ୍ଷରେ, ପ୍ରତିବର୍ଷ ଆଳୁ ଓ ପିଆଜଦର ଅଗଷ୍ଟ-ସେପ୍ଟେମ୍ବର ବେଳକୁ ଆକାଶଛୁଆଁ ହେଉଥିବାବେଳେ ସରକାର ପିଆଜ ଚାଷ ଉପରେ ଗୁରୁତ୍ୱ କିମ୍ବା ଚାଷୀକୁ ପ୍ରୋତ୍ସାହନ ଦିଆଯାଉ ନ



ଥିବା ଅଭିଯୋଗ ହେଉଛି। ପୁଣି ଜିଲ୍ଲାମାନଙ୍କରେ ଆବଶ୍ୟକ ଶୀତଳଭଣ୍ଡାର ମଧ୍ୟ ନାହିଁ, ଫଳରେ ଚାଷୀ ତାର ଉତ୍ପାଦକୁ ଶାଗମାଛ ଦରରେ ବିକ୍ରୟ କରିବାକୁ ବାଧ ହେଉଛି। ସମ୍ବଲପୁର ଜିଲ୍ଲା ଓ ଆଖପାଖ ଅଞ୍ଚଳ ସକାଶେ, ସମ୍ବଲପୁରର କ୍ଷେତରାଜପୁର ହୋଲସେଲ୍‌ଫ ବଜାରରେ ଆଳୁ ଓ ପିଆଜର ୬ ଜଣ ହୋଲସେଲର୍ ଅଛନ୍ତି। ସମ୍ବଲପୁର ବଜାରକୁ ମହାରାଷ୍ଟ୍ର ନାସିକ୍‌ରୁ ପ୍ରାୟତଃ ୩ ଗାଡ଼ି ପିଆଜ ଆସିଥାଏ। ପ୍ରତି ଗାଡ଼ିରେ ହାରାହାରି ୪୨୦ ପ୍ୟାକେଟ୍ ରହୁଥିବା ସୂଚନା ମିଳିଛି। ବିଭାଗୀୟ ସୂଚନା ଅନୁଯାୟୀ, ଆଜି ୯ ତାରିଖ ହୋଲସେଲ ମାର୍କେଟ୍‌ରେ ପିଆଜ ଦର କ୍ୱିଣ୍ଟାଲ ପିଛା ୪୮୦୦ରୁ ୬୦୦୦ ଟଙ୍କା ରହିଥିବାବେଳେ ମଡେଲ ବଜାର ଦର କିଲୋପ୍ରତି ୬୦ ଟଙ୍କା ବୋଲି କୁହାଯାଉଛି। କିନ୍ତୁ ଖୁଚୁରା ବଜାରରେ ଏହି ଦର ୬୫ ରୁ ୭୦ ଟଙ୍କାରେ ପହଞ୍ଚିଲାଣି।

ସମ୍ବଲପୁର ଜିଲ୍ଲାରେ ଆଳୁ ଓ ପିଆଜ ଚାଷକୁ ଆବଶ୍ୟକ ପ୍ରୋତ୍ସାହନ ଏବଂ ଗଚ୍ଛିତ ପାଇଁ ଶୀତଳଭଣ୍ଡାର ଅଭାବ ଯୋଗୁଁ ବାହାର ରାଜ୍ୟରୁ ଆମଦାନୀ ଉପରେ ସମ୍ପୂର୍ଣ୍ଣ ବଜାର ବ୍ୟବସ୍ଥା ଓ ଦର ନିର୍ଭର କରୁଛି। ସମ୍ବଲପୁର ଜିଲ୍ଲାରେ ଖରିଫ୍ ଓ ରବି ଋତୁରେ ପିଆଜ ଚାଷ ହୋଇଥାଏ। ରବି ଋତୁରେ ଅଧିକ ଚାଷୀ ପିଆଜ ଚାଷ କରୁଥିବାବେଳେ ଖରିଫ୍ ଋତୁରେ ଚାଷୀ ସଂଖ୍ୟା ହ୍ରାସ ପାଇଥାଏ। ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲାରେ ୨୦୨୪-୨୫ ବର୍ଷରେ ୭୦୦.୯୯ ହେକ୍ଟରରେ ପିଆଜ ଚାଷ ହୋଇଥିବାବେଳେ ୭୨୫୮.୦୪ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିଲା। ସେହିପରି ୨୦୨୫-୨୬ ବର୍ଷରେ ୧୪୭୨.୨୩ ହେକ୍ଟରରେ ପିଆଜ ଚାଷ ହୋଇଥିବାବେଳେ ୧୫୨୪୩.୪୬ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିଲା। ୨୦୨୬-୨୭ ବର୍ଷରେ ୨୦୦୦ ହେକ୍ଟରରେ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସମ୍ବଲପୁର ଜିଲ୍ଲାର ଚାହିଦାକୁ ପୂରଣ କରିବା ପାଇଁ ପଦକ୍ଷେପ ନିଆଯିବାସହ, ଚାଷୀମାନଙ୍କୁ ସମସ୍ତପ୍ରକାର ସୁବିଧାସୁଯୋଗ ଯୋଗାଇ ଦିଆଗଲେ, ଅନ୍ୟ ରାଜ୍ୟର ଯୋଗାଣ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବାକୁ ପଡ଼ନ୍ତା ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ବୀରମହାରାଜପୁର, ୯ ।୯ (ସମିସ): ସୋନପୁରଠାରେ ଥିବା ଗ୍ରାମ ଉତଥାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ମା ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କାଦୋବର)ର ମିଳିତ ଉଦ୍ୟମ ଦ୍ୱାରା ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । ସୁବଳୟା କଲେଜର ଅର୍ଥନୀତି ଅଧ୍ୟାପକ ଦେବାଶିଷ ପଧାନ, ସୋନପୁର ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ସୁଦାମ ଦୀପ, ଗ୍ରାମ ଉତଥାନର ପ୍ରତିଷ୍ଠାତା ତଥା ସମ୍ପାଦକ ପ୍ରତାପ ପ୍ରଧାନ, ବିରାମହାରାଜପୁର ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ସନ୍ତୋଷିନୀ ନାୟକ, ପୁଲକ ପତ୍ରିକାର ସମ୍ପାଦକ ରାଜୀବ ନାୟକ, ମା ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ନିତ୍ୟାନନ୍ଦ ମିଶ୍ର, ଆଇଟି ଅଧ୍ୟାପକ ଉଦ୍ଧବ ପଧାନ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ରାଧାକାନ୍ତ ନନ୍ଦ ମଞ୍ଚ ସଂଚାଳନ କରିଥିଲେ । କ୍ଷିରେନ୍ଦ୍ର ରଣା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ରଶ୍ମିତା ପଧାନ, ସ୍କୁଲ ଲିଡର ସମୀର ସୁନା, ପଦ୍ମନାଭ ପାଣିଗ୍ରାହୀ, ଦୟାନିଧି ବଘାର ସହଯୋଗ କରିଥିଲେ ।

## ରଷିଆ ଯିବେ ବିଶ୍ୱଜିତ ଷଡ଼ଙ୍ଗୀ



ଇବଥର୍ମାଲ, ୯ ।୯ (ସମିସ): ରଷିଆର ମସ୍କୋରେ ଆୟୋଜିତ ହେବାକୁ ଯାଉଥିବା ପ୍ରତିଷ୍ଠିତ ଇଣ୍ଟରନ୍ୟାସନାଲ୍ ଫେଷ୍ଟିଭାଲ୍ ଅଫ୍ ୟୁଥ୍-୨୦୨୬ ପାଇଁ ଝାରସୁଗୁଡା ଜିଲ୍ଲା ବନ୍ଧବାହାଲ ଅଞ୍ଚଳର ବିଶ୍ୱଜିତ ଷଡ଼ଙ୍ଗୀ ଆମନ୍ତ୍ରିତ ହୋଇଛନ୍ତି । ସେପ୍ଟେମ୍ବର ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ରଷିଆରେ ଅନୁଷ୍ଠିତ ହେବ । ୱାର୍ଲ୍ଡ ୟୁଥ୍ ଫେଷ୍ଟିଭାଲ୍ ଡାଇରେକ୍ଟୋରେଟ୍ ପକ୍ଷରୁ ଏ ନେଇ ନିମନ୍ତ୍ରଣ ଜାରି କରାଯାଇଛି ।

## ୨ ଗରିବ ଛାତ୍ରୀଙ୍କୁ ପାଠପଢା ପାଇଁ ସହାୟତା

ବୌଦ୍ଧ, ୯ ।୯ (ସମିସ): ବୌଦ୍ଧ ଜିଲ୍ଲା ରତନପୁର ଗ୍ରାମର ଛାତ୍ରୀ ରେଣୁକା ନାଏକ ଏବଂ ବଡ଼ିଗାଁର ଛାତ୍ରୀ ଅଜସ୍ୱିନୀ ବିଶିଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତାର ହାତ ବଢ଼ାଯାଇଛି । ପ୍ରଶାସନ ସହଯୋଗରେ ବୌଦ୍ଧ ଶିକ୍ଷ ତାଲିମ କେନ୍ଦ୍ରରେ ଉଭୟଙ୍କ ନାମ ଲେଖାଯାଇଛି ।

## ଅତିରିକ୍ତ ଉନ୍ନୟନ ନିର୍ବାହୀ ଅଧିକାରୀଙ୍କ ତଦାରଖ

ଡୁଙ୍ଗୁରିପାଲି, ୯ ।୯ (ସମିସ): ସୁବର୍ଣ୍ଣପୁର ଅତିରିକ୍ତ ଉନ୍ନୟନ ନିର୍ବାହୀ ଅଧିକାରୀ (ଜିଲା ପରିଷଦ) କାଳିଆ ମଲ୍ଲିକ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତ ଗସ୍ତ କରିଛନ୍ତି । ସେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଉନ୍ନୟନମୂଳକ କାମର ତଦାରଖ କରିଛନ୍ତି । ଚେରୁପାଲି ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପ, ଖୁସାମାଲଠାରେ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପ, ବଡ଼ନୂଆଁପାଲି ଗଣ୍ଡାପଡାରେ ନିର୍ମାଣାଧୀନ କମ୍ୟୁନିଟି ସେଣ୍ଟର, ଚେରୁପାଲି ବିଦ୍ୟାଳୟର ନିର୍ମାଣାଧୀନ ଅତିରିକ୍ତ ଶ୍ରେଣୀ କୋଠରୀ କାମ ତଦାରଖ କରିଛନ୍ତି । ସରପଞ୍ଚ ଦିଲୀପ ଶତପଥୀ, ବ୍ଲକ ଏଇ ସ୍ୱାଧୀନ ଦାସ, କନିଷ୍ଠ ଯନ୍ତ୍ରୀ ଚନ୍ଦ୍ରଦୀପ ଭୂମିଜଙ୍କ ସମେତ ୱାର୍ଡ ସଭ୍ୟା, ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ

ଡୁଙ୍ଗୁରିପାଲି, ୯ ।୯ (ସମିସ): ସ୍ଥାନୀୟ ଆରଏମସିଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଜୀବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ବେଲାର ସାହୁ ଯୋଗ ଦେଥିବା ବେଳେ ସମ୍ମାନିତ ଅତିଥିଭାବେ ସୋନପୁର ବିଧାୟକଙ୍କ ନୋମିନି ପ୍ରକାଶ ସାହୁ, ସୁବର୍ଣ୍ଣପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲଭ ଷଡ଼ଙ୍ଗୀ ଯୋଗ ଦେଇଥିଲେ । ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଖିରୋଦ ଭୂଷଣ ରାଏ ସଂଯୋଜନା କରିଥିଲେ । ଡାକ୍ତର ସଞ୍ଜୟ ପ୍ରଧାନ ଓ ରବି ଚନ୍ଦ୍ର ପଣ୍ଡା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

## ରକ୍ତଦାନ ଶିବିର ନିମନ୍ତେ ପ୍ରସ୍ତୁତି

ଜହ୍ନାପଙ୍କ, ୯ ।୯ (ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବୃହତ ରକ୍ତଦାନ ଶିବିର କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନ ଅଧକ୍ଷତା କରିଥିଲେ । ଜିଲ୍ଲା ଶିକ୍ଷାଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଚୂଡ଼ାମଣି ବାରିକ, ଭାସ୍କର ଲେଙ୍କା, ହରଭଙ୍ଗା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକେଶ୍ୱର ନାଏକ, ବୌଦ୍ଧ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳ ବେହେରା, ଡିପିଇଓ ଆନନ୍ଦ ବେହେରା, ନବକିଶୋର ଦୀପ ଯୋଗ ଦେଇଥିଲେ । ୧୧ ଗୋଟି ଗ୍ରାମ୍ୟ କମିଟି ତଥା ମୋ ସ୍କୁଲ ଅଭିଯାନର କମିଟି ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ଏହି ଅବସରରେ ଶତାଧିକ ଥର ରକ୍ତଦାନ କରିଥିବା ବିଶିଷ୍ଟ ବ୍ୟକ୍ତି ଜଗଦୀଶ ବାରିକ ଓ ଜହ୍ନାପଙ୍କ ଗ୍ରାମ୍ୟ କମିଟି ସଭାପତି ଜଳନ୍ଧର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ଆସନ୍ତା ଅକ୍ଟୋବର ୧ ତାରିଖ ଏହି ରକ୍ତଦାନ ଶିବିର ହେବ ।

## ଝାରସୁଗୁଡ଼ାରେ ୯୮ ଅଭିଯୋଗର ଶୁଣାଣି

ଝାରସୁଗୁଡ଼ା, ୯ ।୯ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଏହା ଆୟୋଜିତ ହୋଇଥିଲା । ଏହି ଶୁଣାଣି ଶିବିରରେ ମୋଟ ୯୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୭୧ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୨୭ଟି ସାମୂହିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ୧୭ଟି ଅଭିଯୋଗର ଘଟଣାସ୍ଥଳରେ ସମାଧାନ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

## ତରଭା ପଞ୍ଚାୟତ ସମିତି ବୈଠକ | କାଗଜକଲମରେ ଯୋଜନା ସୀମିତ ନ ରଖିବାକୁ ତାଗିଦ

ତରଭା, ୯ ।୯ (ସମିସ)



ତରଭା ବ୍ଲକ୍ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଓ ସମିତିସଭ୍ୟମାନେ ନିଜ ନିଜ ଅଞ୍ଚଳର ଅସୁବିଧା, ସମସ୍ୟା ବୈଠକରେ ଉପସ୍ଥାପନ କରିଥିଲେ । ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, କେନ୍ଦ୍ରୀୟ ଆର୍ଥିକ ଆୟୋଗ ଦ୍ୱାରା ପ୍ରଦତ୍ତ ଅନୁଦାନ ଓ ରାଜ୍ୟ ଅନୁଦାନ ନେଇ ଆଲୋଚନା ହୋଇଥିଲା । ଆଗାମୀ ବର୍ଷ ପାଇଁ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନେଇ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ । ଯେପରି କାଗଜକଲମରେ ଯୋଜନା ସୀମିତ ନ ରହି ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରିବ ସେ ନେଇ ସମସ୍ତ ଅଧିକାରୀଙ୍କୁ ତାଗିଦ କରାଯାଇଛି । ବ୍ଲକ୍ ଅଧକ୍ଷ ସରୋଜ କମ୍ପଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧକ୍ଷା ଦ୍ୱାଦଶୀ କୁଆଁର, ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳି କମ୍ପ ଓ ଶକୁନ୍ତଳା ପୃଷ୍ଟି, ସଂସଦଙ୍କ ପ୍ରତିନିଧି ବିମଳ ମିଶ୍ର, ଭାରପ୍ରାପ୍ତ ଏଇଇ ସଂଯୁକ୍ତା ପଧାନ ଅତିଥି ଭାବେ ଯୋଗ ଦେଇ ମତ ବ୍ୟକ୍ତ କରିଥିଲେ । ବିଡିଓ ଶିବାନନ୍ଦ କର୍ମୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଜିପିଡି ଓ ବିବେକ ସାହୁ ପରିଚାଳନା କରିଥିଲେ । ବୈଠକରେ ସରଗଜ ସରପଞ୍ଚ ନର୍ମଦା ମିଶ୍ର, ସରପଞ୍ଚ ଅଶ୍ୱିନୀ ବିଶି, ମନମୋହନ ସାହୁ, ଗଣନାଥ ସାହୁ, ସୁଦାମ ଦୀପ, ଆର୍ତ୍ତ ତ୍ରାଣ ବଗର୍ତି, ସମିତି ସଭ୍ୟ ଘନଶ୍ୟାମ ଡାଙ୍ଗ, ମନୋଜ ପଣ୍ଡା, ରାମ ସାହୁ, ମୁଜ ଲେମିନ ମହମ୍ମଦ, ମାର୍କଣ୍ଡ ନାଗ ପ୍ରମୁଖ ଯୋଗ ଦେଇଥିଲେ ।

**ନିଜ ଅଞ୍ଚଳର ଅସୁବିଧା, ସମସ୍ୟା ଜଣାଇଲେ ଜନ ପ୍ରତିନିଧି**

## ଗୋରୁ ହାଟ ବନ୍ଦ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବୌଦ୍ଧ, ୯ ।୯ (ସମିସ): ବୌଦ୍ଧ ଜିଲ୍ଲାରେ ଗୋରୁଚାଲାଣ ରୋକିବା ସହ ଗୋରୁ ହାଟଗୁଡ଼ିକ ବନ୍ଦ କରିବା ଦାବିରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସଂଗଠନର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ଭେଟି ଏ ନେଇ ଦାବି ଜଣାଇଥିଲେ । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲାର ପ୍ରମୁଖ ଗୋରୁ ବଜାର ମଧ୍ୟରୁ ତିଲେଶ୍ୱର ଗୋରୁ ହାଟ ପୂର୍ବରୁ ବନ୍ଦ ହୋଇସାରିଛି । ତେବେ ବର୍ତ୍ତମାନ ବୌଦ୍ଧ ବ୍ଲକର ଗୁଦୁଗୁଦା ଏବଂ କଣ୍ଟାମାଳ ବ୍ଲକର ଆମ୍ବଗାଁ ସାପ୍ତାହିକ ବଜାରରେ ଗୋରୁ ବିକ୍ରି ଚାଲିଥିବା ଅଭିଯୋଗ କରାଯାଇଛି । ଏହି ବଜାରଗୁଡ଼ିକରୁ ଗୋରୁଙ୍କୁ ଅସୁରକ୍ଷିତ ଭାବେ ରାଜ୍ୟ ବାହାରକୁ ମାଂସ ପାଇଁ ଚାଲାଣ କରାଯାଉଥିବା ସଂଗଠନ ଅଭିଯୋଗ କରିଛି । ଅନ୍ୟପକ୍ଷରେ ବୌଦ୍ଧ ସହରର ବିଭିନ୍ନ ରାସ୍ତାରେ ବୁଲୁଥିବା ଗୋରୁଙ୍କୁ ଗୋଶାଳାକୁ ସ୍ଥାନାନ୍ତର କରିବା ଦାବି ମଧ୍ୟ ଦାବିପତ୍ରରେ ଉଠାଯାଇଛି । ଏ ନେଇ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ଲିଖିତ ପ୍ରତିଶ୍ରୁତି ସତ୍ତ୍ୱେ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ କରି ସଂଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି । ଦାବିଗୁଡ଼ିକ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନେବା ନେଇ ଆଶ୍ୱାସନା ଦେଇଛନ୍ତି । ଏଥିସହ ଏ ସମ୍ପର୍କରେ ଜିଲ୍ଲାପାଳ ନିର୍ବାହୀ ଅଧିକାରୀ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି ।

## କନ୍ଧ ସମାଜର ବୈଠକ ଓ ସଂଗଠନ ସୁଦୃଢ଼ କରିବାକୁ ଆହ୍ୱାନ

ବୌଦ୍ଧ, ୯ ।୯ (ସମିସ): ଆଞ୍ଚଳିକ କନ୍ଧ ସମାଜ ସଭାପତି ସାମନ୍ତ ମାଝୀଙ୍କ ଆହ୍ୱାନ କ୍ରମେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ସିଲେଟପଡ଼ା ଗ୍ରାମରେ କନ୍ଧ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଖପାଖ ବିଭିନ୍ନ ଗ୍ରାମରୁ ବହୁସଂଖ୍ୟାରେ କନ୍ଧ ସମାଜର ମୁଖିଆ, ଯୁବକ ଏବଂ ମହିଳାମାନେ ଯୋଗ ଦେଇଥିଲେ । ପ୍ରଥମେ ସମାଜର ଇଷ୍ଟଦେବୀ ଆଦିମାତା ଆଦିଶକ୍ତିଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ପରେ କୁଦୁର୍କା ପ୍ରଗଣା ସଭାପତି ଦେବାଧି ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତୁର୍କା ପ୍ରଗଣା ଉପ ସଭାପତି ରାଜେନ୍ଦ୍ର ଭୋଇ, ସମ୍ପାଦକ ଧର୍ମୁ କହଁର, କଣ୍ଟାମାଳ ବ୍ଲକ୍ ଆଦିବାସୀ ସଙ୍ଘ ସଭାପତି ପିତାମ୍ବର ଭୋଇ, ଆଞ୍ଚଳିକ କନ୍ଧ ସମାଜ ସମ୍ପାଦକ ସୁଦାମ ଭୋଇ, ଉପଦେଷ୍ଟା ସୁଶିଲ ଝାଙ୍କର ପ୍ରମୁଖ ଯୋଗଦେଇ ସମାଜ ମଧ୍ୟରେ ଏକତା ବଜାୟ ରଖିବା, ଶିକ୍ଷାର ପ୍ରସାର ଏବଂ ପାରମ୍ପରିକ ରୀତିନୀତିର ସୁରକ୍ଷା କରିବା ବିଷୟରେ ଆଲୋଚନା କରିଥିଲେ । ଆଜିର ଦିନରେ ସମାଜର ବିକାଶ ପାଇଁ ଶିକ୍ଷା ସବୁଠାରୁ ବଡ଼ ଅସ୍ତ୍ର । ନିଜର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ସହିତ ସାମାଜିକ କୁସଂସ୍କାର ଦୂର କରିବା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସାମ୍ବାଦିକ ବଂଶୀଧର ମାଝୀ ଆହ୍ୱାନ ଦେଇଥିଲେ । ବୈଠକରେ ସମାଜର ଆଗାମୀ କାର୍ଯ୍ୟପନ୍ଥା ଏବଂ ବିଭିନ୍ନ ସମସ୍ୟାର ସମାଧାନ ନେଇ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ସମସ୍ତେ ମିଳିମିଶି ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବାକୁ ସଭାପତି ସାମନ୍ତ ମାଝୀ ସଂକଳ୍ପ କରାଇଥିଲେ । ଶେଷରେ ରହିତ ମଲିକ ଧନ୍ୟବାଦ ଦେଇଥିଲେ ।

## ଜଟେସିଂହା ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ପରିଷଦ ଗଠନ

ବୀରମହାରାଜପୁର, ୯ ।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ଜଟେସିଂହା ଗ୍ରାମ ପଞ୍ଚାୟତର ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ଏକତା ମଞ୍ଚର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବଡଖମାର ଶ୍ୟାମସୁନ୍ଦର ମଠରେ ଏହା ଆୟୋଜିତ ହୋଇଥିଲା । ସଭାରେ ଜଗଦୀଶ ପଣ୍ଡା ସଭାପତିତ୍ୱ କରିଥିଲେ । ବ୍ଲକ୍ ସଂପାଦକ ଡ. ଦ୍ୱିତୀକୃଷ୍ଣ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ ସହିତ ସଭା ସଂଯୋଜନା କରିଥିବା ବେଳେ ସନ୍ତୋଷ ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବ୍ରାହ୍ମଣ ଏକତା ସମନ୍ୱୟ କମିଟିର ଅଧ୍ୟକ୍ଷ ଡ ପ୍ରଫୁଲ୍ଲ ରଥ, ବ୍ଲକ୍ ସଭାପତି ଅକ୍ଷୟ ମିଶ୍ର, ଉପ ସଭାପତି କିଶୋର ହୋତା, କାର୍ଯ୍ୟକାରୀ ସଦସ୍ୟ ସତ୍ୟଞ୍ଜିବ ମିଶ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାପତି ଶ୍ୟାମସୁନ୍ଦର ପଣ୍ଡା, ସୋନପୁର ବ୍ଲକ୍ ପ୍ରତିନିଧି ସୁରେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ନାରାୟଣ ରଥ, ସୂର୍ଯ୍ୟ ନନ୍ଦ, ଦାମୋଦର ହୋତା, ଆଚାର୍ଯ୍ୟ ସୁଶାନ୍ତ ପୁରୋହିତ, ସତ୍ୟ ନାରାୟଣ ନାୟକ, ନିତ୍ୟାନନ୍ଦ ପଣ୍ଡା, ରବୀନ୍ଦ୍ରନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ସଭାପତି ଭାବେ ତ୍ରିପୁରାରି ରଥ, କାର୍ଯ୍ୟକାରୀ ସଭାପତି ଭାବେ ଗୌରୀଶଙ୍କର ପାଣିଗ୍ରାହୀ, ଉପ ସଭାପତି ଭାବେ ଘୁଣ୍ଟୁଗୋପାଳ ଦାଶ, ବୀରେନ୍ଦ୍ର ପଣ୍ଡା, ସଂପାଦକ ଭାବେ ସୁଧୀର ପାଣିଗ୍ରାହୀ, ଯୁଗ୍ମ ସଂପାଦକ ଭାବେ ସାରଙ୍ଗଧର ଦାଶ, ଦଧିବାବନ ପୁରୋହିତ, କୋଷାଧ୍ୟକ୍ଷ ଭାବେ କଳାକାହ୍ନୁ ମହାପାତ୍ର, ସଂଯୋଜକ ଭାବେ ରଞ୍ଜନ୍ ଦାଶ, ଧୀରେନ୍ଦ୍ର ନାରାୟଣ ପଣ୍ଡା, ଉପଦେଷ୍ଟା ଭାବେ ଜ୍ଞାନେନ୍ଦ୍ର ତ୍ରିପାଠୀ, ଜଗଦୀଶ ପଣ୍ଡା, ମାଗୁଣି ସାମନ୍ତରା, ସାଧୁ ଚରଣ ପଣ୍ଡା, ରାଜେଶ୍ ପାଣିଗ୍ରାହୀ, ସଦାନନ୍ଦ ପଣ୍ଡା, ସନ୍ତୋଷ ମିଶ୍ର, ଗୌରଚନ୍ଦ୍ର ପଣ୍ଡା, ବିଶ୍ୱେଶ୍ୱର ପାଣିଗ୍ରାହୀ, ରୋହିତ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରାମକୃଷ୍ଣ ପୁରୋହିତ, ଦିଲ୍ଲିପ ପଣ୍ଡା, ବିନ୍ଦୁ ଚରଣ ମିଶ୍ର, ରାମଶଙ୍କର ପାଣିଗ୍ରାହୀ, ରାଘବ ଦାଶ, ତୋଫାନ ମିଶ୍ର ଓ ଆଇନ୍ ପରାମର୍ଶଦାତା ଭାବରେ ଯଥାକ୍ରମେ ଗଣପତି ପଣ୍ଡା ଓ ଯତିନ୍ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି ।

## ତରଭା ତହସିଲରେ ଫର୍ମ-୧୪ ଶୁଣାଣି

ତରଭା, ୯ ।୯ (ସମିସ): ତରଭା ତହସିଲରେ ହାଇଟେକ୍ ସର୍ଭେ ଅଧୀନରେ ଫର୍ମ-୧୪ ସମ୍ପର୍କିତ ଶୁଣାଣି ବୁଧବାର ଅନୁଷ୍ଠିତ ହୋଇଯାଇଛି । ସୋନପୁର ଉପଜିଲ୍ଲାପାଳ ଡ ସୋମ୍ୟରୂପା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣିରେ ୫ଟି ଗ୍ରାମ ସମ୍ପର୍କିତ ମୋଟ ୬୦ଟି ମାମଲାର ଶୁଣାଣି କରାଯାଇଥିଲା । ଶୁଣାଣି କାର୍ଯ୍ୟକ୍ରମରେ ସହକାରୀ କଲେକ୍ଟର ଅଜିତ ତ୍ରିପାଠୀ ଏବଂ ତରଭା ତହସିଲଦାର ଶ୍ୱେତାଲିନା ମହାଣା ଉପସ୍ଥିତ ଥିଲେ । ଏଥିସହ ହାଇଟେକ୍ ସର୍ଭେ ଅମିନ ଅଶ୍ୱିନୀ ପୂଜାରୀ ଓ ଗୋପାଳ କର ଉପସ୍ଥିତ ରହି ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ । ହାଇଟେକ୍ ସର୍ଭେ ଅଧୀନରେ ବାଘିଆ, ଖୁଣ୍ଟବନ୍ଧ, ଶିବତୁଳା, ପାଣିମୁରା ଓ ଫକୀରିଆମୁଣ୍ଡା ଗ୍ରାମର ମାମଲା ଗୁଡ଼ିକର ଶୁଣାଣି କରାଯାଇଥିଲା ।

## ଅଧିକାରୀ ଆସିବେ ବୋଲି ବିଦ୍ୟାଳୟରେ ବ୍ୟାପକ ପ୍ରସ୍ତୁତି

ମନମୁଣ୍ଡା, ୯ ।୯ (ସମିସ): ଭୂପିନ୍ଦର ସିଂ ପୋନିଆ (ନୋଡାଲ ଅଧିକାରୀ) ଗୁରୁବାର ବୌଦ୍ଧ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବେ । ସେଥିପାଇଁ ଅପରିଷ୍କାର ଓ ଅସଜଡ଼ା ତଥା ଅବ୍ୟବସ୍ଥା ହୋଇ ପଡି ରହିଥିବା ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ବ୍ୟାପକ ପ୍ରସ୍ତୁତିରେ ଲାଗିଛନ୍ତି । ଗୁରୁବାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ବ୍ୟବସ୍ଥା ପାଇଁ ଶିକ୍ଷକମାନେ ଚେଷ୍ଟା ଚଳାଇଛନ୍ତି ।

## ଆବିର୍ଭାବ ହୋଇଥିବା ଶିବଲିଙ୍ଗର ଅଭିଷେକ

ଦେଓଗାଁ, ୯ ।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ନିକଟରେ ବୁଧବାର ଆବିର୍ଭାବ ହୋଇଥିବା ଶିବଲିଙ୍ଗର ଅଭିଷେକ କରାଯାଇଛି । ଆରପ ଦୀପ, ଆୟୁଷ ଦୀପ, ପିୟୁଷ ସୁନା, ହିମାଂଶୁ ସୁନା ପୂଜା ଦାୟିତ୍ୱ ତୁଲାଇଛନ୍ତି । ଉମା ଶଙ୍କର ଦୀପ ଓ ସଂଯୁକ୍ତା ଦୀପ କର୍ତ୍ତା ଥିଲେ । ନେହେରୁ ଦୀପ, ଅଶ୍ୱିନୀ ଦୀପ, ସାହିଲ ଦୀପ ପ୍ରମୁଖ ସହଯୋଗ କରିଥିଲେ ।

## ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପାଇଁ ଖେଳାଳି ଚୟନ

ଦେବଗଡ଼, ୯ ।୯ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଦ୍ୱାରା ୧୮ରୁ ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତା ରାଜ୍ୟର ୪ଟି ଜିଲାରେ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଦେବଗଡ଼ ଜିଲା କ୍ରୀଡା ସଂସଦ ପକ୍ଷରୁ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଂସଦର ଫୁଟବଲ ସମ୍ପାଦକ ପ୍ରଦୀପ ବେହେରା, ଯୁଗ୍ମ ସମ୍ପାଦକ ତିଲେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ପ୍ରଭାତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଖେଳାଳିମାନଙ୍କ ନାମ ପଞ୍ଜୀକରଣ ସହ ସାର୍ଟିଫିକେଟ ଯାଞ୍ଚ କରାଯାଇଛି । ୯୪ ଜଣ ଖେଳାଳି ଯୋଗ ଦେଇଥିଲେ । ବରିଷ୍ଠ ଖେଳାଳି ରୂପକ ମାଝୀ, କିଶୋର ବେହେରା, ଦେବଗଡ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ସୌରଭ କୁମାର ନାଏକ ଚୟନ କରିଥିଲେ । କରଡାପାଳର ଦୀପକ ଏକ୍କା, କୁଣ୍ଡାପିଠା କ୍ଲବର କେଦାର ମୁଣ୍ଡା, ପ୍ରକାଶ ସାହୁ, ବେଗୁନିଆନାଳୀର ସଞ୍ଜୟ ବାଘ, ଯୁଗ୍ମ ସମ୍ପାଦକ କିଶୋର ରାଏ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାଏକ ପ୍ରକାଶ କରିଛନ୍ତି ।

## ମହିଳାଙ୍କ ଆଇନଗତ ଅଧିକାର ଉପରେ କର୍ମଶାଳା

କଣ୍ଟାମାଳ, ୯ ।୯ (ସମିସ): କଣ୍ଟାମାଳ ପଞ୍ଚାୟତ କଲେଜର ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ପକ୍ଷରୁ କଲେଜ ପରିସରରେ ଓମେନସ ଲିଗାଲ ରାଇଟ୍ସ ଏଣ୍ଡ ଲସ ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଛି । କଲେଜ ଅଧକ୍ଷ ଅନୋଜ ଭୁକ୍ତାଙ୍କ ଅଧକ୍ଷତା ଏବଂ ଶକ୍ତିଶ୍ରୀ ନୋଡାଲ ଅଧିକାରୀ ପ୍ରୀତିସ୍ମିତି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଦୂତିଆ ଚରଣ ସାହୁ, ଅଧ୍ୟାପକ ଦେବଦାସ ମହାପାତ୍ର ଓ ରବୀନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇଥିଲେ । ଏହି ଅବସରରେ ଅଧ୍ୟାପକ ଶିବଦତ୍ତ ପୁରୋହିତ, ସଂଶିତ ରଥ, ଅଞ୍ଜୁମ ଲୋମଗା, ନୀଳମଣି ମଲ୍ଲିକ ପୌଲସ୍ତି ପ୍ରଧାନ, ପାଠାଗାର ଅଧିକାରୀ ଜତିନ ମିଶ୍ର, ଅଧ୍ୟାପିକା ନନ୍ଦିନୀ ସାମନ୍ତରାୟ, ସେବାଶ୍ରୀ ବେହେରା, ମାନିନୀ ଦାଶ, ଅର୍ଚ୍ଚନା ମିଶ୍ର, ଶ୍ୱେତପ୍ରଭା ମହାକୁଡ଼, ମମତା ପଣ୍ଡା, ଅମ୍ରିତା ସାହୁ, ମଧୁସ୍ମିତା ନନ୍ଦ, ସୁକନ୍ୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ମହାବଳୀ ଯାତ୍ରା ପାଳନ ନେଇ ପ୍ରସ୍ତୁତି

ତରଭା, ୯ ।୯ (ସମିସ): ସୋନପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମହାବଳୀ ଯାତ୍ରା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଡ. ସୋମ୍ୟା ରୂପା ରଥ ଏଥିରେ ଅଧକ୍ଷତା କରିଥିଲେ । ଅକ୍ଟୋବର ପ୍ରଥମ ସପ୍ତାହରୁ ନବରାତ୍ରି ଓ ଦଶହରା ପର୍ବର ସମାପ୍ତି ପର୍ଯ୍ୟନ୍ତ ମହାବଳୀ ଯାତ୍ରା ପାଳନ କରାଯିବ । ଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ସୁଚାରୁରୂପେ ପାଳନ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ପରସ୍ପର ସମନ୍ୱୟ ରଖି ସହଯୋଗ କରିବାକୁ ଡ. ରଥ ଅନୁରୋଧ କରିଥିଲେ । ପୌରପରିଷଦକୁ ଯାତ୍ରା ସମୟରେ ଆବଶ୍ୟକ ସଫେଇ ଓ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବା ଏବଂ ରାସ୍ତା ଓ କୋଠାବାଡ଼ି ବିଭାଗକୁ ଆବଶ୍ୟକ ବ୍ୟାରିକେଡିଂ ବ୍ୟବସ୍ଥା କରିବାକୁ କୁହାଯାଇଥିଲା । ମହାବଳୀ ଯାତ୍ରାକୁ ସୁନ୍ଦର, ଶୃଙ୍ଖଳିତ ଓ ସ୍ମରଣୀୟ ଭାବେ ପାଳନ କରିବା ପାଇଁ ସମସ୍ତ ସେବାୟତ ଓ ସମ୍ପୃକ୍ତ ବିଭାଗ ଆଗେଇ ଆସି ପୂର୍ଣ୍ଣ ସହଯୋଗ କରିବାକୁ ଡ. ରଥ ଆହ୍ୱାନ ଦେଇଥିଲେ ।

## ଏନ୍‌ଏଲ୍‌ସି ପ୍ରକଳ୍ପ ପ୍ରଭାବିତଙ୍କ ପୁନର୍ବାସ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ସମିତି ବୈଠକ

ଝାରସୁଗୁଡ଼ା, ୯ ।୯ (ସମିସ): ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଏନ୍‌ଏଲ୍‌ସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା କୋଇଲା ଖଣି ଏବଂ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଗଠିତ ପୁନର୍ବାସ ତଥା ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉତ୍ତରାଞ୍ଚଳ ରାଜସ୍ୱ ବିଭାଗୀୟ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ଓ ଅଧିକାର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଏହି ବୈଠକରେ ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ, ମାନ୍ୟବର ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଉପସ୍ଥିତ ଥିଲେ ।

## ମଇଁଷି ଚାଲାଣ ରୋକିଲା ବଜରଙ୍ଗ ଦଳ

ବୌଦ୍ଧ, ୯ ।୯ (ସମିସ): ବୌଦ୍ଧ-ବଘିଆପଡ଼ା ରାସ୍ତାର ପନଖିମାଲ ନିକଟ କାଶିଆବସାଠାରେ ଚାଲାଣ ବେଳେ ୧୯ଟି ମଇଁଷିକି ଉଦ୍ଧାର କରାଯାଇଛି । ବଜରଙ୍ଗ ଦଳ କର୍ମୀମାନେ ମଇଁଷି ପଲକୁ ଅଟକାଇ ପୁଲିସକୁ ସୂଚନା ଦେଇଥିଲେ । ବୌଦ୍ଧ ଥାନା ଅନ୍ତର୍ଗତ ବୀରନରସିଂହପୁର ଅଞ୍ଚଳରୁ ବାଉଁଶୁଣୀ ଥାନା ଅଧୀନ ଟାଲୁପାଲି ଗ୍ରାମର ଜଣେ ଗୋ ବ୍ୟବସାୟୀଙ୍କ ନିକଟକୁ ମଇଁଷିଗୁଡ଼ିକୁ ଚଲାଇ ଚଲାଇ ନିଆଯାଉଥିବା ବଜରଙ୍ଗ ଦଳ କର୍ମୀମାନେ ଖିର ପାଇଥିଲେ । ଏହାପରେ ସେମାନେ କାଶିଆ ବସା ନିକଟରେ ମଇଁଷି ପଲକୁ ଅଟକାଇଥିଲେ । ଖବରପାଇ ବୌଦ୍ଧ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୭ଟି ମଇଁଷି ଓ ୧୨ଟି ପୋଡ଼ ସମେତ ମୋଟ ୧୯ଟି ପଶୁଙ୍କୁ ଉଦ୍ଧାର କରିଥିଲା । ଏହି ଘଟଣାରେ ୨ ଜଣଙ୍କୁ ପୁଲିସ ଅଟକରଖି ପଚରାଉଚରା କରୁଛି । ଉଦ୍ଧାର ହୋଇଥିବା ୧୯ଟି ମଇଁଷି ଓ ପୋଡ଼କୁ ମୁଣ୍ଡାପଡ଼ା ନିକଟ କନ୍ଧଧିମାଲ ଗ୍ରାମରେ ଥିବା ସ୍ୱେଚ୍ଛାସେବୀ ସଂଗଠନ 'କାର୍ଡ' ପରିଚାଳିତ ସୁରେଖା ଦେବୀ ଗୋଶାଳାକୁ ହସ୍ତାନ୍ତର କରାଯାଇଛି ।

## କୋଲାବିରାରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ଝାରସୁଗୁଡ଼ା, ୯ ।୯ (ସମିସ): କୋଲାବିରାରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଉତ୍ସାହ ପାଳନ କରାଯାଇଛି । ପି.ଏସ୍. ହାଇସ୍କୁଲ୍‌ରୁ ଏକ ବିଶାଳ ସଚେତନତା ରାଲି ଆୟୋଜିତ ହୋଇଥିଲା । ଏହି ରାଲି କୋଲାବିରା ବ୍ଲକ ମୁଖ୍ୟାଳୟ ଅଞ୍ଚଳର ବିଭିନ୍ନ ଗ୍ରାମ ଓ ପଡ଼ା ଦେଇ ପରିକ୍ରମା କରିଥିଲା । ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲରେ ରିଜର୍ଭ ପୁଲିସ ଓ ବିକେସି ୟୁନାଇଟେଡ୍

ବଲାଙ୍ଗିର, ୯ ।୯ (ସମିସ)




ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆରଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳରେ ରିଜର୍ଭ ପୁଲିସ ୪-୩ ଗୋଲ୍‌ରେ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ଅତିଥି ଭାବେ ରିଜର୍ଭ ପୁଲିସ ଇନ୍ସପେକ୍ଟର ଲୋକନାଥ ଭୋଇ, କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଓ ପୂର୍ବତନ ସଦର ବ୍ଲକ ଚେୟାରମ୍ୟାନ ଗୋଲାପ ବାଗ ଯୋଗ ଦେଇଥିଲେ । ଜିଲ୍ଲା ବିକି ବିଶି, ମଳୟ ଘିବେଲା ଓ ସୁଦର୍ଶନ ସେଠ ପରି.ଳନା କରିଥିବା ବେଳେ ଅବଦୁଲ



ଡ. ଶ୍ରୀକର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର କ୍ରୀଡାବାସ ଫୁଟବଲ କୋଚ ପରାଶର ବାଗ ଓ ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ ଉପସ୍ଥିତ ଥିଲେ । ଖେଳକୁ ସଂଜନ କୁଦେଇ, ମୁଜିବ ମ୍ୟାଚ କମିଶନର ଥିଲେ । ସେହିପରି ଗାନ୍ଧୀ ଷ୍ଟାଡିୟମଠାରେ ତୃତୀୟ କ୍ୱାର୍ଟର ଫାଇନାଲ ଖେଳରେ ବିକେସି ୟୁନାଇଟେଡ ଟାଇବ୍ରେକର ୪-୨ ଗୋଲରେ ବିଏନ୍‌ଏଏ ଜରାସିଂହାକୁ ହରାଇ ସେମିଫାଇନାଲକୁ ଉନ୍ନିତ ହୋଇଛି । ଅତିଥି ଭାବେ ଡିପିଇଓ ପ୍ରଦୀପ ପାତ୍ର, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, କୋଷାଧକ୍ଷ ହେମନ୍ତ ବେହେରା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର ଓ ଶିଶିର ବହିଦାର ଯୋଗ ଦେଇଥିଲେ । ସଂସଦର କାଉନସିଲ ସଭ୍ୟ ପ୍ରଭାତ ମିଶ୍ର ଓ ସଦସ୍ୟ କୈଳାସ ଚନ୍ଦ୍ର କର୍ତ୍ତି ଉପସ୍ଥିତ ଥିଲେ । ଖେଳକୁ ଜିତେନ୍ଦ୍ର ପାତ୍ର, ଅଭିଷେକ ପ୍ରଧାନ, ଶ୍ରବଣ ବାଗ ଓ ପୁରୁଷୋତ୍ତମ ବୁଡେକ ପରି.ଳନା କରିଥିବା ବେଳେ ସଂସଦର ଫୁଟବଲ ସଂପାଦକ ଶରତ ନନ୍ଦ ମ୍ୟାଚ କମିଶନର ଥିଲେ । ଗୁରୁବାର ଆରଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚତୁର୍ଥ କ୍ୱାର୍ଟର ଫାଇନାଲ ଖେଳ ବାଦିବାହାଲ ବନାମ ଗୁଲମି ଏବଂ ଗାନ୍ଧୀ ଷ୍ଟାଡିୟମଠାରେ ନକଟାସର ବନାମ ରିଜର୍ଭ ପୁଲିସ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ହେବ ।

ସକାଳ
THE SAKALA

# ସମ୍ପାଦକୀୟ



ଜୀବନରେ ଆନନ୍ଦ ପାଇବାକୁ ହେଲେ ଜନାସକ୍ତ ଓ ବିଷୟାସକ୍ତ ନ ହୋଇ ଏକ ମହତ୍ ଲକ୍ଷ୍ୟ ସହିତ ଚୁକ୍ତି କର।
-ଆଲବର୍ଟ ଆଇନଷ୍ଟାଇନ୍

## ସବୁଜ ଇନ୍ଧନର ଆହ୍ୱାନ

ଭାରତର ବାଣିଜ୍ୟ-ଅର୍ଥନୀତିର ମୁଖ୍ୟ ଆହ୍ୱାନ ହେଉଛି ଇନ୍ଧନ। ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଏହି ଦେଶର ଇନ୍ଧନ ଚାହିଦା ବଢ଼ିଚାଲିଥିବା ବେଳେ ଏଥିରେ ଜୀବାଶ୍ମ ଇନ୍ଧନର ସିଂହଭାଗ ଅବଦାନ ରହୁଛି ଏବଂ ତୈଳ ଚାହିଦାର ୮୦% ପର୍ଯ୍ୟନ୍ତ ଭାରତକୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ଏହାଦ୍ୱାରା ଚାଲୁ ଖାତା ନିଅଣ୍ଟ (କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ସହିତ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି ସାମ୍ପ୍ରତିକ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ସୃଷ୍ଟ ତିକ୍ତତାକୁ ଇନ୍ଧନ ଯୋଗାଇଛି ରୁଷରୁ ଭାରତର ବହୁଳ ଇନ୍ଧନ ଆମଦାନୀ। ଏହି ପୃଷ୍ଠଭୂମିରେ ସୁଖର କଥା ଭାରତ ସ୍ୱଚ୍ଛ ଓ ସବୁଜ ଇନ୍ଧନ ନିର୍ଭରଶୀଳତା ଧାର୍ଯ୍ୟ ଲକ୍ଷ୍ୟର ବହୁପୂର୍ବରୁ ହାସଲ କରିବାକୁ ଯାଉଛି। ଏହାଫଳରେ ଇନ୍ଧନ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତା ବହୁ ପରିମାଣରେ ହ୍ରାସ ପାଇବାର ଆଶା ସଞ୍ଚାର ହୋଇଛି।

ଗତ ଜୁନ୍ ଶେଷ ସୁଦ୍ଧା ଦେଶର ମୋଟ ଶକ୍ତି ଯୋଗାଣ ୪୮୪.୮୨ ଗିଗାୱାଟ୍ ହୋଇଥିବା ବେଳେ ସେଥିରୁ ପ୍ରାୟ ଅଧା ଅର୍ଥାତ୍ ୨୨.୭୮ ଗିଗାୱାଟ୍‌ର ଉତ୍ସ ଥିଲା ଜଳବିଦ୍ୟୁତ୍, ଆଣବିକ, ସୌର ଓ ପବନ ଶକ୍ତି। ୨୦୩୦ ସୁଦ୍ଧା ଦେଶର ମୋଟ ଶକ୍ତି ଚାହିଦାର ୫୦% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା କରିବା ପାଇଁ ଭାରତ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ବେଳେ ତାହାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିବା ପରିବେଶ ସୁରକ୍ଷା ପ୍ରତି ଭାରତର ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରୁଛି। ଏଥିସହିତ ଜୀବାଶ୍ମ ଇନ୍ଧନ ଆମଦାନୀ ଜନିତ ଅର୍ଥନୈତିକ ବୋଝ ହ୍ରାସ କରିବା ଦିଗରେ ଏକ ଶୁଭସଙ୍କେତ ଦେଇଛି। ଏହି ସଫଳତା ପଛରେ ସୌରଶକ୍ତିର ଅବଦାନ ଉଲ୍ଲେଖନୀୟ ନ ହେଲେ ମଧ୍ୟ ଉତ୍ସାହଜନକ ଓ ପ୍ରେରଣାପ୍ରଦ। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ବିଗତ ଦୁଇବର୍ଷ ମଧ୍ୟରେ ୨୪ଗିଗାୱାଟ୍ ଉତ୍ପାଦନ କରିପାରିଛି। ନିର୍ମାଣାଧୀନ ଅନେକ ପ୍ରକଳ୍ପ ଆଗାମୀ ବର୍ଷେ/ଦୁଇବର୍ଷ ଭିତରେ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାରୁ ସବୁଜ ଶକ୍ତିରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ବୋଲି ଆଶା ସୃଷ୍ଟି ହେବା ସ୍ୱାଭାବିକ। ଏହାଛଡ଼ା ଭାରତ ଦଶଟି ଆଣବିକ ଶକ୍ତି ଉତ୍ପାଦନ ପ୍ରକଳ୍ପ (ଭାରତ ସ୍ମଲ୍ ମଡୁଲାର ରିଆକ୍ଟର) କାର୍ଯ୍ୟ ତ୍ୱରିତ୍ ଗତିରେ ଚାଲୁଛି। ଏବେ ଆଣବିକ ଶକ୍ତି ଯୋଗାଣ ୧୭ ଗିଗାୱାଟ୍ ଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି।

ଅଣ-ଜୀବାଶ୍ମ ଇନ୍ଧନରେ ଭାରତର ଏହି ସଫଳତା ଉଲ୍ଲେଖନୀୟ ଓ ଉତ୍ସାହପ୍ରଦ ହେଲେ ମଧ୍ୟ ଆହୁରି ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡ଼ିବ। ଏବେ ସବୁଜ ଶକ୍ତି ବା ଅଣ-ଜୀବାଶ୍ମ ଇନ୍ଧନ ଶକ୍ତିରେ ଜଳବିଦ୍ୟୁତ୍ ଶକ୍ତିର ଅବଦାନ ସିଂହଭାଗ ଥିବା ବେଳେ ତା'ପଛକୁ ରହିଛି ସୌରଶକ୍ତି ପ୍ରକଳ୍ପ। କିନ୍ତୁ ଏ ଦୁଇଟି ସମ୍ପୂର୍ଣ୍ଣ ରୂପେ ଜଳବାୟୁ ଓ ପାଣିପାଗ ଉପରେ ନିର୍ଭରଶୀଳ। ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ବିନା ଅଧପନ୍ତରିଆ ରହିଛି। ତେଣୁ ଭାରତକୁ ଆଣବିକ ଇନ୍ଧନ ଓ ସବୁଜ ଉଦ୍‌ଜାନ ଶକ୍ତି ଉତ୍ପାଦନରେ ଅଧିକ ପୁଞ୍ଜିନିବେଶ କରିବା ଆବଶ୍ୟକ। ଏଥିସହିତ ବିଦ୍ୟୁତ୍ ଚାଳିତ ଯାନ (ଇଭି) ଉତ୍ପାଦନ ଓ ବ୍ୟବହାରକୁ ଭାରତ ଯେତେଶୀଘ୍ର ତ୍ୱରାନ୍ୱିତ କରିବ ଜୀବାଶ୍ମ ଇନ୍ଧନ ଜନିତ ଜଞ୍ଜାଳରୁ ସେତେଶୀଘ୍ର ମୁକ୍ତି ମିଳିବ। ସେହିପରି ଭାରତର ମୋଟ୍ ବିଦ୍ୟୁତ୍ ଚାହିଦାର ମାତ୍ର ୨୮% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା ହୋଇପାରୁଥିବା ବେଳେ ବାକି ଅଂଶ ପାଇଁ ଆମେ ସମ୍ପୂର୍ଣ୍ଣ ରୂପେ କୋଇଲା, ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉପରେ ନିର୍ଭର କରୁଛୁ। ଶକ୍ତି ନିର୍ଭରଶୀଳତାକୁ କ୍ରମଶଃ କୋଇଲା ବା ତାପଜ ବିଦ୍ୟୁତ୍‌ରୁ ସବୁଜ ବିଦ୍ୟୁତ୍‌କୁ ରୂପାନ୍ତରିତ କରିବାକୁ ପଡ଼ିବ।

ସବୁଜ ଇନ୍ଧନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ କେତେକ ପ୍ରତିବନ୍ଧକ ରହିଛି ସେଥିରେ ମୁଖ୍ୟ ହେଉଛି ଶକ୍ତି ଭଣ୍ଡାରଣ। ୨୦୨୪ ଶେଷ ସୁଦ୍ଧା ଭାରତର ସବୁଜ ଶକ୍ତି ଭଣ୍ଡାରଣ କ୍ଷମତା ୫ ଗିଗାୱାଟ୍‌ରୁ ମଧ୍ୟ କମ୍ ଥିବା ବେଳେ ବ୍ୟାଟେରି ଭଣ୍ଡାରଣ ପରିମାଣ ଥିଲା ମାତ୍ର ୧୧୦ ମେଗାୱାଟ୍। ଉତ୍ପାଦିତ ଶକ୍ତିକୁ ଗଚ୍ଛିତ କରି ରଖି ତିରୋଟ ସମୟରେ ବିତରଣରେ ସମତୁଲତା ପାଇଁ ସମ୍ପୂର୍ଣ୍ଣ ଦକ୍ଷତା ଆହରଣ କରିପାରିଲେ ଶକ୍ତି ଚାହିଦା-ଯୋଗାଣ ଆହ୍ୱାନକୁ ସଫଳ ମୁକାବିଲା କରିହେବ। କିନ୍ତୁ ସବୁଜ ଶକ୍ତି ଭଣ୍ଡାରଣ ଭିତ୍ତିଭୂମି ନିର୍ମାଣ ବ୍ୟୟ ଓ ସମୟସାପେକ୍ଷ। ଏହି ସମସ୍ୟା ଦୂର କରିବା ପାଇଁ 'ଏକ ଦେଶ ଏକ ଗ୍ରୀଡ୍' ଭଳି ଅଭିନବ ଯୋଜନାକୁ ପାଇଲଟ୍ ପ୍ରକଳ୍ପ ଭିତ୍ତିରେ କାର୍ଯ୍ୟକାରୀ କରାଯାଇପାରେ। ଉଦାହରଣସ୍ୱରୂପ ପଶ୍ଚିମ ଭାରତ ତୁଳନାରେ ସୌରଶକ୍ତିର ଉପଲବ୍ଧତା ଉତ୍ତର-ପୂର୍ବ ଭାରତରେ ବହୁତ କମ୍ ଏବଂ ମଧ୍ୟ-ଭାରତ, ଦକ୍ଷିଣ-ଭାରତ ଓ ପୂର୍ବ-ଭାରତର ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତା ପଶ୍ଚିମ ଭାରତ ତୁଳନାରେ ବହୁ ଅଧିକ। ସେହିପରି ଉପକୂଳ ଭାରତରେ ପବନ ଶକ୍ତିର ଉପଲବ୍ଧତା ଆଭ୍ୟନ୍ତରୀଣ ଭାରତ ତୁଳନାରେ ପର୍ଯ୍ୟାପ୍ତ। 'ଏକ ଦେଶ ଏକ ଗ୍ରୀଡ୍'ରେ ସମନ୍ୱୟ ରକ୍ଷା ହୋଇପାରିଲେ ଗ୍ରୀଷ୍ମଋତୁରେ ଉତ୍ତର-ପୂର୍ବ ଓ ପୂର୍ବ ଭାରତ ପଶ୍ଚିମ ଭାରତରୁ ସୌରଶକ୍ତି ଏବଂ ବର୍ଷା ଋତୁରେ ପଶ୍ଚିମ ଭାରତ ଅବଶିଷ୍ଟ ଭାରତରୁ ଜଳବିଦ୍ୟୁତ ଶକ୍ତି ପାଇପାରିବ। କିନ୍ତୁ ରାଜ୍ୟମାନଙ୍କର ଉଦାସୀନତା କାରଣରୁ ଏହା ସଫଳ ହୋଇପାରିନଥିବାରୁ ଧାର୍ଯ୍ୟ ସମୟ ସୀମାକୁ ଇତିମଧ୍ୟରେ ବୃଦ୍ଧି କରାଯାଇଛି। କେତେକ ସ୍ଥାନରେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀଗତ ବିଳମ୍ବ କାରଣରୁ ଆନ୍ତଃରାଜ୍ୟ ଗ୍ରୀଡ୍ ସଂଯୋଗ ପ୍ରକଳ୍ପ ଅଟକି ଯାଇଛି। ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ।

ଅପରପକ୍ଷରେ ଶକ୍ତି ମନ୍ତ୍ରଣାଳୟ ବ୍ୟାଟେରି ଭଣ୍ଡାରଣ କ୍ଷମତାକୁ ୫୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଗିଗାୱାଟ୍ ଆୱାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ଚୂଡ଼ାନ୍ତ କରିଛି। ୨୦୩୨ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ଏ ଦିଗରେ ମଧ୍ୟ ମୁଖ୍ୟ ବାଧକ ସାଜିଛି ଚୀନ୍। ଏବେ ବ୍ୟାଟେରି ଭଣ୍ଡାରଣ ଉପକରଣ ଓ ଜ୍ଞାନକୌଶଳରେ ଚୀନ୍ ବିଶ୍ୱର ସିଂହଭାଗ ଦଖଲ କରିଥିବା ବେଳେ ଭାରତକୁ ବିରଳ ମୃତ୍ତିକା ରପ୍ତାନି କାଣ୍ଟଛାଣ୍ଟ କରିଛି। ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ ହୋଇପାରିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଶା ସଦ୍ୟ ସମାପ୍ତ ଏସ୍‌ସିଓ ବୈଠକରେ ଭାରତ ଏ ପ୍ରସଙ୍ଗ ଚୀନ୍ ଆଗରେ ଉପସ୍ଥାପନ କରିଥିବେ।

## ଖାଦ୍ୟ ସାକ୍ଷରତା

ଡ. ଅନ୍ତର୍ଜିତା ନାୟକ

ଆଜିକା ପିଲାଙ୍କୁ ଯଦି ଚିପ୍ସ, କୋଲ୍ଡଡ୍ରିଙ୍କ୍ କିମ୍ବା ନୁଡୁଲ୍ସର ବ୍ରାଣ୍ଡ ଚିହ୍ନିବାକୁ କୁହାଯାଏ, ତେବେ ଉତ୍ତର ମୁହୂର୍ତ୍ତକରେ ମିଳିଯିବ। ପ୍ୟାକେଟ୍‌ର ରଙ୍ଗ, ଲୋଗୋ, ସ୍ଲୋଗାନ୍, ଏପରିକି ଜିଙ୍ଗଲ୍ ପର୍ଯ୍ୟନ୍ତ ଅନେକ ପିଲାଙ୍କ ମୁହଁରେ ଥିବ। କିନ୍ତୁ ସେଇ ପିଲାଙ୍କୁ ଯଦି ପଚରାଯାଏ 'କେଉଁ କେଉଁ ପ୍ରକାରର ମିଲେଟ୍ ଅଛି? ଡାଲି କେତେ ପ୍ରକାରର? କେଉଁ ପନିପରିବା କେଉଁ ଋତୁରେ ସ୍ୱାଭାବିକ ଭାବେ ମିଳେ?', ତା'ହେଲେ ଉତ୍ତର ହୁଏତ ଏତେ ନିଶ୍ଚିତ ଭାବେ ମିଳିବ ନାହିଁ। ଏହାକୁ କେବଳ ପିଲାମାନଙ୍କ ସାଧାରଣ ଜ୍ଞାନର ଅଭାବ ବୋଲି କହିବା ଠିକ ହେବ ନାହିଁ, ବରଂ ଏହା ଆମର ଖାଦ୍ୟ ସହିତ ସମ୍ପର୍କରେ ଘଟୁଥିବା ଏକ ବଡ଼ ପରିବର୍ତ୍ତନର ସଙ୍କେତ। ପିଲା କେବଳ ସେଇ ଖାଦ୍ୟକୁ ଚିହ୍ନି ପାରୁଛନ୍ତି, ଯାହା ବିଜ୍ଞାପନ, ବ୍ରାଣ୍ଡିଙ୍ଗ୍, ସାମାଜିକ ଗଣମାଧ୍ୟମରେ ସେମାନଙ୍କୁ ଦେଖା ହେଉଛି। ଏହି ପରିବର୍ତ୍ତନ ଆମକୁ 'ଖାଦ୍ୟ ସାକ୍ଷରତା' ବିଷୟରେ ଚିନ୍ତା କରିବାକୁ ବାଧ୍ୟ କରେ।

'ଖାଦ୍ୟ ସାକ୍ଷରତା'ର ଅର୍ଥ କେବଳ କେଉଁ ଖାଦ୍ୟ ସ୍ୱାସ୍ଥ୍ୟକର ବା କେଉଁଟା ଅସ୍ୱାସ୍ଥ୍ୟକର, ଏତିକି ଜାଣିବା ନୁହେଁ; ଏହାର ଅର୍ଥ ହେଉଛି ଆମେ ଯାହା ଖାଉଛୁ, ତାହା କେଉଁଠାରୁ ଆସୁଛି, କିପରି ଉତ୍ପାଦିତ ହେଉଛି, କିପରି ସଂରକ୍ଷଣ ଓ ପ୍ରକ୍ରିୟାକରଣ ହେଉଛି, ତାହାର ଉପକାରିତା କ'ଣ, ପ୍ୟାକେଟରେ ଥିବା ଖାଦ୍ୟ କେତେ ଭଲ କେତେ ଖରାପ ଏବଂ ଆମ ଖାଦ୍ୟ, କୃଷି, ପରିବେଶ, ଅର୍ଥନୀତି, ସଂସ୍କୃତି ଓ ସ୍ୱାସ୍ଥ୍ୟ ସହିତ କିପରି ଜଡ଼ିତ ସେସବୁକୁ ବୁଝିବା। ଭାରତ ଭଳି ଦେଶର ଅର୍ଥନୀତି, ସଂସ୍କୃତି ଓ ଜୀବନଧାରା ଯେତେବେଳେ କୃଷି ସହିତ ଏତେ ଗଭୀର ଭାବେ ଜଡ଼ିତ, ସେତେବେଳେ ଯଦି ଆମ ପିଲାମାନେ ନିଜ ଖାଦ୍ୟର ଉତ୍ସକୁ ଭୁଲିଯାଆନ୍ତି, ତେବେ ତାହା କେବଳ ଖାଦ୍ୟ ଅଭ୍ୟାସର ପରିବର୍ତ୍ତନ ନୁହେଁ, ବରଂ ମାଟି, କୃଷକ, ପ୍ରକୃତି, ପରମ୍ପରା ଓ ନିଜ ଖାଦ୍ୟ ସଂସ୍କୃତି ସହିତ ସମ୍ପର୍କରେ ଆସୁଥିବା ଏକ ଦୂରତାର ସଙ୍କେତ। ସେଥିପାଇଁ ପିଲାଙ୍କୁ କେବଳ 'ଭଲ ଖାଅ' ବୋଲି କହିଦେଲେ ହେବ ନାହିଁ। ସେମାନଙ୍କୁ ଖାଦ୍ୟର କାହାଣୀ ମଧ୍ୟ ଶିଖାଇବାକୁ ପଡ଼ିବ।

ଦୀର୍ଘ ସମୟ ଧରି ଭାରତରେ, ଖାଦ୍ୟ ଜ୍ଞାନ କୌଣସି ବହି କିମ୍ବା ଶ୍ରେଣୀରୁ ମିଳୁନଥିଲା କି ଦିଆଯାଉନଥିଲା। ଏହା ଜୀବନର ଅଂଶ ହୋଇ ନିଜେ ନିଜେ ଶିଖାଯାଉଥିଲା। ଗାଁରେ ବଢୁଥିବା ଗୋଟିଏ ପିଲା ଦେଖୁଥିଲା କିପରି ଜମିରେ ଫସଲ ହେଉଛି, କିପରି ତାହା ଅମଳ ହେଉଛି, ଶୁଖାଯାଉଛି ଏବଂ ବର୍ଷସାରା ପାଇଁ ସାଇତି ରଖାଯାଉଛି। ଋତୁ ବଦଳିଲେ ଘରର ରୋଷେଇ ମଧ୍ୟ ବଦଳୁଥିଲା। ଗାଁର ହାଟ ଏକପ୍ରକାରର ଖୋଲା ପାଠଶାଳା ଥିଲା। ସେଠାରେ ନିଜ ଅଞ୍ଚଳର ବିଭିନ୍ନ ପ୍ରକାର ଧାନ, ଡାଲି, ପନିପରିବା, ଫଳ, ଶାଗ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦେଖି ପିଲାମାନେ ଜାଣୁଥିଲେ ଯେ ଆମ ଖାଦ୍ୟ କେତେ ବିବିଧ। ଜେଜେବାପା-ଜେଜେମାଆମାନେ ମଧ୍ୟ ଏହି ଜ୍ଞାନର ବଡ଼ ଭଣ୍ଡାର ଥିଲେ। କେଉଁ ଶସ୍ୟ କିପରି ରାନ୍ଧିବା, କେଉଁ ପତ୍ର କେମିତି ଖାଇବା, କେଉଁ ମୂଳ କିମ୍ବା ପନିପରିବା କେଉଁ ଋତୁରେ ଭଲ ମିଳେ, ଖାଦ୍ୟକୁ କିପରି ସାଇତି ରଖିବା ଏସବୁ ଜ୍ଞାନ ପିଢ଼ିରୁ ପିଢ଼ିକୁ ଯାଉଥିଲା। କେବଳ ଗାଁର ପିଲା ନୁହେଁ, ସହରର ପିଲାମାନେ ମଧ୍ୟ ଖାଦ୍ୟ ସହିତ ଏକ ନିକଟ ସମ୍ପର୍କରେ ବଢୁଥିଲେ। ହୁଏତ ସେମାନେ ଚାଷ ଜମି ଦେଖୁ ନ ଥିଲେ, କିନ୍ତୁ ଘରେ ମୌଳିକ ସାମଗ୍ରୀରୁ ଖାଦ୍ୟ ପ୍ରସ୍ତୁତ ହେଉଥିବାର ଦେଖୁଥିଲେ। ରୋଷେଇଘର ଏକ ଛୋଟ ପାଠଶାଳା ଥିଲା। ସେଇଠି କେତେବେଳେ ଗହମ ପେସା ହୋଇ ଅଟା ହେଉଥିଲା ତ କେତେବେଳେ ଜିରା, ଧଣିଆ, ସୋରିଷ, ଲଙ୍କା ଶୁଖାହୋଇ ମସଲା ପ୍ରସ୍ତୁତ ହେଉଥିଲା। କିନ୍ତୁ ଆଜି ସହରୀକରଣ, ଆଧୁନିକୀକରଣ, ଚାକିରି ପାଇଁ ସ୍ଥାନାନ୍ତରଣ, ଛୋଟ ପରିବାର, କର୍ମଜୀବୀ ପିତାମାତା, ବଢୁଥିବା ଆୟ, ସମୟର ଅଭାବ ଏବଂ ଖାଦ୍ୟ ବଜାରର ବିସ୍ତାର ଆଦି ଆମ 'ଖାଦ୍ୟ ସାକ୍ଷରତା'କୁ ପ୍ରଭାବିତ କରୁଛି। ଏହି ପରିବର୍ତ୍ତନ ଆମ ଖାଦ୍ୟ ଖର୍ଚ୍ଚରେ ମଧ୍ୟ ସ୍ପଷ୍ଟ ଦେଖାଯାଉଛି।

ଘରୋଇ ଉପଭୋଗ ବ୍ୟୟ ସର୍ବେକ୍ଷଣ-୨୦୨୩-୨୪ଅନୁସାରେ, ପାନୀୟ, ଜଳଖିଆ ଓ ପ୍ରକ୍ରିୟାକୃତ ଖାଦ୍ୟ ଉପରେ ଖର୍ଚ୍ଚ, ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ବଢ଼ିବାରେ ଲାଗିଛି। ଏହାପଛରେ ଅନେକ କାରଣ ରହିଛି। ଅଫିସ୍‌ରୁ ବିଳମ୍ବରେ ଫେରୁଥିବା ଜଣେ ମା' କିମ୍ବା ବାପାଙ୍କ ପାଖରେ ପ୍ରତିଦିନ ପାରମ୍ପରିକ ଭାବେ ଖାଦ୍ୟ ରାନ୍ଧିବା ପାଇଁ ସମୟ ନଥାଇପାରେ। ପିଲାମାନେ ମଧ୍ୟ ସ୍କୁଲ୍, ଟ୍ୟୁସନ୍, ଖେଳ ଓ ଅନ୍ୟାନ୍ୟ କାମରେ ବ୍ୟସ୍ତ। ଏପରି ସ୍ଥିତିରେ ଶୀଘ୍ର ମିଳୁଥିବା ଖାଦ୍ୟ ଏକ ସହଜ ବିକଳ୍ପ ହୋଇଯିବା ସ୍ୱାଭାବିକ। ତେଣୁ ପ୍ୟାକେଟ୍ ଓ ପ୍ରକ୍ରିୟାକୃତ ଖାଦ୍ୟର ବଢୁଥିବା ବ୍ୟବହାରକୁ କେବଳ ଲୋକଙ୍କ ଅସାବଧାନତା କିମ୍ବା 'ଖରାପ ଖାଇବା ଅଭ୍ୟାସ' ବୋଲି କହିଦେଲେ ସମସ୍ୟାର ସମ୍ପୂର୍ଣ୍ଣ ଚିତ୍ରଟି ବଖାଣି ହେବ ନାହିଁ। ପ୍ରକୃତ ସମସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ସେଇ ସୁବିଧା ଧୀରେ-ଧୀରେ ଖାଦ୍ୟ ସହିତ ଆମର ସମ୍ପର୍କକୁ ବଦଳାଇ ଦିଏ। ସମାସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ରୋଷେଇଘରୁ ମିଳୁଥିବା ଖାଦ୍ୟ ଜ୍ଞାନ ହ୍ରାସ ପାଏ ଏବଂ ତା' ସ୍ଥାନରେ ପ୍ୟାକେଟ୍, ବିଜ୍ଞାପନ ଓ ବ୍ରାଣ୍ଡ ଖାଦ୍ୟକୁ ଚିହ୍ନିବାର ନୂଆ 'ପାଠଶାଳା' ତିଆରି ହୋଇଯାଏ।

ଏବେ ଆମକୁ ସୁବିଧା ଓ ପରମ୍ପରା ମଧ୍ୟରେ ଗୋଟିଏ ସନ୍ତୁଳନ ଖୋଜିବାକୁ ପଡ଼ିବ। ଆମ ପିଲାମାନେ ପ୍ୟାକେଟ୍ ଖାଦ୍ୟକୁ ଚିହ୍ନନ୍ତୁ। କିନ୍ତୁ ତା' ସହିତ ଧାନ, ଡାଲି, ମିଲେଟ୍, ଶାଗ, ପନିପରିବା ଓ ଫଳର କାହାଣୀ ମଧ୍ୟ ଜାଣନ୍ତୁ। କାରଣ ଖାଦ୍ୟ କେବଳ ପେଟ ଭରିବାର ଜିନିଷ ନୁହେଁ; ଏହା ଆମ ସମାଜ, କୃଷି, ସଂସ୍କୃତି ଓ ଆମ ଜୀବନର ଏକ ଅଂଶ। ଖାଦ୍ୟ ସହିତ ବଦଳୁଥିବା ଆମ ସମ୍ପର୍କକୁ ନଜରରେ ରଖି, ଭାରତରେ ଦେଖାଦେଉଥିବା ପୋଷଣ ସମସ୍ୟାକୁ ବିଶ୍ଳେଷଣ କରିବାର ଆମ ଦୃଷ୍ଟିଭଙ୍ଗୀକୁ ବଦଳାଇବାକୁ ହେବ। ପିଲା ଜାଣିବା ଦରକାର ଯେ, ଚାଉଳ ସୁପରମାର୍କେଟ୍‌ରୁ ଜନ୍ମ ନିଏ ନାହିଁ; ତାହାର ଆରମ୍ଭ ଧାନ କ୍ଷେତରୁ। କ୍ଷୀର ଟେଟ୍ରା ପ୍ୟାକ୍‌ରୁ ଆସେ ନାହିଁ; ତା' ପଛରେ ଅଛି ଗାଈ କିମ୍ବା ମଇଁଷି, ଦୁଗ୍ଧ ଚାଷୀ ଏବଂ ଏକ ସମ୍ପୂର୍ଣ୍ଣ ଦୁଗ୍ଧ ବ୍ୟବସ୍ଥା।

ବିଦ୍ୟାଳୟରେ ପୋଷଣ ବଗିଚା ପିଲାମାନଙ୍କ ପାଇଁ ଜୀବନ୍ତ ପାଠଶାଳା ହୋଇପାରେ। ପିଲାମାନେ ନିଜେ ମାଟିରେ ବୀଜ ପୋତିପାରିବେ ଏବଂ ଗଛ ବଢ଼ିବାର ପ୍ରତ୍ୟେକ ପର୍ଯ୍ୟାୟକୁ ଦେଖିପାରିବେ। ମାଟି, ପାଣି, ଆଲୋକ ଓ ପବନ ଗଛ ପାଇଁ କାହିଁକି ଜରୁରୀ, ତାହା ସେମାନେ କେବଳ ବହିରୁ ପଢ଼ିବେ ନାହିଁ; ନିଜେ କରି ଓ ଦେଖି ଶିଖିବେ। ବଗିଚାରେ କିଛି ଉତ୍ପାଦନ କରିବାର ଖର୍ଚ୍ଚ କେତେ ଏବଂ ବଜାରରେ ତାହା କେତେ ଦାମରେ ବିକ୍ରି ହେଉଛି, ତାହାର ହିସାବ କରି ପିଲାମାନେ ଅର୍ଥନୀତିର ଏକ ଛୋଟ ପାଠ ମଧ୍ୟ ଶିଖିପାରିବେ। ଖାଦ୍ୟ ବିଷୟରେ ପିଲା ଯେତେ ଜାଣିବେ, ସେମାନେ 'ଭଲ' କିମ୍ବା 'ଖରାପ' ଖାଦ୍ୟ ମଧ୍ୟରେ ତଫାତ ସେତେ ଜାଣିପାରିବେ।

ଭାରତ ଆଜି ଦୁଇପ୍ରକାରର ପୋଷଣ ସମସ୍ୟା ସହ ଲଢୁଛି। ଗୋଟିଏ ପଟେ ଅପପୋଷଣ, କମ୍ ଓଜନ ଓ ସୂକ୍ଷ୍ମ ପୋଷକତତ୍ତ୍ୱର ଅଭାବ ଭଳି ସମସ୍ୟା ରହିଛି ଏବଂ ଅନ୍ୟପଟେ ଅଧିକ ଓଜନ ଓ ମେଦବହୁଳତା ମଧ୍ୟ ଚିନ୍ତାର ବିଷୟ। ଏଭଳି ପରିସ୍ଥିତିରେ ପିଲାମାନଙ୍କୁ ଖାଦ୍ୟକୁ ବୁଝିବା ଏବଂ ନିଜେ ସଚେତନ ଭାବେ ଖାଦ୍ୟ ବାଛିବା ଅତ୍ୟନ୍ତ ଜରୁରୀ। ଏହି କାମରେ ପ୍ରଯୁକ୍ତି ବିଦ୍ୟାକୁ ମଧ୍ୟ ସହଜରେ ଯୋଡ଼ାଯାଇପାରେ। ପିଲାମାନେ ମୋବାଇଲ୍ କିମ୍ବା ଅନ୍ୟ ଡିଜିଟାଲ୍ ଉପକରଣରେ ନିଜ ଅଞ୍ଚଳର କୃଷକଙ୍କ ସାକ୍ଷାତକାର ରେକର୍ଡ କରିପାରନ୍ତି, 'କ୍ଷେତରୁ ଥାଳି' ପର୍ଯ୍ୟନ୍ତ ଖାଦ୍ୟର ଯାତ୍ରା ଉପରେ ଛୋଟ ଭିଡିଓ ପ୍ରସ୍ତୁତ କରିପାରନ୍ତି କିମ୍ବା ନିଜ ଜିଲ୍ଲାର ପାରମ୍ପରିକ ଖାଦ୍ୟ ଓ ରନ୍ଧଣ ପ୍ରଣାଳୀର ଏକ ଡିଜିଟାଲ୍ ସଂଗ୍ରହ ତିଆରି କରିପାରନ୍ତି।

ଆଧୁନିକ ଶିକ୍ଷାର ଅର୍ଥ ପାରମ୍ପରିକ ଜ୍ଞାନକୁ ଛାଡ଼ି କେବଳ ନୂଆ ଜ୍ଞାନ ଆଡ଼କୁ ଦୌଡ଼ିବା ନୁହେଁ। ଜଣେ ପିଲା କୋଡିଂ ଶିଖିପାରେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବୁଝିପାରେ, ରୋବୋଟ୍ ତିଆରି କରିପାରେ। କିନ୍ତୁ ତା'ସହିତ ମଞ୍ଜିରୁ କିପରି ଗଛ ହୁଏ, ଫସଲ କିପରି ଅମଳ ହୁଏ, କ୍ଷେତରୁ ଥାଳି ପର୍ଯ୍ୟନ୍ତ ଖାଦ୍ୟ କିଭଳି ଯାତ୍ରା କରେ, ଏସବୁ ମଧ୍ୟ ଜାଣିବା ଆବଶ୍ୟକ। ଭାରତର ପୋଷଣ ଭବିଷ୍ୟତ ଶିଶୁର ଥାଳିରେ କ'ଣ ପରଷା ଯାଉଛି, ତାହା ଉପରେ ଯେତିକି ନିର୍ଭର କରେ, ସେତିକି ନିର୍ଭର କରେ ଶିଶୁର ମନରେ ଖାଦ୍ୟ ବିଷୟରେ କି କାହାଣୀ ବୁଣାହେଉଛି।

ରାଉରକେଲା, ମୋ: ୬୩୭୦୯୦୫୯୪୭

## ରାଷ୍ଟ୍ରଶକ୍ତିର ନୂଆ ଇନ୍ଧନ ଯୁବଶକ୍ତି

ସମୀର ବିଶ୍ୱାଳ

ଭାରତର ବିଶାଳ ଯୁବ ଜନସଂଖ୍ୟା ଦେଶ ପାଇଁ ଏକ ବଡ଼ ଶକ୍ତି। ଯୁବକମାନଙ୍କ ପାଖରେ ସୃଜନଶୀଳତା, ନୂଆ ଚିନ୍ତାଧାରା, ପ୍ରଯୁକ୍ତି ଜ୍ଞାନ ଏବଂ ପରିବର୍ତ୍ତନ ଆଣିବାର ଇଚ୍ଛା ରହିଛି। ସମାଜକୁ ଗଠନମୂଳକ ପରିବର୍ତ୍ତନ କରିବାର ସବୁଠାରୁ ବଡ଼ ଶକ୍ତି ହେଉଛନ୍ତି ଯୁବକମାନେ। ସାକ୍ଷରତା ବୃଦ୍ଧି, ନିଶା ନିବାରଣ, ମହିଳା ସଶକ୍ତୀକରଣ, ରକ୍ତଦାନ, ସ୍ୱାସ୍ଥ୍ୟ ସଚେତନତା, ଗ୍ରାମୀଣ ବିକାଶ ଓ ଆର୍ଥିକ ଅନଗ୍ରସର ଅଞ୍ଚଳର ସହାୟତା ଭଳି କାର୍ଯ୍ୟରେ ଯୁବମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ତେଣୁ ଯୁବକମାନେ କେବଳ ନିର୍ବାଚନ ସମୟରେ ଭୋଟ ଦେବାରେ ସୀମିତ ନ ରହି ସରକାରୀ ନୀତି, ଆଇନ, ଜନସମସ୍ୟା ଓ ପ୍ରଶାସନର ସହାୟତାରେ ସକ୍ରିୟ ଅଂଶଗ୍ରହଣ କରି ଲୋକଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଇବା ଆବଶ୍ୟକ। ଦୁର୍ନୀତି, ପ୍ରଶାସନର ବିରୋଧରେ ସ୍ୱର ଉଠାଇବା, ନୀତି ନିର୍ମାଣରେ ଯୋଗଦେବା ଏବଂ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଆଗକୁ ଆସିବା ଯୁବମାନଙ୍କ ଗଣତାନ୍ତ୍ରିକ କର୍ତ୍ତବ୍ୟ। ଶିକ୍ଷିତ ଯୁବକମାନେ ରାଜନୀତିକୁ ଆସିଲେ ରାଜନୀତି କେବଳ କ୍ଷମତା ଦଖଲର ମାଧ୍ୟମ ନ ହୋଇ ଶିକ୍ଷା, ରୋଜଗାର, ଦୁର୍ନୀତି, କୃଷି, ପରିବେଶ, ସାମାଜିକ ନ୍ୟାୟ ଭଳି ପ୍ରସଙ୍ଗରେ ନିର୍ଣ୍ଣାୟକ ହେବ।

ଆମ ଦେଶର ଅର୍ଥନୈତିକ ଅଗ୍ରଗତିରେ ଯୁବକମାନଙ୍କ ଅବଦାନ ଅତ୍ୟନ୍ତ ସକ୍ରିୟ। ଷ୍ଟାର୍ଟଅପ୍, ଡିଜିଟାଲ ବ୍ୟବସାୟ, କୃଷି ଉଦ୍ୟୋଗ, ଇ-କମର୍ସ, ଫିନଟେକ୍, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ ଓ ନୂଆ ପ୍ରଯୁକ୍ତି କ୍ଷେତ୍ରରେ ଯୁବକମାନେ ନୂଆ ରୋଜଗାର ସୃଷ୍ଟି କରୁଛନ୍ତି। କେବଳ ଚାକିରି ପଛରେ ନ ଗୋଡ଼ାଇ ଚାକିରି ସୃଷ୍ଟି କରୁଥିବା ଉଦ୍ୟୋଗୀ ଯୁବକ ହିସାବରେ ସମାଜରେ ଅନ୍ୟକୁ ରୋଜଗାର ଦେଉଛନ୍ତି। ଗ୍ରାମାଞ୍ଚଳର ଯୁବକମାନେ କୃଷି ସହିତ ପ୍ରସେସିଂ, ପ୍ୟାକେଜିଂ, ଡିଜିଟାଲ ମାର୍କେଟିଂ ଓ କୃଷି-ପର୍ଯ୍ୟଟନକୁ ଯୋଡ଼ିଲେ ଗ୍ରାମୀଣ ଅର୍ଥନୀତି ଆହୁରି ଶକ୍ତିଶାଳୀ ହୋଇପାରିବ। ଆଜିର ଯୁବପିଢ଼ି କେବଳ ଡିଗ୍ରୀ ପାଇବାରେ ସୀମିତ ନ ରହି ଦକ୍ଷତା, ଗବେଷଣା, ସୃଜନଶୀଳତା ଓ ନୂଆ ପ୍ରଯୁକ୍ତି ଶିଖିବା ଆବଶ୍ୟକ। କୃତ୍ରିମ ବୁଦ୍ଧିମତ୍ତା, ଡାଟା ସାଇନ୍ସ, ରୋବୋଟିକ୍ସ, ସାଇବର ସୁରକ୍ଷା, ଡିଜିଟାଲ ମିଡିଆ ଓ ନୂଆ ଶିଳ୍ପ ଦକ୍ଷତାରେ ଯୁବମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ। ଏହାସହିତ ମାନବିକ ମୂଲ୍ୟବୋଧ, ନୈତିକତା, ସମାଜ ପ୍ରତି ଦାୟିତ୍ୱ ଓ ସମାଲୋଚନାତ୍ମକ ଚିନ୍ତା ମଧ୍ୟ ଶିକ୍ଷାର ଅଂଶ ହେବା ଉଚିତ। ଯୁବକମାନେ ନିଜେ ଶିକ୍ଷିତ ହେବା ସହିତ ନିଜ ଅଞ୍ଚଳର ଶିକ୍ଷାରୁ ମୁହଁ ଫେରାଉଥିବା ଲୋକଙ୍କୁ ସଠିକ୍ ଦିଗରେ ଶିକ୍ଷାଲାଭ କରିବାରେ ସହଯୋଗ କରିବା ଦରକାର।

ଭାରତର ଆତ୍ମା ଗ୍ରାମରେ ରହିଛି। ଜଣେ ଶିକ୍ଷିତ ଯୁବକ ଯଦି ନିଜ ଗାଁର ଦଶଜଣ ଛାତ୍ରଙ୍କୁ ମାର୍ଗଦର୍ଶନ କରନ୍ତି, ତେବେ ତାହା ଏକ ବଡ଼ ସାମାଜିକ ପରିବର୍ତ୍ତନର ଆରମ୍ଭ କରିପାରେ। ଗ୍ରାମୀଣ ଯୁବକମାନେ ନିଜ ଅଞ୍ଚଳର ବିକାଶରେ ସହଭାଗିତା ହୋଇ ପ୍ରଶାସନକୁ ସାହାଯ୍ୟ କରିବା ଦରକାର। କୃଷି ଉଦ୍ୟୋଗ, ଦୁଗ୍ଧ ଉତ୍ପାଦନ, ପଶୁପାଳନ, ମାଛଚାଷ, ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତଶିଳ୍ପ ଓ ଗ୍ରାମୀଣ ପର୍ଯ୍ୟଟନ ଭଳି କ୍ଷେତ୍ରରେ ଯୁବ ଉଦ୍ୟୋଗୀମାନେ ନୂଆ ସୁଯୋଗ ସୃଷ୍ଟି କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ନିଜର ପାରଦର୍ଶିତା ହାସଲ କରିବା ପାଇଁ ଆମ ଦେଶ ରାଜ୍ୟର ବିଭିନ୍ନ ଗାଁ, ଦୁର୍ଗମ ପାହାଡ଼ ଆଦିବାସୀ ଅଞ୍ଚଳରେ ଅନେକ ପ୍ରତିଭା ଯଥୋଚିତ ସୁଯୋଗ ଅପେକ୍ଷାରେ ରହିଛନ୍ତି। ଜଳବାୟୁ ପରିବର୍ତ୍ତନ ଆଜି ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ସମସ୍ୟା। ବନ୍ୟା, ମରୁଡ଼ି, ଅତ୍ୟଧିକ ତାପମାତ୍ରା, ଜଙ୍ଗଲ ନଷ୍ଟ, ଜଳ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ପ୍ରଦୂଷଣ ଭଳି ସମସ୍ୟାର ପ୍ରଭାବ ଯୁବପିଢ଼ିର ଭବିଷ୍ୟତ ଉପରେ ପଡ଼ିବ। ତେଣୁ ଯୁବକମାନେ ପରିବେଶ ସୁରକ୍ଷାର ନେତୃତ୍ୱ ନେବା ଆବଶ୍ୟକ। ବୃକ୍ଷରୋପଣ, ଜଳ ସଂରକ୍ଷଣ, ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ଆବର୍ଜନା ପରିଚାଳନା, ସୌର ଶକ୍ତି ଓ ଅନ୍ୟାନ୍ୟ ସ୍ୱଚ୍ଛ ଶକ୍ତିର ପ୍ରଚାର ଭଳି କାର୍ଯ୍ୟରେ ଯୁବମାନେ ଆଗକୁ ଆସିବା ଦରକାର।

ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ହେଉଛି ବିକାଶର ମୁଖ୍ୟ ଚାବିକାଠି। ଆମଦେଶର ଯୁବକମାନେ ନୂଆ ଆବିଷ୍କାର, ଷ୍ଟାର୍ଟଅପ୍ ମାଧ୍ୟମରେ ଦେଶର ବିକାଶକୁ ଦ୍ରୁତ କରିପାରିବେ। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ, ଶାସନ ଓ ପରିବେଶ ଭଳି କ୍ଷେତ୍ରର ସମସ୍ୟାର ସମାଧାନ ପାଇଁ ଯୁବକମାନେ ପ୍ରଯୁକ୍ତିଭିତ୍ତିକ ନୂଆ ମଡେଲ ତିଆରି କରିପାରିବେ। ତେଣୁ ଯୁବଶକ୍ତି ଠିକ୍ ଦିଗରେ ଅଗ୍ରସର ହେଲେ ଭାରତ ଅର୍ଥନୀତି, ଶିକ୍ଷାନୀତି, ବିଜ୍ଞାନ ଓ ପ୍ରଯୁକ୍ତି, କ୍ରୀଡ଼ା, ରାଜନୀତି, ପରିବେଶ ଓ ସାମାଜିକ ବିକାଶରେ ବିଶ୍ୱର ଅଗ୍ରଣୀ ଦେଶ ହୋଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଆତ୍ମବିଶ୍ୱାସ, ଭଗତ ସିଂହଙ୍କ ସାହସ ଏବଂ ଆଜିର ଅନେକ ବୈଜ୍ଞାନିକ, କ୍ରୀଡ଼ାବିତ୍, ଉଦ୍ୟୋଗୀ ଓ ସମାଜସେବୀଙ୍କ କର୍ମନିଷ୍ଠା ଯୁବପିଢ଼ି ପାଇଁ ପ୍ରେରଣା। କିନ୍ତୁ ଆଦର୍ଶ ଯୁବକ ହେବା ପାଇଁ ପ୍ରସିଦ୍ଧ ହେବା ଆବଶ୍ୟକ ନୁହେଁ। ଗାଁର ଜଣେ ଶିକ୍ଷକ, ନୂଆ ପଦ୍ଧତି ଗ୍ରହଣ କରି ଚାଷ କରୁଥିବା କୃଷକ, ଗରିବ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ପଢ଼ାଉଥିବା ଯୁବକ କିମ୍ବା ଦାରିଦ୍ର୍ୟତା ସହ ଲଢ଼େଇ କରୁଥିବା ଲୋକଙ୍କୁ ରୋଜଗାର ଦେଉଥିବା ଜଣେ ଉଦ୍ୟୋଗୀ - ସମସ୍ତେ ଯୁବ ଭାରତର ନିରବ ନିର୍ମାତା। ବେକାରୀ, ଦକ୍ଷତା ଅଭାବ, ନିଶାସକ୍ତି, ଡିଜିଟାଲ ଆସକ୍ତି, ମାନସିକ ଚାପ, ସୁଯୋଗର ଅଭାବ ଓ ଭୁଲ ମାର୍ଗଦର୍ଶନ ଭଳି ସମସ୍ୟା ଯୁବମାନଙ୍କ ସାମ୍ନାରେ ବଡ଼ ସମସ୍ୟା ରୂପେ ଉଭା ହୋଇଛି। ଯୁବକମାନଙ୍କୁ ସୁଯୋଗ ଦେବା ସହିତ ସେମାନଙ୍କ ସମସ୍ୟା ଶୁଣିବା ମଧ୍ୟ ଆବଶ୍ୟକ। ଶିକ୍ଷା ଠାରୁ ରୋଜଗାର, ଦକ୍ଷତା ଠାରୁ ଉଦ୍ୟୋଗିତା, କ୍ରୀଡ଼ା ଠାରୁ ଗବେଷଣା - ପ୍ରତ୍ୟେକ କ୍ଷେତ୍ରରେ ଯୁବମାନଙ୍କ ପାଇଁ ସମାନ ଓ ସହଜ ସୁଯୋଗ ତିଆରି କରିବାକୁ ହେବ। ସୋସିଆଲ ମିଡିଆକୁ ଯୁବକମାନେ କେବଳ ମନୋରଞ୍ଜନ ପାଇଁ ବ୍ୟବହାର ନ କରି ସାମାଜିକ ସଚେତନତାର ମାଧ୍ୟମ ଭାବରେ ଗ୍ରହଣ କଲେ ସମାଜ ପାଇଁ ଅଧିକ ଲାଭପ୍ରଦ ହେବ। ଭୁଲ ଖବର ଓ ଘୃଣାର ପ୍ରଚାର ବଦଳରେ ଶିକ୍ଷା, ସଚେତନତା ଓ ସକାରାତ୍ମକ ଖବର ପ୍ରଚାର କରିବା ଆଜିର ଯୁବପିଢ଼ିର ଏକ ବଡ଼ ଦାୟିତ୍ୱ।

ମୋ: ୯୪୩୭୫୪୨୮୮୫

## ଜ୍ଞାନ-କୋଣାର୍କର ବିଶ୍ୱକର୍ମା: ବିନୋଦ କାନୁନଗୋ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ମଣିଷର ରହସ୍ୟମୟ ଜୀବନ, ପ୍ରକୃତିର ସୀମାହୀନ ବୈଚିତ୍ର୍ୟ, ବିଶ୍ୱ-ବ୍ରହ୍ମାଣ୍ଡର ଅଭେଦ୍ୟ ତତ୍ତ୍ୱକୁ ବ୍ୟାଖ୍ୟା କରିବାର ସାମର୍ଥ୍ୟ କାହାର ବା ରହିଛି? ଅନ୍ୟପକ୍ଷରେ ପ୍ରତିଟି ବିଷୟରେ ମଣିଷର ଅସଂଖ୍ୟ ଜିଜ୍ଞାସାକୁ ନିୟନ୍ତ୍ରିତ କରିବାର କ୍ଷମତା ମଧ୍ୟ କାହାରି ନାହିଁ। ଏହି କାରଣରୁ ହିଁ ବିକଶିତ ଓ ସମ୍ପ୍ରସାରିତ ହୋଇଉଠିଛି ଜ୍ଞାନ-ବିଜ୍ଞାନର ଅଚିନ୍ତନୀୟ ବିଶାଳ ଭଣ୍ଡାର। ପୁଣି ସାଧାରଣରୁ ଅତି ସାମାନ୍ୟ ତଥ୍ୟ ହେଉ ଅଥବା ଗଭୀରରୁ ଗଭୀରତର ସତ୍ୟ - ସେ ସବୁକୁ ଏକ ଅଭିନ୍ନ ଶୃଙ୍ଖଳାରେ ସଂରକ୍ଷିତ କରି ରଖିବାର ପ୍ରୟାସରୁ ୧୭୬୮ ମସିହାରେ ଜନ୍ମ ନେଇଛି ପୃଥିବୀର ସର୍ବପୁରାତନ ଜ୍ଞାନକୋଷ 'ଏନସାଇକ୍ଲୋପିଡିଆ ବ୍ରିଟାନିକା'।

'ଏନସାଇକ୍ଲୋପିଡିଆ ବ୍ରିଟାନିକା' ପ୍ରାୟ ଚାରିହଜାର ଲେଖକଙ୍କ ଅବଦାନରେ ବତିଶ ଖଣ୍ଡରେ ବିଧିବଦ୍ଧ ଭାବରେ ପ୍ରସ୍ତୁତ। କିନ୍ତୁ ଓଡ଼ିଶା ମାଟିରେ ଯେଉଁ ଅଦ୍ଭୁତ ବିସ୍ମୟକର ଘଟଣାଟି ଘଟିଲା ତାହା ସମସ୍ତଙ୍କୁ କରିଦେଲା ନିର୍ବାକ ଓ ସ୍ତବ୍ଧ। ଜଣେ ଜଣେ ମଣିଷର ଅଟଳ ଇଚ୍ଛାଶକ୍ତି ଆକାଶଚୁମ୍ବୀ ପର୍ବତକୁ ବି କରିଦେଇପାରେ ଟଳମଳ। ସେଭଳି ଅଦମ୍ୟ ଇଚ୍ଛାଶକ୍ତିର ଧାରକ ଥିଲେ ବିନୋଦ କାନୁନଗୋ, ଯିଏ ଏକାକୀ ଏକଟଙ୍କାର ସମ୍ବଳରୁ ଆରମ୍ଭ କରିଥିଲେ ସେପରି ଓଡ଼ିଆରେ ଜ୍ଞାନକୋଷ ଲେଖିବାର ଏକ ଦୁଃସାହସିକ ଅଭିଯାନ। କିଏ ଅବା ଚିନ୍ତା କରିଥିଲେ 'ଜ୍ଞାନମଣ୍ଡଳ' ନାମରେ ତାଙ୍କ ଆହୃତ ଜ୍ଞାନରାଶିକୁ ସେ ରୂପାୟିତ କରିପାରିବେ ପଚାଶଖଣ୍ଡ ଗ୍ରନ୍ଥରେ ବୋଲି! ନିଜେ ବିନୋଦ କାନୁନଗୋ ପ୍ରତ୍ୟକ୍ଷ କରିଛନ୍ତି ଅପରାଜେୟ ବ୍ରିଟିଶ ଶାସନ ମହାତ୍ମା ଗାନ୍ଧୀଙ୍କ ଅହିଂସ ସଂକଳ୍ପ ଆଗରେ ଭାରତରୁ କିପରି ହୋଇଗଲା ମୂଳୋତ୍ପାଟିତ। ବିନୋଦ କାନୁନଗୋ ସେହି ଅହିଂସ ସଂଗ୍ରାମର ଏକ ଅବିଚ୍ଛିନ୍ନ ସତ୍ୟାଗ୍ରହୀ। କାରାଗାର-ରୁଦ୍ଧ ଅବସ୍ଥାରେ ଥିବା ବେଳେ ହିଁ 'ଜ୍ଞାନମଣ୍ଡଳ'ର ସ୍ୱପ୍ନ ସନ୍ଦୀପିତ କରିଥିଲା ତାଙ୍କୁ। ଗାନ୍ଧିଜୀ ଯେଉଁ ରଚନାତ୍ମକ କାର୍ଯ୍ୟକ୍ରମକୁ ସ୍ୱାଧୀନତା ସଂଗ୍ରାମ ତୁଲ୍ୟ ଦେଇଛନ୍ତି ଶ୍ରେଷ୍ଠ ମର୍ଯ୍ୟାଦା, ବିନୋଦ କାନୁନଗୋ ପରିଣତ ହୋଇଗଲେ ତାହାର ଏକ ଅନ୍ତର୍ଭେଦୀ ପ୍ରତୀକରେ। 'ଭାରତର ସ୍ୱାଧୀନତା ଲାଭ ପରେ ପ୍ରକୃତ ସତ୍ୟାଗ୍ରହୀମାନଙ୍କ ଦ୍ୱାରା ସ୍ୱଦେଶର ନବନିର୍ମାଣ ହେବ' ଏବଂ 'ସବୁସ୍ତରର ମଣିଷ ଭିତରେ ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ କରିଦେବାର ଆନ୍ତରିକତା ପ୍ରକାଶିତ ହେଲେ, ତାହା ହିଁ ଭାରତ-ଭୂମିକୁ ପ୍ରଦାନ କରିପାରିବ ପୃଥିବୀର ଶ୍ରେଷ୍ଠ ଦିଗଦର୍ଶକର ଚିରଇପ୍ସିତ ଗୌରବ' ବୋଲି ଗାନ୍ଧିଜୀ ଯେଉଁ ମର୍ମସ୍ପର୍ଶୀ ବାଣୀ ଉଚ୍ଚାରଣ କରିଥିଲେ ତାହାର ବଳିଷ୍ଠ ଅଭିବ୍ୟକ୍ତି ପ୍ରଦର୍ଶିତ ହୋଇପାରିଛି ବିନୋଦ କାନୁନଗୋଙ୍କ ଅସାମାନ୍ୟ ତପସ୍ୟା ବଳରେ।

କ୍ଷମତାର ଲେଲୀହାନ ଶିଖା ବହୁ ଜନନାୟକଙ୍କୁ ଯେତେବେଳେ ଗ୍ରାସ କରୁଥିଲା, ସେଇ ସମୟରେ ବିନୋଦ କାନୁନଗୋ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ ସରଳ ଓଡ଼ିଆ ଭାଷାରେ କେତେ କେତେ ଜଟିଳ ଜ୍ଞାନକୁ ସହଜ ଓ ସୁଖପାଠ୍ୟ ରୀତିରେ ପରିବେଷଣ କରିବା ନିମିତ୍ତ। ଏହା ହିଁ ଜ୍ଞାନର ମନ୍ଦିର ନିର୍ମାଣ, ସ୍ୱରାଜ୍ୟର ସୌନ୍ଦର୍ଯ୍ୟ ଏବଂ ରାଷ୍ଟ୍ରଗଠନର ସୁଦୃଢ଼ ଭିତ୍ତି। ଯାହାଙ୍କ ଆନୁଷ୍ଠାନିକ ଶିକ୍ଷା ସ୍କୁଲ ପ୍ରାଚୀର ଅତିକ୍ରମ କରି ପାରି ନ ଥିଲା ସେ ଜ୍ଞାନର ମହାସାଗର ମଧ୍ୟକୁ ପ୍ରବେଶ କରିପାରିଲେ କେମିତି? ବାହ୍ୟସ୍ତରର ଶିକ୍ଷାର୍ଜନ ଅନ୍ତରାଳରେ ଆହରଣର ଯେଉଁ ଅନ୍ତର୍ଜଗତ ପରିବ୍ୟାପ୍ତ, ସେଇଠି ସେ ଯେ ନିତ୍ୟ ଅବଗାହନ କରୁଥିଲେ ଏଥିରେ ଆଉ ସନ୍ଦେହ କାହିଁ? ମାତ୍ର ୩୦ ଟି ଫାଇଲରୁ ଆରମ୍ଭ କରିଥିଲେ ଯେଉଁ ମହନୀୟ କାର୍ଯ୍ୟକ୍ରମ, ତାହା ତିରିଶ ହଜାର ଫାଇଲରେ ପରିଣତ ହୋଇଯାଇଥିଲା। ଜ୍ଞାନମଣ୍ଡଳର ୪୦ ଖଣ୍ଡ ପ୍ରକାଶିତ ଗ୍ରନ୍ଥ ମଧ୍ୟରୁ ଯେଉଁମାନେ ଗୋଟିଏ ଭାଗ ଉପରେ ମଧ୍ୟ ଦୃଷ୍ଟି ନିବଦ୍ଧ କରିବେ ସେମାନେ ଜାଣିପାରିବେ ଯେ କଳା, ସାହିତ୍ୟ, ସଙ୍ଗୀତ, ସଂସ୍କୃତି, ପରମ୍ପରା, ଐତିହ୍ୟ, ବିଜ୍ଞାନ, ଭୂଗୋଳ, ବାଣିଜ୍ୟ, ନୃତତ୍ତ୍ୱ, ରାଜନୀତି, ଅର୍ଥନୀତି, ସମାଜତତ୍ତ୍ୱ, ମହାକାଶ ବିଜ୍ଞାନ ଆଦି କେଉଁ ବିଷୟରେ ଅବା ସେ ଉପାଦାନ ସଂଗ୍ରହ ପୂର୍ବକ ତାହାକୁ ଆତ୍ମସ୍ଥ କରିନାହାନ୍ତି! ଚିରପୂଜ୍ୟ କୃତୀ ସନ୍ତାନମାନଙ୍କର ଜୀବନାଦର୍ଶ ବ୍ୟାଖ୍ୟା କରିଦେବାରେ କି ପ୍ରଖର ଅନ୍ତଃଦୃଷ୍ଟି ତାଙ୍କର ଉନ୍ମୀଳିତ! 'ଜ୍ଞାନମଣ୍ଡଳ'ର ଆହୁରି କେତେ ଖଣ୍ଡ ପ୍ରକାଶିତ ହୋଇ ପାରିନାହିଁ। ଏହି ବିସ୍ମୟଦୀପ୍ତ ସାଧନା ସହ ସେପୁଣି ଶିଶୁମାନଙ୍କ ପାଇଁ ଲେଖିଛନ୍ତି ଅନେକ ପୁସ୍ତକ। 'ଋଣ ପରିଶୋଧ', 'ପାଠ ପଢେ ପଢେ ଅପାଠୁଆ' ନାମରେ ନିଜ ପ୍ରେରଣାଗର୍ଭିତ ଆତ୍ମଜୀବନୀ ସେ ଛାଡ଼ି ଯାଇଛନ୍ତି।

ଓଡ଼ିଶାର ପ୍ରତିଭାଶାଳୀ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କୋଣାର୍କ ଯେପରି ବିଶ୍ୱର ଏକ ବିସ୍ମୟ, 'ଜ୍ଞାନମଣ୍ଡଳ'ର ବିଶ୍ୱକର୍ମା ଭାବରେ ବିନୋଦ କାନୁନଗୋ ସେହିପରି ସମଗ୍ର ପୃଥିବୀ ପାଇଁ ଏକ ଅପୂର୍ବ ଅଲୌକିକ ଶକ୍ତିର ନଭଶ୍ଚୁମ୍ବୀ ସ୍ଫୁରଣ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରତ୍ୟାହାର ହେଉ...

ଏହି ବିଷୟରେ ବିସ୍ତୃତ ଭାବେ ରାଜ୍ୟପାଳଙ୍କୁ ବୁଝାଇବା ସହ ଖଣି ଅଧିକାର ଓ ଖଣିଜ ସମୃଦ୍ଧ ଜମି ଉପରେ ରାଜ୍ୟର କ୍ଷମତାକୁ ସୀମିତ କରିବା ଯୋଗୁଁ ସୃଷ୍ଟି ହେବାକୁ ଥିବା ଆର୍ଥିକ ପ୍ରଭାବ ଏବଂ ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶା ପାଇବାକୁ ଥିବା ବକେୟା ଅର୍ଥ ଓ ରାଜସ୍ୱ ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ତଥ୍ୟ ରଖିଥିଲେ। ୨୫ ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ପ୍ରଦାନ କରିଥିବା ଐତିହାସିକ ରାୟ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧି ମଣ୍ଡଳୀ। ଉକ୍ତ ରାୟରେ ରାଜ୍ୟ ସରକାରମାନଙ୍କର ଖଣି ଓ ଖଣିଜ ସମୃଦ୍ଧ ଜମି ଉପରେ କର ଓ ଶୁଳ୍କ ଲାଗୁ କରିବାର କ୍ଷମତାକୁ ସ୍ୱୀକୃତି ଦିଆଯାଇଥିବା ସହ ୧ ଏପ୍ରିଲ ୨୦୦୫ରୁ ବକେୟା ଅର୍ଥ ଆଦାୟ ସମ୍ପର୍କରେ ମଧ୍ୟ ରାୟରେ ବ୍ୟବସ୍ଥା କରାଯାଇଥିଲା। ଉକ୍ତ ରାୟ ପରେ ଓଡ଼ିଶା ଖଣି ସମ୍ପର୍କିତ କର ଓ ଶୁଳ୍କ ବାବଦରେ ବିପୁଳ ପରିମାଣର ବକେୟା ଅର୍ଥ ପାଇବାକୁ ହକ୍‌ଦାର ହୋଇଥିଲା। ଏହାଦ୍ୱାରା ଓଡ଼ିଶାକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ବକେୟା ଅର୍ଥ ମିଳିଥା'ନ୍ତା ଏବଂ ରାଜ୍ୟ ବାର୍ଷିକ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ପାଇଥା'ନ୍ତା। ଏହି ଅର୍ଥ ଓଡ଼ିଶାର ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ କ୍ଷମତାକୁ ବହୁଗୁଣିତ କରିପାରିବ। ଏହାଦ୍ୱାରା ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳସେଚନ, ଗ୍ରାମୀଣ ବିକାଶ ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଦେଶର ଅନ୍ୟତମ ଖଣିଜ ସମୃଦ୍ଧ ରାଜ୍ୟ ଭାବେ ଓଡ଼ିଶା ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଜରିଆରେ ଭାରତର ଶିଳ୍ପ ଓ ଆର୍ଥିକ ବିକାଶରେ ଅପାର ଅବଦାନ ଦେଇଆସିଛି। ଅନୁସୂଚିତ ଅଞ୍ଚଳ ଏବଂ ଅନୁସୂଚିତ ଜନଜାତି ବସବାସ କରୁଥିବା ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକର ସାମ୍ବିଧାନିକ ଗୁରୁତ୍ୱ ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧିମଣ୍ଡଳୀ। ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ ଯୋଗୁଁ ଓଡ଼ିଶାର କୌଣସି ଆର୍ଥିକ କ୍ଷତି ହେବ ନାହିଁ ବୋଲି କରାଯାଉଥିବା ଦାବି ଉପରେ ମଧ୍ୟ ବିଜେଡି ପ୍ରଶ୍ନ ଉଠାଇଥିଲା। ଓଡ଼ିଶା ସମୀକ୍ଷାରେ ପ୍ରକାଶିତ ପୂର୍ବତନ ଆକଳନ ଏବଂ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ମଧ୍ୟ ଖଣି ସମ୍ପର୍କିତ ବକେୟା ଓ ରାଜସ୍ୱର ଆର୍ଥିକ ଗୁରୁତ୍ୱକୁ ସ୍ୱୀକାର କରାଯାଇଥିବା ବିଜେଡି ପକ୍ଷରୁ ଉଲ୍ଲେଖ କରାଯାଇଥିଲା। ତେଣୁ ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ ଓଡ଼ିଶା ଉପରେ ପକାଇବାକୁ ଥିବା ଆର୍ଥିକ ପ୍ରଭାବର ଏକ ସ୍ପଷ୍ଟ, ସ୍ୱଚ୍ଛ ଓ ପ୍ରାମାଣିକ ଆକଳନର ଆବଶ୍ୟକତା ରହିଛି। ପ୍ରତିନିଧିମଣ୍ଡଳୀର କଥା ଦୀର୍ଘ ସମୟ ଧରି ଶୁଣିବା ପରେ ଓଡ଼ିଶାର ରାଜ୍ୟପାଳ ଆଶ୍ୱାସନା ଦେଇଥିଲେ ଯେ ବିଜୁ ଜନତା ଦଳ ପକ୍ଷରୁ ଉଠାଯାଇଥିବା ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ସେ ନିଶ୍ଚିତ ଭାବେ ଭାରତର ରାଷ୍ଟ୍ରପତିଙ୍କୁ ଅବଗତ କରାଇବେ। ଏହି ପ୍ରସଙ୍ଗରେ ବିସ୍ତୃତ ଭାବେ ମତ ରଖିବା ପାଇଁ ସୁଯୋଗ ଦେଇଥିବାରୁ ବିଜେଡି ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାସହ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏମ୍ଏମଡିଆର୍ ସଂଶୋଧନ ବିଲ୍ ପାରିତ ହେବା ନେଇ ପୂର୍ବରୁ ହିଁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା କଥା ବିଜେଡି ଏହି ଅବସରରେ ସ୍ମରଣ କରାଇଛି। ବିଜେଡିର ସାଂସଦମାନେ ମଧ୍ୟ ସଂସଦରେ ଏହି ବିଲ୍‌କୁ ଦୃଢ଼ ଭାବେ ବିରୋଧ କରିବା ସହ ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ଅଧିକାର ଓ ସ୍ୱାର୍ଥ ଉପରେ ଏହାର ପ୍ରଭାବ ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

### ବିସ୍ଫୋରକ ହେଉଛି...

ଅଞ୍ଚଳର ସମୁଦ୍ର ଜଳର ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ ଥିଲା। ଏହା ଏକ ପୁରୁଣା ମଡେଲ୍ ଏବଂ ଏଥିରେ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରିବାର ବ୍ୟବସ୍ଥା କିମ୍ବା ଗୋପନୀୟ ସୋନାର୍ ଓ ରାଡାର୍ ଉପକରଣ ନାହିଁ। ଏହାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଆମେରିକୀୟ ଡଲାର୍ ବୋଲି ୨୦୨୪ର ଏକ ରିପୋର୍ଟରେ କୁହାଯାଇଥିଲା।

ଇତିମଧ୍ୟରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ ଦାବି କରିଛି ଯେ, ଇରାନ୍‌ର ବିପ୍ଲବୀ ଗାର୍ଡ ପକ୍ଷରୁ ଆମେରିକୀୟ ଯୁଦ୍ଧଜାହାଜକୁ ଆକ୍ରମଣ କରାଯିବା ପରେ ଆମେରିକୀୟ ସେନା ୫ଟି ଇରାନୀୟ ଅଶୋଧିତ ତୈଳବାହୀ ଜାହାଜକୁ ଧ୍ୱଂସ କରିଛି। ଗତ ଦୁଇ ଦିନରେ ଆମେରିକୀୟ ଯୁଦ୍ଧଜାହାଜକୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଧ୍ୟମରେ ଆକ୍ରମଣ କରିବାକୁ ଇରାନ୍ ଦୁଇଥର ଚେଷ୍ଟା କରିଥିବା ଆମେରିକା କହିଛି। ଏହାସହ ଇରାନ୍ ଉପରେ ଚାପ ବଢ଼ାଇବା ପାଇଁ ଆମେରିକାର ଅର୍ଥ ବିଭାଗ ୨୭ଟି ଇରାନୀୟ ବିମାନ କମ୍ପାନୀକୁ ବିଶେଷ ନିର୍ଦ୍ଧାରିତ ବ୍ୟକ୍ତି ଓ ସଂସ୍ଥା ତାଲିକାରେ ସାମିଲ କରିଛି। ଇରାନୀୟ ବିମାନ କମ୍ପାନୀଗୁଡ଼ିକ ଅସ୍ତ୍ରଶସ୍ତ୍ର ପରିବହନ ଓ ସରକାରୀ କାର୍ଯ୍ୟକଳାପରେ ସହଯୋଗ କରୁଥିବା ଆମେରିକା ଅଭିଯୋଗ କରିଛି।

### ୟୁଏଇରେ ଓଡ଼ିଶାର...

ସମ୍ଭାବନା ନେଇ ଆଲୋଚନା ହୋଇଥିଲା। ଆଇଏଚ୍‌ସିର ଏମ୍‌ଡି ତଥା ସିଇଓ ସୟଦ ବାସର ଶୁଏବ, ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେସିଆଲ ଇକୋନୋମିକ୍ ଜୋନ୍‌ର ଏମ୍‌ଡି କରନ୍ ଆଦାନୀ ଏବଂ ଆଦାନୀ ଗ୍ରୀନ୍ ଏନର୍ଜିର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ସାଗର ଆଦାନୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ଆଦାନୀ କମ୍ପାନୀ ପକ୍ଷରୁ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ତହସିଲରେ ଆଲୁମିନା ରିଫାଇନାରୀ ଏବଂ ସୁନ୍ଦରଗଡ଼ ଜିଲ୍ଲା ସଦର ତହସିଲରେ ଆଲୁମିନିୟମ ସ୍ମେଲଟର ପାଇଁ ଜମି ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବିତ ୧୪ ପ୍ରକଳ୍ପ ମଧ୍ୟରେ ମେଟାଲ୍ ଡାଉନଷ୍ଟ୍ରିମ୍ ଶିଳ୍ପ, ସ୍ଲରି ପାଇପଲାଇନ୍, କ୍ରିଟିକାଲ୍ ମିନେରାଲ୍ ଓ ରେୟାର ଆର୍ଥ, କେମିକାଲ୍ ଓ ପେଟ୍ରୋକେମିକାଲ୍ ଡେରିଭେଟିଭ୍, ଅକ୍ଷୟ ଶକ୍ତି ଉପକରଣ, ସ୍ୱାସ୍ଥ୍ୟସେବା, ଶିଳ୍ପ ଭିତ୍ତିଭୂମି, ପର୍ଯ୍ୟଟନ, ଦକ୍ଷତା ବିକାଶ ଓ କ୍ରୀଡ଼ା ଭିତ୍ତିଭୂମି ଭଳି କ୍ଷେତ୍ର ରହିଛି। ସେହିପରି ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ (ଆଇବିପିଜି)ର ପ୍ରତିନିଧିମାନଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ ବୃଦ୍ଧି ଓ ନିବେଶ ସୁଯୋଗ ସୃଷ୍ଟି ନେଇ ରାଜ୍ୟ ସରକାର ଏବଂ ଆଇବିପିଜି ମଧ୍ୟରେ ଏକ ମେମୋରାଣ୍ଡମ୍ ଅଫ୍ କୋଅପରେସନ୍ ସ୍ୱାକ୍ଷର ହୋଇଛି। ଏହା ମାଧ୍ୟମରେ ହଳଦୀ, ଅଦା ଭଳି ମସଲା, ସାମୁଦ୍ରିକ ଉତ୍ପାଦ ସମେତ ଓଡ଼ିଶାର ବିଭିନ୍ନ ସାମଗ୍ରୀର ରପ୍ତାନି ବଢ଼ାଇବା, ୟୁଏଇର ବ୍ରାଣ୍ଡଗୁଡ଼ିକ ପାଇଁ ଓଡ଼ିଶାରେ କଣ୍ଟ୍ରାକ୍ଟ ମ୍ୟାନୁଫାକ୍‌ଚରିଂ ଏବଂ ଉଚ୍ଚ ଦକ୍ଷତାସମ୍ପନ୍ନ ମାନବ ସମ୍ବଳ ପାଇଁ ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ। ଅପରପକ୍ଷେ ବୋରୋଜ୍‌ର ସିଇଓ ହାଜିମ୍ ସୁଲତାନ ଅଲ୍ ସୁୱାଇଦିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ହୋଇଛି। ପାରାଦୀପରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍‌ର ପ୍ରସ୍ତାବିତ ନାଫ୍‌ଥା କ୍ରାକର୍ ସହ ଫିଡ୍‌ଷ୍ଟକ୍ ଲିଙ୍କେଜ୍ ରଖି ଓଡ଼ିଶାରେ ଏକ ବୃହତ୍ କେମିକାଲ୍ ଡାଉନଷ୍ଟ୍ରିମ୍ କମ୍ପ୍ଲେକ୍ସ ସ୍ଥାପନ କରିବାକୁ ବୋରୋଜ୍‌କୁ ଆମନ୍ତ୍ରଣ ଦିଆଯାଇଛି। ୟୁଏଇର ବିଭିନ୍ନ ନିବେଶ ସଂସ୍ଥା ସହ ହୋଇଥିବା ରାଉଣ୍ଡଟେବୁଲ୍ ବୈଠକରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପିପିପି ମୋଡ୍‌ରେ ବିକାଶ କରାଯାଇପାରୁଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ଭିତ୍ତିଭୂମି, ବନ୍ଦର, ଦୀର୍ଘମିଆଦୀ ନିବେଶ ଏବଂ ପ୍ରକଳ୍ପ ବିକାଶ ନେଇ ନିବେଶ ସଂସ୍ଥାଗୁଡ଼ିକ ସହ ଆଲୋଚନା ହୋଇଛି। ୟୁଏଇ ଗସ୍ତର ପ୍ରଥମ ଦିନରେ ନିବେଶ, ଶିଳ୍ପ, ବାଣିଜ୍ୟ, ବନ୍ଦର ଓ ଭିତ୍ତିଭୂମି କ୍ଷେତ୍ରରେ ଏହି ଆଲୋଚନା ଓଡ଼ିଶାର ବିଶ୍ୱସ୍ତରୀୟ ନିବେଶ ସମ୍ପର୍କକୁ ଆହୁରି ମଜବୁତ କରିଛି। ଏହା ମାଧ୍ୟମରେ ରାଜ୍ୟରେ ନୂଆ ନିବେଶ ସହ ରୋଜଗାର ଓ ବଜାର ସୁଯୋଗ ବଢ଼ିବାର ଆଶା କରାଯାଉଛି।

### କଳା ଥାର୍ ଗାଡ଼ିକୁ...

ଶାବକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା। ପରେ ସ୍ୱତନ୍ତ୍ର ଗାଡ଼ି ଯୋଗେ ସେମାନଙ୍କୁ ନନ୍ଦନକାନନ ଚିଡ଼ିଆଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏତେ ସଂଖ୍ୟକ ବିରଳ ପ୍ରଜାତିର ଶାବକ ଏକାସାଙ୍ଗରେ ଏହି ଅଞ୍ଚଳକୁ କିପରି ଆସିଲେ, ତାହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ଘଟଣାରେ ବନ୍ୟପ୍ରାଣୀ ଚୋରାଚାଲାଣ ଚକ୍ରର ସମ୍ପୃକ୍ତି ଥାଇପାରେ ବୋଲି ସନ୍ଦେହ ହେବା ପରେ ତଦନ୍ତ ଅଧିକ ଗୁରୁତ୍ୱ ପାଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଓ ଉପଲବ୍ଧ ସିସିଟିଭି ଫୁଟେଜ୍ ଅନୁସାରେ ଘଟଣାର ପୂର୍ବଦିନ ମଧ୍ୟରାତ୍ରିରେ ଅଞ୍ଚଳରେ ଏକ କଳା ରଙ୍ଗର ଥାର୍ ଗାଡ଼ି ଯାତାୟାତ କରିଥିବା ଚର୍ଚ୍ଚା ହେଉଛି। ଏହି ଗାଡ଼ିର ଗତିବିଧି ସହ ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାର କୌଣସି ସମ୍ପର୍କ ରହିଛି କି ନାହିଁ, ତାହା ଏବେ ତଦନ୍ତର ବିଷୟ ହୋଇଛି।।

### ମଣିଷକୁ ଧ୍ୱଂସ...

ରଖିବା କେତେ ଅସମ୍ଭବ ହେବ; ତାହା ଅକଳ୍ପନୀୟ । ସେ କହିଛନ୍ତି ଯେ ଆନ୍ଥ୍ରୋପିକ୍ ସଂସ୍ଥା ଏଆଇ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱର ସହ କାମ କରୁଛି। ମାତ୍ର ଅତ୍ୟଧିକ ଉନ୍ନତ ବା 'ସୁପରଇଣ୍ଟେଲିଜେନ୍ସ' ଏଆଇକୁ କିପରି ନିରାପଦ ଭାବେ ନିୟନ୍ତ୍ରଣ କରାଯିବ, ତାହାର ସମାଧାନ ଏପର୍ଯ୍ୟନ୍ତ ମଣିଷ ପାଖରେ ନାହିଁ । ଏହି କାରଣରୁ ଏଆଇର କ୍ଷମତା ଯେଉଁ ଗତିରେ ବଢ଼ୁଛି, ତାହା ସହ ତାହାକୁ ବୁଝିବା, ନିରୀକ୍ଷଣ କରିବା ଓ ନିୟନ୍ତ୍ରଣ କରିବାର ମାନବୀୟ କ୍ଷମତା ସମାନ ଗତିରେ ବଢ଼ୁନାହିଁ । ଏଆଇର ବିକାଶ ଏବେ ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ଶିଳ୍ପ, ପ୍ରତିରକ୍ଷା, ଅର୍ଥନୀତି ଓ ଯୋଗାଯୋଗ ଭଳି ପ୍ରାୟ ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରୁଛି। ଏଆଇ ଆଧାରିତ ବ୍ୟବସ୍ଥା ଅଧିକ ସ୍ୱୟଂଚାଳିତ ଓ ନିଷ୍ପତ୍ତି ନେବାରେ ସକ୍ଷମ ହେବା ସହିତ ଏହାର ଭୁଲ ବ୍ୟବହାର, ନିୟନ୍ତ୍ରଣ ହରାଇବା କିମ୍ବା ମଣିଷର ଉଦ୍ଦେଶ୍ୟ ବିପରୀତ ଭାବେ କାର୍ଯ୍ୟ କରିବା ଭଳି ବିପଦକୁ ନେଇ ଚର୍ଚ୍ଚା ତୀବ୍ର ହୋଇଛି। ଆନ୍ଥ୍ରୋପିକ୍ ଗବେଷକଙ୍କ ଏଭଳି ଚେତାବନୀ ଏଆଇର ବିକାଶ ସହ ସୁରକ୍ଷା ବ୍ୟବସ୍ଥା, ନିୟମାବଳୀ ଓ ମାନବୀୟ ନିୟନ୍ତ୍ରଣକୁ ସମାନ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ପୁଣି ସାମ୍ନାକୁ ଆଣିଛି। ଏଆଇକୁ ବନ୍ଦ କରିଦେବା ନୁହେଁ, ବରଂ ଏହାର ବିକାଶକୁ ଦାୟିତ୍ୱଶୀଳ ଓ ସୁରକ୍ଷିତ କରିବା ବର୍ତ୍ତମାନ ଆହ୍ୱାନ ପାଲଟିଛି। ଶକ୍ତିଶାଳୀ ଏଆଇ ପ୍ରଣାଳୀ ବିକାଶ ପୂର୍ବରୁ ତାହାର ବିପଦର ପରୀକ୍ଷଣ, ସ୍ୱଚ୍ଛ ନିରୀକ୍ଷଣ ଓ ଆନ୍ତର୍ଜାତୀୟ ସୁରକ୍ଷା ମାନଦଣ୍ଡ ନିର୍ଦ୍ଧାରଣ ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ ବୋଲି ସେ କହିଛନ୍ତି । ଏହି ଚେତାବନୀ ମଧ୍ୟରେ ଆନ୍ଥ୍ରୋପିକ୍‌ର ଅନ୍ୟଜଣେ ବଡ଼ ଗବେଷକ ଜାକବ୍ କକ୍ସନ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ମାନବ ଜାତିପ୍ରତି ବିପଦ ସୃଷ୍ଟି କରି ପାରୁଥିବା ଓ ନିଜକୁ ନିଜେ ବିକଶିତ କରିବାକୁ ସକ୍ଷମ ଏଆଇ ସିଷ୍ଟମ ନିର୍ମାଣ କ୍ଷେତ୍ରରେ ପ୍ରତିଯୋଗିତାକୁ ନେଇ ସେ ଚିନ୍ତାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ବିଶ୍ୱ ଏବେ ଆଇ ସମ୍ପର୍କୀତ ସବୁଠୁ ସ୍ୱର୍ଣ୍ଣକାତର ଦିଗରେ ଗତିକରୁଛି। ଆସନ୍ତା ବର୍ଷ ଶେଷ ସୁଦ୍ଧା ପରିସ୍ଥିତି ହାତ ପାହାନ୍ତାରୁ ବାହାରକୁ ଚାଲିଯାଇ ପାରେ ବୋଲି ଆଶଙ୍କାପ୍ରକାଶ କରିଛନ୍ତି । ଏଆଇ କମ୍ପାନୀଗୁଡ଼ିକ ନିଜ ଫାଶରେ ଫସି ଯାଇଛନ୍ତି ବୋଲି ଉଲ୍ଲେଖ କରି ଜାକବ୍ ଗବେଷଣା କାର୍ଯ୍ୟରୁ ଓହରିବାକୁ ଘୋଷଣା କରିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.33/ET/SBP/ENGG/2026-27, ତା.01.09.2026ରିଖ

(1)ଇ-ଟେଣ୍ଡର ସଂ.08-eT-SETT-SBP-26

**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ(ADEN)/ ସେଟେଲମେ / ସମ୍ବଲପୁର (SBP) ପରିସୀମା ଅଧୀନସ୍ଥ ସମ୍ବଲପୁର ଷ୍ଟେସନ ଠାରେ ଜବରଦଖଲ ରୋକିବା ପାଇଁ ଏବଂ ରେଳବାଇ ସମ୍ପତ୍ତିର ସୁରକ୍ଷା ନିମନ୍ତେ ପରିସର ପାଚେରୀ ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,27,98,754.05, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,56,600.00।

(2)ଇ-ଟେଣ୍ଡର ସଂ.06-eT-BRIDGE-SBP-26

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳ ନିମନ୍ତେ "ଆର୍ଥିକ ବର୍ଷ 2026-27 ପାଇଁ ମୋଡେମ୍ ଟେକ୍ନୋଲୋଜି ସାମଗ୍ରୀଗୁଡ଼ିକ" ସମ୍ବନ୍ଧୀୟ ଦେଓବାହାଲ(DOBH)-ବରଗଡ଼ ରୋଡ଼(BRGA)ରେ ପୋଲ ନଂ.160UP, ସର୍ଲଡଲା(SFC)-ଦେଓଗାଁ ରୋଡ଼(DFR)ରେ ପୋଲ ନଂ.406DN, ବଡ଼ମାଲ (BUDM)- ସର୍ଲଡଲା (SFC) ରେ ପୋଲ ନଂ.438 DN ଠାରେ କଗୁଆଳୀ ବିହୀନ ଏରିଏଲ ପ୍ରଣାଳୀ ଡ୍ରୋନ୍ ସର୍ଭେକ୍ଷଣ (ସାଧାରଣ)ର ପରିଚାଳନା ଏବଂ ହୀରାକୁଦ (HKG)-ସମ୍ବଲପୁର (SBP)ରେ ପୋଲ ନଂ.76 DN (ପୁରୁଣା), ଟିଟିଲାଗଡ଼ (TIG)-କେସିଙ୍ଗା (KSNG) ରେ ପୋଲ ନଂ.343 UP, ବଲାଙ୍ଗୀର (BLGR)-ଲୋଇସିଙ୍ଗା (LSX) ରେ ପୋଲ ନଂ.331 DN ଠାରେ କଗୁଆଳୀ ବିହୀନ ଏରିଏଲ ପ୍ରଣାଳୀ ଡ୍ରୋନ୍ ସର୍ଭେକ୍ଷଣ (LIDAR)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 32,70,520.65, ବିଡ୍ ସିକ୍ୟୁରିଟି (ଟଙ୍କାରେ): 65,500.00।

କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ)ମାସ (କ୍ରମ ସଂ.1 ପାଇଁ) ଏବଂ 04 (ଚାରି)ମାସ (କ୍ରମ ସଂ.2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.09.2026ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ସମ୍ବଲପୁର

PR-429/R/26-27



32001/855/2627

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com

**e-Procurement Notice- Bid Identification No.- ACEM/MDC-20 to 23/2026-27**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 04 (Four) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : | ACEM/MDC-20 to 23/2026-27 |
| 5. | Estimated Cost | : | Rs. 11,56,774 /- to Rs. 18,34,525 /- |
| 6. | Period of Completion | : | 01 (One) calendar month. (Each) |
| 7. | Date & time of availability of bid documents in the Portal | : | From dt.17.09.2026 (10.00 AM) to dt.30.09.2026 (5.30 PM) |
| 8. | Last date/ time for receipt of bid In the Portal | : | dt.30.09.2026 (up to 5.30 PM) |
| 9. | Date and Place of opening of Bid | : | dt.01.10.2026 (11.00 AM onwards in the O/o the undersigned) |
| 10. | Name of the Officer inviting bid | : | Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR-32001/32405/1/26-27/0019

Addl. Chief Engineer, Mechanical Circle Bhubaneswar



25001/1115/2627

E-mail: rw_bhawanipatna@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHABANIPATNA**
**INVITATIONS FOR BIDS THROUGH e-Procurement**

No- 3393 Date- 02.09.2026

Bid Identification No- SERWBPT-Online-09/2026-27
e - Procurement Notice No. 09 Of 2026-27

| | | | |
|---|---|---|---|
| 1 | Name of the Work | : | Road Works |
| 2 | Total No of works | : | 03 Nos Road Works |
| 3 | Estimated Cost | : | Rs. 69.15 Lakh to Rs.98.93 lakh |
| 4 | Class of Contractor | : | 'B' Class |
| 5 | Period of Completion | : | 6 Months |
| 6 | Type of Tender | : | Double cover System Tender |
| 7 | Date & time of availability of bid document in the portal | : | Dt. 02.09.2026 10.00 AM to 23.09.2026 17.00 PM |
| 8 | Last Date & Time for Receipt of bids in the Portal | : | Dt. 23.09.2026 at 17.00 PM |
| 9 | Opening of Bid through online | : | Dt. 24.09.2026 at 11.00 AM |
| 10 | Name & Address of the Officer inviting Bid | : | Superintending Engineer, Rural Works Division, Bhabanipatna |

Further details can be seen from the e-procurement portal https://tendersorissa.gov.in

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

**N.B: Subsequent corrigendum/addendum if required shall be available in the website as indicated above**

Superintending Engineer, Rural Works Division, Bhabanipatna

OIPR-25001/25070/1/26-27/0006



32001/844/2627

**GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**
E-mail ID: - **midivmalkangiri@gmail.com**
**NOTICE INVITING TENDER**
E-Procurement Notice
Bid Identification No. **SEMIDMKG - 07/2026-27**
**Letter No. 1624 Dt. 08.09.2026**

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in **Single & Double cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

| | | | |
|---|---|---|---|
| 1. | Name of the work | : | Improvement to 03 nos. MIPs under Imp. To D/W Scheme and Improvement to 16 nos. Check Dam under Imp. To CD Scheme in different Blocks of Malkangiri District for the year 2026-27. |
| 2. | Total Number of work | : | 19 (Nineteen) Nos. |
| 3. | Estimated cost | : | Approximately from Rs. 04.65 to Rs. 60.14 lakh . |
| 4. | Period of completion | : | 02 (Two) to 05(Five) Calendar Months |
| 5. | Class of Contractor | : | "B" "C" & "D" Class Contractor |
| 6. | Date and time of availability of bid documents in the portal | : | From 10.00 A.M of 12.09.2026 to 5.00 PM of 29.09.2026 |
| 7. | Last date /time for receipt of bids in the portal | : | 5.00 pm on 29.09.2026 |
| 8. | Date of opening of bid | : | At 11.00 am on 30.09.2026 in website (www.tendersorissa.gov.in) |
| 9. | Submission of Bids | : | Online mode |
| 10. | Name of the Officer inviting Bid | : | Superintending Engineer, Minor Irrigation Division,Malkangiri |

11. Further details can be seen from the Government of Odisha Web-site:www.tendersorissa.gov.in

Superintending Engineer, M.I. Division, Malkangiri

OIPR-32001/32364/1/26-27/0001



32001/851/2627

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, JAGATSINGHPUR-754103**
**e-procurement Notice No. SEDD-JSPUR-06/2026-27**
email Id : eeddjspur@gmail.com

| | | | |
|---|---|---|---|
| 1. | Total number of works | : | 09(Nine) nos. of Package |
| 2. | Bid Identification No. | : | As per DTCN |
| 3. | Estimated Cost | : | Rs.13.26 lakhs to 82.94 lakhs |
| 4. | Period of completion | : | 03 (Three) &10 (Ten) Calendar Month |
| 5. | Availability of Tender On - Line. | : | From 11.09.2026 at 16.30 Hours to 27.09.2026 upto 17.30 Hours. |
| 6. | Date of Opening of Technical Bid. | : | 28.09.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 7. | Class of Contractor | : | "C" & "B" Class & "C" & "D" Class |
| 8. | EMD required | : | As per DTCN. |
| 9. | Cost of Tender paper | : | Rs.10,000/- & Rs.6,000/- |
| 10. | Procurement Officer | : | Superintending Engineer, Drainage Division, Jagatsinghpur-754103 |

- Tender will be accepted if registered in the CDMS Portal.
- Further details can be seen from the Govt. web site www.tendersorissa.gov.in. Addendum / Corrigendum / Cancellation if any required will be published only in Govt. web site www.tendersorissa.gov.in

**Superintending Engineer**
Drainage Division, Jagatsinghpur

OIPR-32001/32378/1/26-27/0004



25001/1109/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAYAPUR**
email- eerwdjeypore@gmail.com

Letter No.4265 Date:05.09.2026

**NATIONAL COMPETITIVE BIDDING THROUGH GePNICe_Procurement Notice**

| | | | |
|---|---|---|---|
| 1. | Name of the work | : | Construction of **Building** Works - **15 Nos.** |
| 2. | Class of contractor | : | "D","C","B" Class &"A" Class of (Odisha PWD) or relevant class of other licensing authority. |
| 3. | Estimated Cost | : | Various from Rs.8.47 Lakhs to Rs.1.27 Lakhs (Approximately). |
| 4. | Details of projects | : | As per Annexure attached. |

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Jayapur | EERWDJYP - Online - 09/2026-27 | 11.09.2026 at 10.00 A.M. | 21.09.2026 up to 5.00 P.M. | 21.09.2026 up to 1.30 P.M. | 22.09.2026 at 11.00 A.M. - |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

Executive Engineer, Rural Works Division, Jayapur.

OIPR-25001/25160/1/26-27/0009



32001/839/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**ANANDAPUR BARRAGE DIVISION, SALAPADA.**
**(E-Mail Id: eeabd.anandapur@gmail.com)**
**E-procurement Notice No. SEABD-08 of 2026-27**

| E-Procurement officer | Name of the work | Bid id No. | Amount put to tender (in lakhs) (approx) | EMD (Online) | Cost of Bid Document (Online) | Class of Contractor | Period of Completion | Availability of tender online for bidding | | Date of opening |
|---|---|---|---|---|---|---|---|---|---|---|
| | | | | | | | | From | To | |
| Superintending Engineer, Anandapur Barrage Division, Salapada | Repair and Rehabilitation of Electrical Installations work to Administrative Building of Chief Construction Engineer, Anandapur Barrage Project at Salapada in the District of Keonjhar. | ABP-ABD-08 of 2026-27 | 13.50 | 13,500/- | 6000/- | "D Class" | 01 (One) Month. | 11.09.2026 11.00 A.M | 24.09.2026 05.00 P.M | 25.09.2026 11.30 A.M |

Further details can be seen from the Govt. website **www.tendersorissa.gov.in/www.dowrodisha.gov.in**
**Addendum/ corrigendum/ cancellation** if any required will be published in Govt. website only.

Superintending Engineer, Anandapur Barrage Division, Salapada.

OIPR-32001/32177/1/26-27/0008



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: ETELCONBBST-388E

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବାଘୁଆପାଳର ROH ସେଡ୍ ଏବଂ CC ପରୀକ୍ଷଣ ସୁବିଧାର ନିର୍ମାଣ ନିମନ୍ତେ ଆନୁଷଙ୍ଗିକ PSI କାର୍ଯ୍ୟ ସହିତ ପ୍ରଚଳିତ ସବ୍‌ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ(SSP) ର ବୃଦ୍ଧିକରଣ ସହ 1X25KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 10,74,95,098.92, ଅମାନତ ରାଶି(ଟଙ୍କାରେ) : 21,49,900.00, ଶେଷ ହେବା ଅବଧି : 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.09.2026 ରିଖ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.10.2026 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ www.ireps.gov.in ରେ ଉପଲବ୍ଧ ଅଟେ।

ଉପମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-୩, ଭୁବନେଶ୍ୱର

PR-185/CJ/26-27



**FOR SALE**

1 Number of Tractor – NEW HOLAND 3230 2WD, Registration No.- OD-01- BB – 0750, Model- 2025, ENGINE NO – S325P39746, CHASSIS NO - PNE03230ZRJ007737, For Details, contact – 94370 55763, 7656852396, SUNDARAM FINANCE LTD., First floor, Choudhury Nivas, SAHADEV KHUNTA, BALASORE,756001, PH. NO- 06782-266658



**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dtd 09.09.2026, I, PRAKASH NAYAK, S/o Chaitanya Nayak, resident of Mandirasahi, Haripur, Nayagarh, Odisha, PIN-752092, do hereby declare that I have changed my name from PRAKASH NAIK to PRAKASH NAYAK. Henceforth, I shall be known as **PRAKASH NAYAK** for all purposes.

Sd/- PRAKASH NAYAK

**AFFIDAVIT**

I, Makabul Sek, S/O- Sek Barkanda, resident of At-Routrapur, Po-Bishnupur, Dist-Baleswhwar, Odisha, PIN-756026, declare by this affidavit No.3945, dated: 09/09/2026, that now onwards I shall be known as **SK. MAKBUL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no-1042, dated 03.09.2026, I, PUNAM DEVI, Wife of - Bijay Mehta, permanent resident of Village - Mundiguda, PO - Mahendri, PS - Papadahandi, Dist - Nabarangpur, Odisha, Pin - 764072, declare that I have changed my name from PUNAMDEBI MEHETA to PUNAM DEVI. Henceforth, I shall be known as **PUNAM DEVI** for all purposes.

Sd/- Punam Devi

**AFFIDAVIT**

By virtue of an affidavit sworn before The Executive Magistrate, Titilagarh on dtd- 09/09/2026. I, **Lalit Suna** (applicant name), S/o Jada Suna, permanent resident of At- Pudapali, PO- Dedgaon, PS- Sindhekela, Subdivision-Titilagarh, Dist- Balangir, PIN-767035, Odisha declare that I have changed my minor son's name from **Kartik Soni** (old name) to **Kartika Suna** (new name). Henceforth, he shall be known as **Kartika Suna** (new name) for all purposes.

**Lalit Suna**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated-09/09/2026. I, **Ramakanta Das**, Address: Village: Badadogada, Po- Mirchandpur, Ps- Jajpur, Dist- Jajpur, Pin-755062, Odisha declare that I have changed my name from **Kamalakanta Das** to **Ramakanta Das**. Henceforth, I shall be known as **Ramakanta Das** for all purposes.

**Ramakanta Das**

**AFFIDAVIT**

By virtue of an affidavit sworn before Notary Public, Bhubaneswar, affidavit No-437, dtd- 05/09/2026. I, **Snigdhamayee Sahoo**, W/o-Nishikanta Sahoo, resident of Duplex No- 102, Plot No-393/1637/4494/393/4495, Nandan Villa, Po- Kalarahanga, Raghunathpur, Ps- Infocity, Bhubaneswar, Dist- Khurda, Pin-751024, Odisha declare that I have changed the name of my daughter from **Nishidha Navya Sahoo** to **Nishidha Sahoo**. Henceforth, she shall be known as **Nishidha Sahoo** for all purposes.

(Snigdhamayee Sahoo)

**AFFIDAVIT**

By virtue of an affidavit sworn before the Executive Magistrate, Kodinga, Vide no - 2661/2026, dated 31.08.2026, I, SANO BHATRA, W/o - Jagamohan Bhatra, permanent resident of Village - Kadabhata, PO - Ghadahanua, PS - Kosagumuda, Dist - Nabarangpur, Odisha, Pin - 764061, declare that I have changed my name from SON BHATRA to SANO BHATRA. Henceforth, I shall be known as **SANO BHATRA** for all purposes.

Sd/- Sano Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1050, dated 07-09-2026, I, BHISMA MALI, S/o - Asman Mali, permanent resident of Village - Ambadola, PO - Ambadola, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Son from KRISHANA MALI to SOMYA RANJAN MALI. Henceforth, he shall be known as **SOMYA RANJAN MALI** for all purposes.

Sd/- Bhisma Mali

**AFFIDAVIT**

By virtue of an affidavit sworn before the Notary Public, Rayagada, No. 9166, dated 09.09.2026, I, Bindusagar Dandasena, S/o- Late Trinath Dandasena, resident of Beheraguda, PO- Pitamahal, PS-Seskhal, Block/ Dist- Rayagada, Pin- 765002, Odisha, declare that I have changed my name from Sagar Dandasen to Bindusagar Dandasena. Henceforth, I shall be known as **Bindusagar Dandasena** for all purposes.

Bindusagar Dandasena

**AFFIDAVIT**

By virtue of an affidavit sworn before the Executive Magistrate, Kodinga, Vide no - 2662/2026, dated 31.08.2026, I, DURJAN RANDHARI, S/o - Arjun Randhari, permanent resident of Village - Kujaguda, PO - Kodinga, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from DURJYAN RANDHARI to DURJAN RANDHARI. Henceforth, I shall be known as **DURJAN RANDHARI** for all purposes.

Sd/- Durjan Randhari

**AFFIDAVIT**

I, Sekh Jyotibur Rehman/ Jyotibur Rehman, S/o- Abdul Rehaman, At/Po- Pithapur, Ps-Bhograi, Dist- Baleswar, Pin - 756038 , Odisha, declare by this Affidavit No. 998/2026, dt.09.09.2026, that now onwards I shall be known as **JYOTIBORE REHAMAN** for all features purposes.

**AFFIDAVIT**

I, KESHAB SAWDIA aged about 49 years, S/o- Radheshyam Sawadia, At- Ambapali, Po-Bargarh, Ps- Bargarh Town, Dist-Bargarh- 768028, Odisha, declared by this Affidavit No.997/2026 Dated.08.09.2026, that now onwards I shall Be Known As **KESHAB SAWADIA** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Muniguda, dated 08.09.2026, I, MAHANTI BAG, Ambadala (Indrapada), P.O.-Ambadala, P.S.-Ambadala, Dist.-Rayagada, being the father of the minor, declare that my minor son's name has been changed from **NIHUR BAG to NIURU BAG**. Henceforth, he shall be known as **NIURU BAG** for all purposes.

Sd/- MAHANTI BAG

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1063, dated 08.09.2026, I, PADMA MAJHI, W/o.- Nilambar Majhi & D/o - Narayan Bhatra, permanent resident of Village - Sindhigam, PO - Sindhigam, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed my name from PADMABATI MAJHI to PADMA MAJHI. Henceforth, I shall be known as **PADMA MAJHI** for all purposes.

Sd/-Padma Majhi

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no-1176, dated 02.09.2026, I, PADMINI JANI, W/o - Krushna Jani & D/o - Hari Jhodia, permanent resident of Village - Chitrakot, PO - Anchalguma, PS - Tentulikhunti, Dist - Nabarangpur, Odisha, Pin - 764049, presently residing At - Lamataguda, PO - Bejuguda, PS - Khatiguda, Dist - Nabarangpur, Odisha, Pin - 764070, declare that I have changed my name from PADMANI JHADIA to PADMINI JANI. Henceforth, I shall be known as **PADMINI JANI** for all purposes.

Sd/- Padmini Jani

ସକାଳ
THE SAKALA



## ଉପଜିଲ୍ଲାପାଳଙ୍କ ଅଫିସ ଘେରିଲା ବିଜେଡି

# 'କୃଷିମନ୍ତ୍ରୀଙ୍କ ଅଞ୍ଚଳର ଚାଷୀ ଅବହେଳିତ ହେବା ଦୁର୍ଭାଗ୍ୟଜନକ'

ପାଟଣାଗଡ଼, ୯ ।୯ (ସମିସ)





ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା, ଅହେତୁକ ଦରଦାମ ବୃଦ୍ଧି, ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ଏବଂ ଏସଆଇଆରରେ ହୋଇଥିବା ଅନିୟମିତତା ବିରୋଧରେ ବୁଧବାର ପାଟଣାଗଡ଼ ବିଜେଡି ପକ୍ଷରୁ ପ୍ରତିବାଦ ଓ ବିକ୍ଷୋଭ ସହ ଉପଜିଲ୍ଲାପାଳଙ୍କ ଅଫିସ ଘେରଉ କରାଯାଇଛି । ଏଥିସହ ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ଥିବା ପାଟଣାଗଡ଼, ବେଲପଡା ଓ ଖପ୍ରାଖୋଲ ବ୍ଲକର ଦଳୀୟ କର୍ମୀଙ୍କ ସହ ଚାଷୀ ଓ ଜନସାଧାରଣ ବିଜେଡି କାର୍ଯ୍ୟାଳୟଠାରେ ଏକତ୍ରିତ ହୋଇଥିଲେ । ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ସମସ୍ତେ ଦଳୀୟ କାର୍ଯ୍ୟାଳୟରୁ ବାହାରି ଥିଲେ । ସହରର ମୁଖ୍ୟ ରାସ୍ତାଦେଇ ବିଭିନ୍ନ ସରକାର ବିରୋଧୀ ସ୍ଲୋଗାନ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ । ସେଠାରେ ଆୟୋଜିତ ଏକ ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ଶ୍ରୀ ମେହେର ବିଜେପି ସରକାରଙ୍କ ଚାଷୀମାରଣ ନୀତି ଉପରେ କଟୁ ସମାଲୋଚନା କରିଥିଲେ । ସ୍ଥାନୀୟ ବିଧାୟକ କୃଷି ମନ୍ତ୍ରୀ ଥିଲେ ମଧ୍ୟ ଅଞ୍ଚଳର ଚାଷୀ ଅବହେଳିତ ହୋଇ ରହିଛନ୍ତି ବୋଲି କହିଥିଲେ । ଓଡ଼ିଶାର ଅନ୍ନଦାତା କୁହାଯାଉଥିବା ଚାଷୀଙ୍କୁ ଉପମୁଖ୍ୟମନ୍ତ୍ରୀ 'ଗଞ୍ଜେଇ ଚାଷ କରୁଛ' କହି ଅପଶବ୍ଦ ବ୍ୟବହାର କରିବା କେତେ ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଏପରିକି ଏଭଳି କଟୁ ମନ୍ତବ୍ୟ ପାଇଁ ସ୍ଥାନୀୟ ବିଧାୟକ ମନ୍ତ୍ରୀ କ'ଣ ପଞ୍ଚାୟତର ୱାର୍ଡମେମ୍ବର ପାଇଁ ମଧ୍ୟ ଯୋଗ୍ୟ ନୁହନ୍ତି ବୋଲି ତାଙ୍କ ଭାଷଣରେ ପ୍ରକାଶ କରିଥିଲେ ।

**ସ୍ଥାନୀୟ ବିଧାୟକ ୱାର୍ଡମେମ୍ବର ପାଇଁ ମଧ୍ୟ ଯୋଗ୍ୟ ନୁହନ୍ତି**

ପରେ ଏକ ଦାବିପତ୍ର ଉପଜିଲ୍ଲାପାଳ ସୁନୀଲ ମେହେରଙ୍କୁ ପ୍ରଦାନ କରାଯାଇଥିଲା । ଦାବିଗୁଡିକ ମଧ୍ୟରେ ଏକାକାଳୀନ ଚାଷୀ କାର୍ଡ ପଞ୍ଜୀକରଣ କରିବା ସହ ଭାଗ ଚାଷୀ, ଜଙ୍ଗଲ ଜମି, ଦେବୋତ୍ତର ଜମି ଓ ସରକାରୀ ଜମିରେ ଚାଷ କରୁଥିବା ଚାଷୀଙ୍କ ଚାଷୀକାର୍ଡ ପଞ୍ଜିକୃତ କରିବା, ଚାଷୀଙ୍କ ଋଣ ଛାଡ଼, ଚାଷୀଙ୍କ ବିଦ୍ୟୁତ୍ ବିଲ୍ ମାଗଣା, ସାରର କଳାବଜାର ରୋକିବା ପାଇଁ ସେବା ସମବାୟ ସମିତିରେ କେବଳ ସାର ଯୋଗାଣ, ଚାଷୀମାନେ ଫସଲ ବୀମାରୁ ବଞ୍ଚିତ ନ ହେବା, ଚଳିତ ବର୍ଷ ବନ୍ୟାରେ କ୍ଷତି ସହିଥିବା ପରିବାରଙ୍କୁ ତୁରନ୍ତ ଘର ଯୋଗାଇ ଦେବା, ହାତୀ ଉପଦ୍ରବରେ କ୍ଷୟକ୍ଷତି ହୋଇଥିବା ପରିବାରଙ୍କୁ ତୁରନ୍ତ ଉଚିତ କ୍ଷତିପୂରଣ ପ୍ରଦାନ, ବନ୍ୟାରେ କଟିଯାଇଥିବା ରାସ୍ତା ଗୁଡିକର ମରାମତି ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବା, ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଉପରେ ରୋକ ଲଗାଇବାକୁ ଦାବି କରାଯାଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦାବି ସ୍ଥାନୀୟ ବିଧାୟକ କେଭି ସିଂଦେଓ ଓ ସାଂସଦ ସଂଗୀତା ସିଂ ଦେଓଙ୍କ ଝିଅ ନିବୃତ୍ତି କୁମାରୀ ସିଂଦେଓ ବହୁ ବର୍ଷ ହେଲା ଅନ୍ୟ ରାଜ୍ୟରେ ବିବାହିତ ହୋଇଥିଲେ ମଧ୍ୟ ପାଟଣାଗଡ଼ ଏନଏସି ଅଧୀନ ୯ ନମ୍ବର ୱାର୍ଡ ଭୋଟର ତାଲିକାରେ ତାଙ୍କ ନାମ ରହିଛି । ଏହା ଏସଆଇଆର ବିରୁଦ୍ଧାଚରଣ କରୁଛି । ତେଣୁ ତାଲିକାରୁ ତାଙ୍କ ନାମ ବାଦ୍ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି ।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

କଣ୍ଟାବାଞ୍ଜି, ୯ ।୯ (ସମିସ): ତୁରେକେଲା ଥାନା ମାଧଲା ଗାଁ ନିକଟରେ ବାଇକ୍‌ରୁ ଭାରସାମ୍ୟ ହରାଇ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ହେଉଛନ୍ତି କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ କରୁଆମୁଣ୍ଡା ଗାଁର ଯୁଧିଷ୍ଠିର ମାଝୀ । ଯୁଧିଷ୍ଠିର ବାଇକ୍ ଯୋଗେ ଯାଉଥିବା ବେଳେ ମାଧଲା ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପଡିଥିବା ଦେଖି ତୁରେକେଲା ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲା । କଣ୍ଟାବାଞ୍ଜିରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ହତ୍ୟାକାରୀ କାକାଙ୍କୁ ଆଜୀବନ କାରାଦଣ୍ଡ



କଣ୍ଟାବାଞ୍ଜି, ୯ ।୯ (ସମିସ): କଣ୍ଟାବାଞ୍ଜି ଏଡିଜେ କୋର୍ଟ ଏକ ହତ୍ୟା ମାମଲାର ରାୟ ଦେଇଛନ୍ତି । ରାୟରେ ହତ୍ୟାକାରୀ କାକାଙ୍କୁ ଆଜୀବନ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରାମାନା ଶୁଣାଇଛନ୍ତି । ଅଭିଯୁକ୍ତ ଜଣକ ହେଲେ ଜଳଧର ହଂସ । ବଲାଙ୍ଗୀର ଜିଲ୍ଲା ସିଂଧେକେଲା ଥାନା ସାଲେମୁଡ଼ଗା ଗାଁରେ ୨୦୨୨ ମସିହା ମାର୍ଚ୍ଚ ମାସ ୧୬ ତାରିଖ ଦିନ ପାରିବାରିକ କଳହରୁ ଗଣ୍ଡଗୋଳ ହୋଇଥିଲା । ଜଳଧରର ଠେଙ୍ଗା ମାଡ଼ରେ ପୁତୁରା ଡାକ୍ତର ହଂସଙ୍କ ଜୀବନ ଯାଇଥିଲା ଜୀବନ । ପୁଲିସ ତଦନ୍ତ କରି ଜଳଧର ଓ ତା' ପୁଅ ସତ୍ୟ ହଂସକୁ ଗିରଫ କରିଥିଲା । ସତ୍ୟକୁ ୬ ମାସ ୧୫ ଦିନ ଜେଲ୍ ହୋଇଛି । ଜଳଧରକୁ ଆଜୀବନ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ଲାଗି ଅଦାଲତ ରାୟ ଦେଇଛନ୍ତି ବୋଲି ସରକାରୀ ଓକିଲ ସେଲିନ କିଣ୍ଡୋ ସୂଚନା ଦେଇଛନ୍ତି ।

## ନୂଆଖାଇ ବଜାରରୁ ମା' ସହ ଝିଅ ନିଖୋଜ



କଣ୍ଟାବାଞ୍ଜି, ୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଧୀନ ବାହାବଲ ଗାଁରେ ନୂଆଖାଇ ପାଇଁ ବଜାର ଯାଇଥିବା ବେଳେ ମା-ଝିଅ ନିଖୋଜ ହେବା ଘଟଣା ସାମ୍ନାକୁ ଆସିଛି । ବାହାବଲ ଗାଁର ମିଶ୍ର ବାଗ ତାଙ୍କ ସ୍ତ୍ରୀ ରୁପେ ବାଗ ଓ ଛୋଟ ଝିଅକୁ ଧରି ନୂଆଖାଇ ପାଇଁ ବଜାର କରିବାକୁ ଲାଠୋରକୁ ଯାଇଥିଲେ । ବଜାର ସାମଗ୍ରୀ କିଣି ଘରକୁ ଫେରୁଥିବା ବେଳେ ଲାଠୋର ରେଳ ଫାଟକ ନିକଟରୁ ତାଙ୍କ ସ୍ତ୍ରୀ ଓ ଝିଅ ହଠାତ୍ ନିଖୋଜ ହୋଇ ଯାଇଥିଲେ । ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନାହିଁ । ଏନେଇ ମିଶ୍ର ବାଗ ଲାଠୋର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏଯାଏଁ କୌଣସି ସୁରାକ ପାଇନାହିଁ । ଘଟଣାକୁ ପୁଲିସ ଗୁରୁତ୍ୱ ଦେଉ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

## ପୂର୍ବତନ ଜିଲ୍ଲା ଶିକ୍ଷା ନିରୀକ୍ଷକଙ୍କ ପରଲୋକ



କଣ୍ଟାବାଞ୍ଜି, ୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଶ୍ରୀରାମ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ମାଧବ ମହାନନ୍ଦଙ୍କ ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଦୀର୍ଘ ଦିନ ଧରି ଶିକ୍ଷକତା କରିବା ପରେ ସେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଭାବେ ପଦୋନ୍ନତି ପାଇ ପାଟଣାଗଡ଼ ଓ ଧର୍ମଗଡ଼ରେ କାର୍ଯ୍ୟକରିଥିଲେ । ୨୦୦୬ ମସିହାରେ ଅବସରଗ୍ରହଣ କରିଥିଲେ । ସପ୍ତାହେ ହେଲା ସେ ରାୟପୁରର ଏମକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ସେ ହୃଦ ରୋଗ ଏବଂ ମଧୁମେହ ରୋଗରେ ଆକ୍ରାନ୍ତ ଥିଲେ । ଗାଁରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ, ୬ ବର୍ଷର ଝିଅ ଗୁରୁତର

ପାଟଣାଗଡ଼, ୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡା ଥାନା ଅଧୀନ ଭରୁଆପାଲି ଗାଁରେ ଏକ ହୃଦୟବିଦାରକ ଘଟଣା ଘଟିଛି । ମଦ୍ୟପାନକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ପାରିବାରିକ ବିବାଦରେ ଗୋଟିଏ ମୁଣ୍ଡ ଗଡିଛି । ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀର ମୃତ୍ୟୁ ଘଟିଥିବା ବେଳେ ୬ ବର୍ଷର ଝିଅ ଗୁରୁତର ଆହତ ହୋଇଛି । ଏନେଇ ବେଲପଡା ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ସ୍ୱାମୀକୁ ଥାନାରେ ଅଟକ ରଖିବା ସହ ତଦନ୍ତ ଜାରି ରଖିଛି । ଭରୁଆପାଲି ଗାଁର ଜୟକିଶାନ କରୁଆ (୩୫) ପ୍ରଚୁର ମଦ୍ୟପାନ କରି ସ୍ତ୍ରୀ ରଞ୍ଜିତା କରୁଆ (୨୫)ଙ୍କୁ ଗାଳିଗୁଲଜ କରିଥିଲେ । ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଜୟକିଷାନ ଉତକ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ସ୍ତ୍ରୀ ଏବଂ ଝିଅ ଉମାକାନ୍ତି କରୁଆ (୬)ଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଘଟଣାସ୍ଥଳରେ ସ୍ତ୍ରୀ ରଞ୍ଜିତାଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ଉମାକାନ୍ତିଙ୍କୁ ପ୍ରଥମେ ବେଲପଡା ଏବଂ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ଏନେଇ ମୃତକଙ୍କ ଭାଇ ମନୁ ଠେଲା ବେଲପଡା ଥାନାରେ ଅଭିଯୋଗ କରିଛନ୍ତି । ପ୍ରକାଶଯୋଗ୍ୟ ଯେ ଜୟକିଶାନ ପ୍ରାୟ ୭ ବର୍ଷ ପୂର୍ବେ ବେଲପଡା ଥାନା ମଣ୍ଡଳ ଗ୍ରାମର ଅଭିମନ୍ୟୁ ଠେଲାଙ୍କ ଝିଅ ରଞ୍ଜିତାଙ୍କୁ ରୀତିନୀତି ଅନୁସାରେ ବିବାହ କରିଥିଲେ ।

## ଲୋଇସିଂହା ଦୁର୍ଗାପୂଜା ପାଇଁ ନୂତନ କର୍ମକର୍ତ୍ତା

ବଲାଙ୍ଗିର, ୯ ।୯ (ସମିସ): ଲୋଇସିଂହା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ବିଭୂତି ପଧାନ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ସର୍ବସମ୍ମତି କ୍ରମେ ପରିଚାଳନା କମିଟି ଅଧ୍ୟକ୍ଷ ଭାବେ ପ୍ରଣବ କିଶୋର ସିଂରାଏଙ୍କୁ ମନୋନୀତ କରାଯାଇଛି । ସେହିପରି ସଭାପତି ଭାବେ ଆନନ୍ଦ ପୁଟେଲ, କାର୍ଯ୍ୟକାରୀ ସଭାପତି ଭାବେ ଭୂତନାଥ ନାଏକ, ଉପ ସଭାପତି ଭାବେ ଅଜିତ କର ଓ ଭୈରବ ମହାକୁରଙ୍କୁ ମନୋନୀତ କରାଯାଇଛି । ସମ୍ପାଦକ ଭାବେ ନବକିଶୋର ନାଏକ, ସହ ସମ୍ପାଦକ ଭାବେ ଅଭିଳାଷ ହୋତା ଓ ଭୋଲାନାଥ ନାଏକଙ୍କୁ ମନୋନୀତ କରାଯାଇଛି । ସେହିପରି କୋଷାଧ୍ୟକ୍ଷ ଭାବେ ସୁଧାଂଶୁ ଶେଖର ପାଣ୍ଡିଆ, ସାଂସ୍କୃତିକ ସମ୍ପାଦକ ଭାବେ ରମେଶ ପସାଏତଙ୍କୁ ମନୋନୀତ କରାଯାଇଛି । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବିଭୁତି ପଧାନ, ଚତୁର ଦଲେଇ, ସୁଶାନ୍ତ ପାତ୍ର, ରାଜା ସାହୁ, ପ୍ରୀତମ ସାହୁ, ରବୀନ୍ଦ୍ର ପୁଟେଲ, ରଞ୍ଜିତ ରାଏ, ପ୍ରଶାନ୍ତ ସାହୁ, ଟିକେଲାଲ ସରାଫ ପ୍ରମୁଖଙ୍କୁ ମନୋନୀତ କରାଯାଇଛି ।

## ହିଆଲ ଅନ୍ୱେଷା ହଷ୍ଟେଲ ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ

କଣ୍ଟାବାଞ୍ଜି, ୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ହିଆଲ ଗାଁରେ ଥିବା ଅନ୍ୱେଷା ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ନାବାଳକ ଆଦିବାସୀ ଛାତ୍ରଙ୍କ ମୃତ୍ୟୁକୁ ନେଇ ଅଭିଯୋଗ ପରେ ପ୍ରଶାସନ ତଦନ୍ତ ଆରମ୍ଭ କରିଛି । ମୃତ ଛାତ୍ର ଜଣକ ହେଉଛନ୍ତି ଜଗନ୍ନାଥ ଧରୁଆ । ସେ ହିଆଲ ଅନ୍ୱେଷା ହଷ୍ଟେଲରେ ରହି କଣ୍ଟାବାଞ୍ଜିର ଜେ.ଏମ୍.ଜେ ସ୍କୁଲରେ ପାଠ ପଢୁଥିଲେ । ସ୍କୁଲରେ ସେ ଅଚେତ ହୋଇ ପଡିଥିଲେ । ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହଷ୍ଟେଲରେ ଅବ୍ୟବସ୍ଥା ଯୋଗୁଁ ଛାତ୍ରଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲା । ହଷ୍ଟେଲରେ ଠିକ୍ ଭାବେ ଖାଇବା ମିଳୁ ନ ଥିବା ଓ ସ୍ୱାସ୍ଥ୍ୟ ଯତ୍ନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି । ଘଟଣା ପରେ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଏକ ଟିମ୍ ଗଠନ କରି ତଦନ୍ତ କରୁଛି । ଟିଟିଲାଗଡ଼ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ନେତୃତ୍ୱରେ ଏହି ଟିମ୍ ହିଆଲ ଗାଁରେ ଥିବା ଅନ୍ୱେଷା ହଷ୍ଟେଲରେ ପହଞ୍ଚି ଯାଞ୍ଚ କରିଛି । ସ୍ୱାସ୍ଥ୍ୟ ବିଭାଗ ଓ ଏସ.ସି/ଏସ.ଟି ବିଭାଗର ଅଧିକାରୀମାନେ ଟିମରେ ସାମିଲ ରହିଛନ୍ତି । ଟିମ୍ ହଷ୍ଟେଲର ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିବା ସହ ଖାଇବା, ରହିବା ଓ ସଫେଇ ବ୍ୟବସ୍ଥା ଯାଞ୍ଚ କରିଛି । ତଦନ୍ତ ରିପୋର୍ଟ ଆସିଲେ ଦୋଷୀଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ନୂଆଁଖାଇ ପାଇଁ ୩ ଦିନ ଛୁଟି ଦାବିକଲେ ନରସିଂହ

ବଲାଙ୍ଗିର, ୯ ।୯ (ସମିସ): ନୂଆଁଖାଇ ପଶ୍ଚିମ ଓଡିଶାର ସର୍ବବୃହତ ଗଣପର୍ବ । ଏହି କୃଷିଭିତ୍ତିକ ପର୍ବ ଏହି ଅଞ୍ଚଳର ପ୍ରତ୍ୟେକ ପରିବାର ପାଳନ କରିଥାନ୍ତି । ଘରଠାରୁ ଯିଏ ଯେତେ ଦୂରରେ ଥିଲେ ମଧ୍ୟ ପ୍ରତ୍ୟେକ ପରିବାରର ଲୋକେ ନିଜ ଭିଟାମାଟିକୁ ଏ ପର୍ବ ପାଳନ ପାଇଁ ଫେରି ଆସିଥାନ୍ତି । ଜିଲ୍ଲା ବାହାରେ ଥାଆନ୍ତୁ କି ରାଜ୍ୟ ବାହାରେ କି ଦେଶ ବାହାରେ ଥିଲେ ମଧ୍ୟ ନୂଆଁଖାଇ ପର୍ବ ସମସ୍ତଙ୍କୁ ଘରମୁହାଁ କରିଥାଏ । ତେଣୁ ଏହି କୃଷିଭିତ୍ତିକ ଗଣପର୍ବ ପାଇଁ ନୂଆଁଖାଇ ଦିନ ପୂର୍ବରୁ ଏବଂ ପର ଦିନ ମଧ୍ୟ ଛୁଟି ଦରକାର ହୋଇଥାଏ । ବହୁ ଆଗରୁ ବିଜୁ ପଟ୍ଟନାୟକଙ୍କ ସରକାର ସାରା ଓଡିଶାରେ ଗୋଟିଏ ଦିନ ନୂଆଁଖାଇ ପର୍ବ ପାଇଁ ଦିନ ଧାର୍ଯ୍ୟ କରିଥିଲେ । ପରବର୍ତ୍ତି ସରକାରମାନେ ସେ ସବୁକୁ ପାଳନ କରୁଥିଲେ ହେଁ ନୂଆଁଖାଇ ପରବର୍ତ୍ତି ଦିନ ସେହି ଅଞ୍ଚଳର ରାଜସ୍ୱ କମିଶନରମାନେ ଆଉ ଗୋଟିଏ ଦିନ ଛୁଟି ଘୋଷଣା କରିଥାନ୍ତି । ନୂଆଁଖାଇ ପର୍ବ ପାଇଁ ଲୋକେ ଦୂରଦୂରାନ୍ତରୁ ଘରକୁ ଫେରିଥାନ୍ତି । ପୁଣି କର୍ମସ୍ଥାନକୁ ଫେରିବାରେ ଲୋକଙ୍କୁ ସମୟ ଦରକାର ହୋଇଥାଏ । ସେଥି ପାଇଁ ରାଜ୍ୟ ସରକାର ପଶ୍ଚିମ ଓଡିଶା ବାସୀଙ୍କ ଭାବାବେଗ ସହିତ ଜଡିତ ଏହି କୃଷିଭିତ୍ତିକ ପର୍ବ ନୂଆଁଖାଇ ପାଇଁ ୩ ଦିନ ଛୁଟି ଘୋଷଣା କରନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି କରିଛନ୍ତି । ଶ୍ରୀ ମିଶ୍ର ଏହା ମଧ୍ୟ ଦାବି କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏହି ପର୍ବର ଗୁରୁତ୍ୱକୁ ବୁଝି ରାଜ୍ୟରେ ଛାତ୍ରଛାତ୍ରୀଙ୍କ ତଥା ନିଯୁକ୍ତି କ୍ଷେତ୍ରରେ ପୂର୍ବରୁ ସ୍ଥିର ହୋଇଯାଇଥିବା ପରୀକ୍ଷା ତାରିଖ ଗୁଡିକ ସମୟ ଥାଇ ପରିବର୍ତ୍ତନ କରାନ୍ତୁ । ଏହି ଛୁଟି ଭିତରେ କୌଣସି ପ୍ରକାର ପରୀକ୍ଷା (ରାଜ୍ୟ ହେଉ କି କେନ୍ଦ୍ରୀୟ) ଥିଲେ ବାତିଲ କରାଯାଉ । ଅନ୍ୟ ତାରିଖରେ ତାହା କରିବାକୁ ପଦକ୍ଷେପ ନିଆଯାଉ ।

## ଦେଓଗାଁ ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର

ଦେଓଗାଁ, ୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ଦେଓଗାଁ ପଞ୍ଚାୟତ ସମିତି ନୋଡାଲ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶୁଭସ୍ମିତା ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଦେଓଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ନମିତାରାଣୀ ଭୋଇ, ସେମିନାରର କନ୍‌ଭେନର ବିଭୂତି ଭୂଷଣ ବେହେରା, ଶିକ୍ଷକ ରାଜକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୬ ଜଣ ପ୍ରତିଯୋଗୀ ସେମିନାରରେ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ଅଗ୍ନି କୁମାର ନାଏକ ଓ ଗୋପାଳ ଚନ୍ଦ୍ର ମେହେର ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ଉପରଝର ହାଇସ୍କୁଲର ଅରୁଷି ପଧାନ ପ୍ରଥମ, ବନ୍ଧପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରୀତମ ଚୌକିଆ ଦ୍ୱିତୀୟ ଏବଂ ଧଣ୍ଡାମାଳ ହାଇସ୍କୁଲର ଟ୍ୱିଙ୍କଲ ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସଦାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ରାଜକିଶୋର ଦାସ, ପ୍ରମୋଦ ମହାପାତ୍ର, ସୁବ୍ରତ ବାବୁ, ବଳଦେବ ମାଝୀ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ପଞ୍ଚମାନ ସାହୁ, ମଣି ରଣାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ।

## ତୁରେକେଲା ବିଇଓଙ୍କ ଲଗାମରେ ଛାନିଆଁ ଶିକ୍ଷକ, ଶିକ୍ଷୟିତ୍ରୀ

କଣ୍ଟାବାଞ୍ଜି, ୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକର ସରକାରୀ ସ୍କୁଲ ଗୁଡିକରେ ଶିକ୍ଷାଦାନର ମାନ ବୃଦ୍ଧି ଓ ଶୃଙ୍ଖଳା ଫେରାଇ ଆଣିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଏକ କଡା ନିର୍ଦ୍ଦେଶନାମା ଜାରି କରିଛନ୍ତି । ତୁରେକେଲା ବ୍ଲକ ଶିକ୍ଷା ବିଭାଗ ପତ୍ର ସଂଖ୍ୟା ୧୯୬୭/୨୦୨୬ରେ ବ୍ଲକର ସମସ୍ତ ସିଆରସିସି, ପ୍ରାଥମିକ, ୟୁପି, ପିୟୁପିଏସ ଓ ୟୁଜିଏଚଏସର ସମସ୍ତ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଇଓଙ୍କ ଚିଠିରେ ୮ଟି ପଏଣ୍ଟରେ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ସ୍କୁଲ ସକାଳ ୯.୩୦ରେ ଖୋଲିବ ଓ ଅପରାହ୍ନ ୪.୩୦ରେ ବନ୍ଦ ହେବ । ସମୟାନୁବର୍ତିତା ବାଧ୍ୟତାମୂଳକ । ସ୍କୁଲ କ୍ୟାମ୍ପସ, ଶ୍ରେଣୀ ଗୃହ ଓ ରୋଷେଇ ଘର ସଫା ସୁତରା ରଖିବାକୁ ପଡିବ । ସ୍କୁଲରେ ପିଇବା ପାଣି ବ୍ୟବସ୍ଥା ରହିବ । ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଡେଲି ଡାଏରୀ ଅପଡେଟ ରହିବ । ସିଆରସିସି, ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଅଫିସ କାମ ପାଇଁ ଦିନ ୧.୩୦ ପରେ ହିଁ ବିଇଓ ଅଫିସ ଆସିପାରିବେ । ସିଆରସିସିମାନେ ନିଜ କ୍ଲଷ୍ଟର ସ୍କୁଲ ଗୁଡିକୁ ନିୟମିତ ମନିଟରିଂ କରିବେ । ସବୁଠୁ ବଡ ପଏଣ୍ଟ - ଅନେକ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟାହ୍ନ ଭୋଜନ ସମୟରେ ସ୍କୁଲ ଛାଡି ଘରକୁ ଖାଇବାକୁ ଯାଇ ବିଳମ୍ବରେ ଫେରୁଛନ୍ତି ବୋଲି ଅଭିଯୋଗ ଆସିଛି । ତେଣୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସ୍କୁଲକୁ ଆସିବା ବେଳେ ମଧ୍ୟାହ୍ନ ଭୋଜନ ପାଇଁ ଘରୁ ବ୍ୟବସ୍ଥା କରି ଆଣିବେ । ଘର ପାଖ ହେଲେ ବି ଘରକୁ ଯାଇ ପାରିବେନାହିଁ । ଏମଡିଏମ ପରିବେଷଣ ଓ ଖାଇବା ନିୟମିତ ଯାଞ୍ଚ ହେବ । ସିଆରସିସି ସପ୍ତାହକୁ ଦୁଇଥର ସ୍କୁଲରେ ଏମଡିଏମ ଚାଖି ତାଙ୍କ ଟୁର ଡାଏରୀରେ ଲେଖିବେ ଓ ପ୍ରତି ମାସ ୨୦ ତାରିଖ ସୁଦ୍ଧା ବିଲ୍ ସହ ଜମା କରିବେ । ବିଇଓ ସ୍ପଷ୍ଟ କରିଛନ୍ତି ଯେ ଏହି ନିୟମକୁ କଡାକଡି ପାଳନ କରିବାକୁ ପଡିବ । ନ ହେଲେ ଏହାକୁ ଗମ୍ଭୀରତାର ସହ ନିଆଯିବ । ଏହି ଚିଠି ପରେ ଶିକ୍ଷକ, ଶିକ୍ଷୟିତ୍ରୀ ମହଲରେ ଛାନିଆ ସୃଷ୍ଟି ହୋଇଛି । ଅଭିଭାବକମାନେ କିନ୍ତୁ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ।

## ନୂଆଁଖାଇ ଭେଟ୍ ପାଇଁ ପ୍ରସ୍ତୁତି

ଦେଓଗାଁ, ୯।୯ (ସମିସ): ସ୍ଥାନୀୟ ମାଷ୍ଟରପଡ଼ାରେ ଦେଓଗାଁ ବ୍ଲକ ଲୋକ କଳା ସଂସ୍କୃତି ସଂଘର ନୂଆଁଖାଇ ଭେଟ୍ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କଳାକାର ଶରତ ପୁଟେଲଙ୍କ ସଂଯୋଜନା ଓ ଜିଲ୍ଲା ଉପସଭାପତି ସୁଦାମ ଚରଣ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର କର୍ମକର୍ତ୍ତା ଯୋଗଦେଇ ସଂଘର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ । ୨୪ତାରିଖ ଦେଓଗାଁ ରଣାପଡା ଦୁର୍ଗା ମଣ୍ଡପରେ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଛି । ବୈଠକରେ ବରିଷ୍ଠ କଳାକାର ବିଭୁଚରଣ ରଣା, ଚିତ୍ର ସୁନା, ଗୌରଚନ୍ଦ୍ର ସାହୁ, ଶ୍ରୀବତ୍ସ ସାହୁ, ଯୌବନ ନନ୍ଦ, ଗଣ୍ଡାରାମ କପାଟ, ଭୀମ ସାଗର, କାର୍ତ୍ତିକ ନନ୍ଦ, ଅର୍ଜୁନ ନନ୍ଦ, ରମାକାନ୍ତ ମିଶ୍ର, ଗୁଣନିଧି ପୁଟେଲ, ସତ୍ୟନାରାୟଣ ନନ୍ଦ, ହେମନ୍ତ ମେହେର, ନିଳାଞ୍ଚଳ ମେହେର ଏବଂ ଶୈଳବାଳା ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଧନେଶ୍ୱର ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଙ୍ଗାଧର ସାହିତ୍ୟ ଆଲୋଚନାଚକ୍ର

ବଲାଙ୍ଗିର, ୯ ।୯ (ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖା ଓ ମଲମୁଣ୍ଡା ଓରିଏଣ୍ଟାଲ ପବ୍ଲିକ ଜୁନିୟର କଲେଜର ମିଳିତ ସହଯୋଗ କ୍ରମେ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଡ. ଭବାନୀ ଶଙ୍କର ପଟେଲ ସଭାପତିତ୍ୱ କରିଥିଲେ । କଲେଜର ଅଧ୍ୟକ୍ଷ ସବିତା ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ରଥ, ମୁଖ୍ୟବକ୍ତା ଭାବେ ଏଲୋରା ମିଶ୍ର ଯୋଗ ଦେଇଥିଲେ । ଗିରିଜା ରଥ ପରିଷଦର ବିବରଣୀ କହିଥିଲେ । ରଶ୍ମି ପାତ୍ର ଯୋଗଦେଇ ତପସ୍ୱିନୀରେ ପ୍ରକୃତି ବର୍ଣ୍ଣା ଉପରେ ବକ୍ତବ୍ୟ ରଖିଥିଲେ । ସୌମ୍ୟରଂଜନ ମଲ୍ଲିକ ମଞ୍ଚ ପରି.ଳନା କରିଥିଲେ । ରାମ ଶଙ୍କର ଶତପଥୀ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ । ଛାତ୍ରୀ ଶ୍ରାବଣୀ ବଘାର, ନିକି ମେହେର, ପାୟଲ ପ୍ରଧାନ ଓ ଯଶୋବନ୍ତି ପଲତା ସଂଗୀତ ଗାନ କରିଥିଲେ । ବଳିଷ୍ଠ ପଧାନ, ଡ. ଭବାନୀ ଶଙ୍କର ପଟେଲ, ସୌମ୍ୟରଂଜନ ମଲ୍ଲିକ, ନଳିନୀପ୍ରଭା ଶତପଥୀ ତଥା ରଶ୍ମି ପାତ୍ର କବିତା ପଠନ କରିଥିଲେ । ବଳିଷ୍ଠ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରାହ୍ମଣ ମହାସଭା ତରଫରୁ ଚାରାରୋପଣ




ବଲାଙ୍ଗିର, ୯ ।୯ (ସମିସ): ଯୋଗର୍ସ ପାର୍କ ନିକଟସ୍ଥ ପ୍ରସ୍ତାବିତ ପର୍ଶୁରାମ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌରାଧ୍ୟକ୍ଷା ଲିକା ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ବ୍ରାହ୍ମଣ ମହାସଭାର ସଭାପତି ପ୍ରାଣବଲ୍ଲଭ ତ୍ରିପା. ସମ୍ପାଦକ ନରେନ୍ଦ୍ର ଆ.ର୍ଯ୍ୟ, ଜୟରାମ ମିଶ୍ର, ଶିବଶଙ୍କର ଖୁଆସ, ଲୋକନାଥ ନେପାକ, ପର୍ଶୁରାମ ନାୟକ, ଶ୍ରୀକର ମିଶ୍ର, ନିଳାଚଳ ହୋତା, କିଶୋର ମୋହନ ମିଶ୍ର, କିଶୋର ପୁରୋହିତ, ସୁଶ୍ରୀ ରାଜଶ୍ରୀ ତ୍ରିପାଠୀ, ହଜାରୀ ମିଶ୍ର, ପ୍ରଭାକର ମିଶ୍ର, ନିହାରିକା ମିଶ୍ର, ସାଗରିକା ଗୁରୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ଦିବାକର ହୋତା, ଜଗଦୀଶ ନାଥ, ସନ୍ତୋଷ ତ୍ରିପାଠୀ, ସୁବାଷ ଶତପଥୀ, କୃପାସିନ୍ଧୁ ମିଶ୍ର, ସିଦ୍ଧେଶ୍ୱର ମିଶ୍ର, ଅରୁଣ ମିଶ୍ର, ପଣ୍ଡିତ ସନ୍ତୋଷ ମିଶ୍ର, ଗୋକୁଳା ମିଶ୍ର, ଅଶୋକ ତ୍ରିପାଠି, ବ୍ରଜ କିଶୋର ପଣ୍ଡା, ବିରଂଚି ନାରାୟଣ ତ୍ରିପାଠୀ, ପ୍ରଦୀପ ବେହେରା, ବିମଳ ବାବୁ, ସୁବ୍ରତ ରଞ୍ଜନ ମିଶ୍ର, ସୁରେଶ ମିଶ୍ର, ଲୋଟସ ଷଡଙ୍ଗୀ, ବିଜୟଲକ୍ଷ୍ମୀ ମିଶ୍ର, ଗୋପାଳ ଚନ୍ଦ୍ର ଦାସ, ରାଜ କିଶୋର ଦାଶ, ମୋହନନ ଗୋପାଳ ପଣ୍ଡା, ଭଗବାନ ବଗର୍ତ୍ତି, ଅଶୋକ ରଣା, ପ୍ରଦୀପ ନେପାକ, ସାଗର ସଂଗମ ଶତପଥୀ, ସନ୍ତୋଷ ନନ୍ଦ, ରାମ ଶଙ୍କର ଶତପଥୀ, ହିମାଂଶୁ ଦାଶ ପ୍ରମୁଖ ସାମିଲ ହୋଇଥିଲେ ।

## ସାକ୍ଷରତା ଜ୍ଞାନ, ସୁଯୋଗ, ସମାନତା ଓ ଉନ୍ନତିର ଦ୍ୱାର ଖୋଲିଥାଏ






ବଲାଙ୍ଗିର, ୯ ।୯ (ସମିସ)

ଶିକ୍ଷା ଓ ସାକ୍ଷରତାର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କନଫରେନ୍ସ ହଲ୍‌ଠାରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯକ୍ରମରେ ସାକ୍ଷରତାକୁ ସମାଜର ସାମଗ୍ରିକ ବିକାଶର ମୁଖ୍ୟ ଆଧାର ଭାବେ ଗୁରୁତ୍ୱାରୋପ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ନୋଡାଲ ଅଧିକାରୀ ରୀନା କୁମାରୀ ବେହେରା ଯୋଗଦେଇ ସାକ୍ଷରତା ଦିବସର ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସାକ୍ଷରତା କେବଳ ପଢ଼ିବା ଓ ଲେଖିବାରେ ସୀମିତ ନୁହେଁ; ଏହା ଜ୍ଞାନ, ସୁଯୋଗ, ସମାନତା ଓ ଉନ୍ନତିର ଦ୍ୱାର ଖୋଲିଥାଏ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ଓ ସେବାଶ୍ରୀ ଭୋଇ ମଧ୍ୟ ନିଜ ବକ୍ତବ୍ୟ ରଖି ସମାଜର ପ୍ରତ୍ୟେକ ବର୍ଗଙ୍କ ମଧ୍ୟରେ ଶିକ୍ଷା ଓ ସାକ୍ଷରତାର ପ୍ରସାର ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଓ ପିଏମ ଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ସଚେତନତା ରାଲିରେ ସାମିଲ ହୋଇଥିଲେ । ସାକ୍ଷରତାର ଆବଶ୍ୟକତା, ଶିକ୍ଷାର ମହତ୍ତ୍ୱ ଓ ସମାଜରେ ଜ୍ଞାନର ପ୍ରସାର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ଛାତ୍ରଛାତ୍ରୀ ସାକ୍ଷରତା ଓ ଶିକ୍ଷାର ପ୍ରସାର ପାଇଁ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଓ ଶିକ୍ଷକ କୃଷ୍ଣଚନ୍ଦ୍ର ଶତପଥୀ ମଞ୍ଚାସୀନ ଥିଲେ । ଜିଲ୍ଲାର ୧୪ଟି ବ୍ଲକରୁ ଉଲ୍ଲାସ କାର୍ଯ୍ୟକ୍ରମରେ ଯୋଡି ହୋଇ ଅକ୍ଷର ଜ୍ଞାନ ହାସଲ କରିଥିବା ନବସାକ୍ଷରମାନେ ଏଥିରେ ଯୋଗଦେଇଥିଲେ । ସେମାନେ ଅକ୍ଷର ଜ୍ଞାନ ଶିଖିବା ପୂର୍ବର ଜୀବନ ଓ ଶିକ୍ଷା ହାସଲ କରିବା ପରେ ଆସିଥିବା ପରିବର୍ତ୍ତନ ସମ୍ପର୍କରେ ନିଜ ଅଭିଜ୍ଞତା ବଖାଣିଥିଲେ । ଅକ୍ଷର ଚିହ୍ନିବା, ନିଜ ନାମ ଲେଖିବା ଓ ଦୈନନ୍ଦିନ ଜୀବନରେ ପଢ଼ାଲେଖାର ଉପଯୋଗ କରିପାରୁଥିବାର ଅନୁଭବ ସେମାନଙ୍କ ମୁହଁରେ ଆତ୍ମସନ୍ତୋଷ ଓ ଆତ୍ମବିଶ୍ୱାସ ଆଣିଥିବା ପ୍ରକାଶ ପାଇଥିଲା । ସେମାନଙ୍କ ଅଭିଜ୍ଞତା ଉପସ୍ଥିତ ଅନ୍ୟମାନଙ୍କୁ ମଧ୍ୟ ଅନୁପ୍ରାଣିତ କରିଥିଲା । ଶିକ୍ଷକ ହେମନ୍ତ ପଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଶିକ୍ଷକ ଜଗଦୀଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସିଆରସିସି ଓ ନବସାକ୍ଷରମାନେ ଯୋଗ ଦେଇଥିଲେ ।

ଦେଓଗାଁ: ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଜରାସିଂହା ନେତ୍ରଭାନୁ ହାଇସ୍କୁଲରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରତାପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଡିଓ ପୁଷ୍ପାଞ୍ଜଳି ନାଏକ ଯୋଗଦେଇ ସାକ୍ଷରତା ଅଭିଯାନର ମହତ୍ତ୍ୱ ଓ ଆବଶ୍ୟକତା ବିଷୟରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥି ଭାବେ ଏବିଇଓ କବିରାଜ ମାଝୀ ଯୋଗଦେଇ ସମାଜରେ ରହିଯାଇଥିବା ନୀରକ୍ଷରମାନଙ୍କୁ କେମିତି ସାକ୍ଷର କରାଯାଇପାରିବ ସେଉପରେ ଆଲୋକପାତ କରିଥିଲେ । ପରିଚାଳନା କମିଟି ସଭାପତି ସନ୍ତୋଷ ଚୌଧୁରୀ, ଜରାସିଂହା କ୍ଲଷ୍ଟରର ସିଆରସିସି ଶୋଭନ ସାହୁ, ସରୋଜ ଦଣ୍ଡସେନା, ବିରଞ୍ଚି ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ଦେବାଶିଷ ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୀରୁ ଓଖାକୁ ଟ୍ରେନ୍ ଚଳାଇବାକୁ ଦାବି

**ବରଗଡ଼, ୯।୯ (ସମିସ):** ଭାରତରେ ଥିବା ଚାରୋଟି ଧାମ ମଧ୍ୟରୁ ପୂର୍ବରେ ପୁରୀ ଓ ପଶ୍ଚିମରେ ଦ୍ୱାରକା ଧାମ ଅଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି ଧାମମାନଙ୍କୁ ଯାଇଥାନ୍ତି। ତେଣୁ, ଏହି ଦୁଇଧାମକୁ ରେଳ ଦ୍ୱାରା ଯୋଡିବାକୁ ପୁରୀ ଓ ଓଖା (ଦ୍ୱାରକା) ମଧ୍ୟରେ ଓଡ଼ିଶାର ମଧ୍ୟଭାଗ ଦେଇ ଟ୍ରେନ ଚଳାଇବାକୁ ସମ୍ବଲପୁର ଓ ବରଗଡ଼ ସଚେତନ ନାଗରିକମାନେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।

ବର୍ତ୍ତମାନ, ପୁରୀରୁ ଓଖାକୁ ମାତ୍ର ଗୋଟିଏ ଟ୍ରେନ ଚାଲୁଛି। ଏହା ଆନ୍ଧ୍ର ବିଜୟୱାଡା ଦେଇ ଯାଉଥିବାବେଳେ ଓଡ଼ିଶାର ମାତ୍ର ତିନୋଟି (ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ) ଜିଲ୍ଲାବାସୀ ଉପକୃତ ହେଉଛନ୍ତି। ତେଣୁ, ପୁରୀରୁ ଓଖାକୁ ଆଉ ଏକ ନୂତନ ଟ୍ରେନ ସମ୍ବଲପୁର ଓ ଟିଟିଲାଗଡ଼ ଦେଇ ଚଳାଇବାକୁ ଦାବି କରାଯାଇଛି। ଗୁଜରାଟର ରାଜକୋଟ, ମୋରବି, ଜାମନଗର ଆଦି ଶିଳ୍ପସମୃଦ୍ଧ ସହରରେ ପଶ୍ଚିମଓଡ଼ିଶାରୁ ଅନେକ ଲୋକ ଯାଇ ସେଠାରେ କାମ କରୁଛନ୍ତି। ଏହି ଟ୍ରେନ ଚାଲିଲେ ସେମାନେ ଆଉ ଟ୍ରେନ ନ ବଦଳାଇ ସିଧା ଗୋଟିଏ ଟ୍ରେନରେ ଯାତାୟାତ କରିପାରିବେ ବୋଲି ଶ୍ରୀ ପ୍ରଧାନଙ୍କୁ ନିବେଦନ କରିଛନ୍ତି।



## ଗୁପ୍ତ ଭୂତଳ ଚାମ୍ବରରେ ଲୁଚାଇ ରଖିଥିଲେ

# ବିପୁଳ ପରିମାଣର କଫ ସିରପ୍ ସହ ଦାମୀ ଗାଡ଼ି ଜବତ, ମହିଳା ଗିରଫ

**ବରଗଡ଼, ୯।୯ (ସମିସ)**

ଭଟଲି ଥାନା ଅଞ୍ଚଳର ବଡ଼ମାଳ ଗାଁରେ ଚଢ଼ଉ କରି ବିପୁଳ ପରିମାଣର ବେଆଇନ କଫ୍ ସିରପ ସହ ଦାମୀ ଗାଡ଼ି ଜବତ କରିଛି ଭଟ୍‌ଲି ପୁଲିସ। ଏହି ଘଟଣାରେ ପାର୍ବତୀ ସାହୁ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବରଗଡ଼ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ ଓ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ଉ ହୋଇଥିଲା।





ଭଟଲି ଥାନା ଅଧିକାରୀ ବିଭୂତି ଭୂଷଣ ଦଳାଇଙ୍କ ସୂଚନା ଅନୁଯାୟୀ, ବଡ଼ମାଳ ଗାଁର ସୂର୍ଯ୍ୟକାନ୍ତ ସାହୁଙ୍କ ଘର ପଛପଟେ ଥିବା ଏକ ଗୁପ୍ତ ଭୂତଳ ଚାମ୍ବରରେ ବେଆଇନ କଫ୍ ସିରପ୍ ମହଜୁଦ ଥିବା ପୁଲିସକୁ ସୂଚନା ମିଳିଥିଲା। ତଲାସୀ ସମୟରେ ଗୁପ୍ତ ଚାମ୍ବରରୁ ୮୧୩ ବୋତଲ କଫ୍ ସିରପ୍ ଜବତ ହୋଇଥିଲା। ଏଥିରେ କୋଡିନ୍ ଫସ୍‌ଫେଟ୍ ଥିବାରୁ ଏହା ଏନ୍‌ଡିପିଏସ୍ ଆଇନର ପରିସରଭୁକ୍ତ ବୋଲି ପୁଲିସ କହିଛି। ଚଢ଼ଉ ସମୟରେ ସୂର୍ଯ୍ୟକାନ୍ତ ସାହୁ ଘରେ ନଥିବା ବେଳେ ତାଙ୍କ ପତ୍ନୀ ପାର୍ବତୀ ସାହୁଙ୍କୁ ପୁଲିସ ଗିରଫ କରିଥିଲା। ଏଥିସହ ନଗଦ ୩ ଲକ୍ଷ ୩୩ ହଜାର ୬ ଶହ ଟଙ୍କା, ଦୁଇଟି ଚାରିଚକିଆ ଦାମୀ ଗାଡ଼ି ଏବଂ ଏକାଧିକ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି। ଜବତ ସାମଗ୍ରୀକୁ ପୁଲିସ ନିଜ ହେପାଜତକୁ ନେଇ ଘଟଣାର ତଦନ୍ତ ଜାରି ରଖିଛି। ଏହି ସମ୍ପର୍କରେ ଭଟଲି ଥାନାରେ ମାମଲା ରୁଜୁ କରାଯାଇ ଗିରଫ ପାର୍ବତୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନୃସିଂହନାଥକୁ ଝିଟିକି ଗ୍ରାମରୁ ଆସିଲା ସାଲିଆନା ଭାର



**ପାଇକମାଳ, ୯।୯ (ସମିସ):** ନୂଆଖାଇ ଅବସରରେ ପାଇକମାଳ ବ୍ଲକ ଝିଟିକି ଗ୍ରାମରୁ ପ୍ରତିବର୍ଷର ପରମ୍ପରା ଅନୁଯାୟୀ ନୃସିଂହନାଥ ମହାପ୍ରଭୁଙ୍କ ପାଇଁ ସାଲିଆନା ଭାର ଅଣାଯାଇଛି। ଝିଟିକି ଗ୍ରାମର ପ୍ରାୟ ୩୦୦ ପରିବାରର ଚାଷୀ ଓ ଗ୍ରାମବାସୀ ଘର ଘର ବୁଲି ନୂଆଖାଇ ପାଇଁ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରିଥିଲେ। ସୋମବାର ପ୍ରାୟ ୪୨ ଜଣ ଗ୍ରାମବାସୀ ଏହି ସାଲିଆନା ଭାର ନେଇ ନୃସିଂହନାଥ ମନ୍ଦିରରେ ପହଞ୍ଚିଥିଲେ। ଗ୍ରାମର ମୁଖିଆମାନଙ୍କ ସହ ଗ୍ରାମବାସୀମାନେ ନୃସିଂହନାଥ ମନ୍ଦିରର ଭଣ୍ଡାର ମହୁରୀ ସତ୍ୟ ପୁରୋହିତଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ମନ୍ଦିର କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରିଥିଲେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ପରେ ଗ୍ରାମବାସୀମାନେ ନୃସିଂହ ମହାପ୍ରଭୁଙ୍କ ଦର୍ଶନ କରି ଅନ୍ନପ୍ରସାଦ ସେବନ କରି ଗାଁକୁ ଫେରିଥିଲେ।

# ବରଗଡ଼ର କବି ପ୍ରଦୀପ କୁମାର ପଣ୍ଡାଙ୍କୁ ସାହିତ୍ୟ ସାରଥୀ ସମ୍ମାନ

**ବରଗଡ଼, ୯।୯ (ସମିସ):** ବାଲେଶ୍ୱରରୁ ଦୈନିକ ପ୍ରକାଶିତ ସମ୍ବାଦପତ୍ର 'ଅପରାହ୍ନ'ର ରାଜ୍ୟସ୍ତରୀୟ ସାରସ୍ୱତ ବନ୍ଧୁମିଳନ ଅପରାହ୍ନ ରାୟଗଡ଼ ସାହିତ୍ୟ ଘର ତରଫରୁ ଗୁଣୁପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି।



ଅପରାହ୍ନ ସମ୍ପାଦକ ତଥା ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ରାଜ୍ୟ ସଭାପତି ବଂଶୀଧର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ସୁପ୍ରିମ କୋର୍ଟର ବରିଷ୍ଠ ଆଇନଜୀବୀ ସଞ୍ଜୀବ ମହାନ୍ତି ଯୋଗଦେଇ ଥିଲେ। ଉକ୍ତ ଉତ୍ସବରେ ବରଗଡ଼ ଅପରାହ୍ନ ସାହିତ୍ୟ ସ୍ୱର ସହ ସଂଯୋଜକ ପ୍ରଦୀପ କୁମାର ପଣ୍ଡାଙ୍କୁ ସାହିତ୍ୟ ସେବା ଓ ସମର୍ପିତ ମନୋଭାବ ଯୋଗୁଁ 'ସାହିତ୍ୟ ସାରଥୀ ସମ୍ମାନ'ରେ ମାନପତ୍ର, ଉପଢୌକନ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ଆସରରେ ଶ୍ରୀଯୁକ୍ତ ପଣ୍ଡାଙ୍କ ସ୍ୱରଚିତ କବିତା 'ହେ କର୍କଟ, ତୁମେ ସମୂଳେ ବିନାଶ ହେବ' ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

# ଚକ୍ଷୁଦାନ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୯।୯ (ସମିସ):** ବରଗଡ଼ ସ୍ଥାନୀୟ ସରକାରୀ ଡାକ୍ତରଖାନା ଠାରେ ଚକ୍ଷୁ ଦାନ ବା ଦୃଷ୍ଟି ଦାନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ବିଶ୍ୱଜିତ ଯୋଶୀ, ଡାକ୍ତର କୃଷ୍ଣ ବଲ୍ଲଭ ମହାନ୍ତି, ଝସକେତନ ଧରାଇ, ସୁନୀଲ ସା, ବିଶିଷ୍ଟ ସମାଜସେବୀ ତଥା ଶ୍ମଶାନ ସାଥୀ ସଂଘମିତ୍ରା ପଟେଲ, ସମାଜସେବୀ ଅଞ୍ଜୁ ମିତ୍ତଲ, ସମଲେଶ୍?ରୀ ନର୍ସିଂ ର ଛାତ୍ରୀ ଓ ଆଶାକର୍ମୀ ମାନେ ଯୋଗ ଦେଇଥିଲେ।

# ଗୌର ଗୋବିନ୍ଦଙ୍କ ବିୟୋଗ

**ବରଗଡ଼, ୯।୯ (ସମିସ):** ବରଗଡ଼ ନିକଟସ୍ଥ ବରହାଗୁଡା ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଜୟଲାଲ ଦାଶ ଏବଂ ମିନତୀ ଦାଶଙ୍କ ଏକମାତ୍ର ପୁତ୍ର ଗୌର ଗୋବିନ୍ଦ ଦାଶ (୩୮)ଙ୍କର ରବିବାର ରାତିରେ ଏକ ଘରୋଇ ହସ୍‌ପିଟାଲ୍‌ରେ ପରଲୋକ ଘଟିଛି। ୪ ଦିନ ଧରି ସେ ଅସୁସ୍ଥ ଥିଲେ। ଜ୍ୱର ଓ ନିମୋନିଆ ହେତୁ ତାଙ୍କୁ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ବିଭିନ୍ନ ଅଙ୍ଗ ଅଚଳ ହେତୁ ମୃତ୍ୟୁ ଘଟିଥିଲା। ସୋମବାର ବରହାଗୁଡା ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ କାକା ପୁଅ ଭାଇ ସୁବ୍ରତ ଦାଶ ମୁଖାଗ୍ନି ଦେଇଥିଲେ।



# ଦୁର୍ଘଟଣାରେ ଆହତଙ୍କୁ ମେଡିକାଲ ନେଲେ 'ସଂକଳ୍ପ' ପରିବାର ମୁଖ୍ୟ

**ବରଗଡ଼, ୯।୯ (ସମିସ):** ବରଗଡ଼ ଭଟ୍‌ଲି ମୁଖ୍ୟ ରାସ୍ତାର ଡାଙ୍ଗ ପେଟ୍ରୋଲ ପମ୍ପ ସମ୍ମୁଖରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ପିପିଲିପାଲି ଗ୍ରାମର ସୁଶାନ୍ତ ପଞ୍ଚବିହାରଙ୍କ ପୁଅ ଶୁଭ୍ରଜିତ। ଟ୍ୟୁସନ ସାରି ଘରକୁ ଫେରୁଥିବାବେଳେ ହଠାତ୍ ଏକ କୁକୁର ରାସ୍ତାକୁ ଦୌଡ଼ି ଆସିବାରୁ ଦୁର୍ଘଟଣା ଘଟିଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହେଉଥିବାବେଳେ ସେହି ରାସ୍ତା ଦେଇ ଯାଉଥିବା ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ ତାଙ୍କୁ ନିଜ କାର୍‌ରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇବା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ରେଫର କରିଥିଲେ। ପରେ ଶୁଭ୍ରଜିତଙ୍କ ମୋବାଇଲ ଫୋନରେ ତାଙ୍କ ପରିବାରକୁ ଜଣାଇଥିଲେ।

# ବିକାଶ ଲ' ସ୍କୁଲରେ 'ଯୋଗ ଏବଂ ଜୀବନ' କାର୍ଯ୍ୟକ୍ରମ




**ବରଗଡ଼, ୯।୯ (ସମିସ):** ବିକାଶ ଲ' ସ୍କୁଲରେ ଯୋଗ ଏଣ୍ଡ ଲାଇଫ୍ ହୋଲିଷ୍ଟିକ ୱେଲ୍-ବିଙ୍ଗ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ. ବିକ୍ରମ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଦାସ ଯୋଗ ଏବଂ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଯୋଗ ଅଧ୍ୟାପକ ଯୋଗାଚାର୍ଯ୍ୟ ଡ. ବିଶ୍ୱରଞ୍ଜନ ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଗାୟତ୍ରୀ ପରିବାରର ସଂଯୋଜକ ଅଧ୍ୟକ୍ଷ ଭୁବନେଶ୍ୱର ସାହୁ ଯୋଗର ଉପାଦେୟତା ଉପରେ କହିଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେସନ ଇଂଷ୍ଟିଚ୍ୟୁସନ୍ସର ଷ୍ଟୁଡେଟ୍ ଡିନ୍ ଆର୍. ଏସ୍.ଭି କ୍ରିଷ୍ଣା ଛାତ୍ର ଜୀବନର ଚରିତ୍ର ଗଠନରେ ଯୋଗର ଉପାଦେୟତା ଯଥେଷ୍ଟ ଅଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ଅଧ୍ୟାପକ ଡ. ଶିବାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ୍ ଡି. ନାଗେଶ୍ୱର ରାଓ ଓ ମୁଖ୍ୟ ପ୍ରଶାସକ ପ୍ର. ଅଜୟ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ।

# ଲେଣ୍ଡା ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ



**ବରପାଲି, ୯।୯ (ସମିସ):** ବରପାଲି ବ୍ଲକ ଲେଣ୍ଡା ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆରେ, ଲେଣ୍ଡା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଷଷ୍ଠ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ସିକିର୍ଡି ଓ ଅମାପଡ଼ା ଦଳ ମଧ୍ୟରେ ଖେଳ ହୋଇଥିଲା। ଟ୍ରାଇବେକର ଜରିଆରେ ସିକିର୍ଡି ୪-୧ ଗୋଲରେ ବିଜୟ ଲାଭ କରିଥିଲା। ଉଦଘାଟନ ମ୍ୟାଚରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁଜାତା ବେହେରା, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଓ ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ତଥା ପୂର୍ବତନ ଫୁଟବଲ ଖେଳାଳି ହୀରାଧର ବିଶ୍ୱାଳ ଏବଂ ଲେଣ୍ଡା ଗ୍ରାମର ପୂର୍ବତନ ଫୁଟବଲ୍ ଖେଳାଳୀଗଣ ଯୋଗ ଦେଇଥିଲେ।

# ସ୍ୱର୍ଗତ ଅଶୋକ କୁମାର ସାହୁଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**ପଦ୍ମପୁର, ୯।୯ (ସମିସ):** ସ୍ୱର୍ଗତ ଅଶୋକ କୁମାର ସାହୁଙ୍କ ଦ୍ୱାଦଶାହ ଉପଲକ୍ଷେ ପଦ୍ମପୁର ଶାନ୍ତି ନଗର ସ୍ଥିତ ପୁରୋହିତ କଲ୍ୟାଣ ମଣ୍ଡପରେ ସ୍ୱର୍ଗତ ଅରବିନ୍ଦ ସାହୁ ଫାଉଣ୍ଡେସନ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ତଥା ସମାଜସେବୀ ସୁମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଓ ପ୍ରଶାନ୍ତ କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ଅଭିନାଶ ମିଶ୍ର, ମନୋରଞ୍ଜନ ସିଂ ବରିହା, ଡ଼କ୍ଟର ଗଦାଧର ରଥ, ସୂର୍ଯ୍ୟ ପ୍ରସାଦ ହୋତା, ପ୍ରୀତି ରଞ୍ଜନ ପ୍ରଧାନ, ଶାନ୍ତନୁ ପାଣିଗ୍ରାହୀ, ଏନଏସି ଉପାଧ୍ୟକ୍ଷା ଭାରତୀ ନାୟକ, ଘନଶ୍ୟାମ ପୁଞ୍ଜି ପ୍ରମୁଖ ଯୋଗ ଦେଇ ତାଙ୍କ ସ୍ମୃତି ଚରଣ କରିଥିଲେ।

# ଡିଇଓଙ୍କ ପଦ୍ମପୁର ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

**ପଦ୍ମପୁର, ୯।୯ (ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ଆଜି ପଦ୍ମପୁର ଗସ୍ତରେ ଆସି ବ୍ଲକର ସତ୍ୟସେବା ସରକାରୀ ଉଚ୍ଚ ବିଦ୍ୟାଳୟ, କନସିଂହା, ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟ, ପଦ୍ମପୁର ଓ ବିଇଓ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। କନସିଂହା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ବେହେରାଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଶିକ୍ଷାର ଅଗ୍ରଗତି ସମୀକ୍ଷା କରିଥିଲେ। ଦଶମ ଶ୍ରେଣୀର ଛତ୍ରଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ପରେ ସେ ବାଳକ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଟିଏଲ୍‌ଏମ୍ ବ୍ଲକ ସାଧନ କେନ୍ଦ୍ର ଓ ଛାତ୍ରଛାତ୍ରୀଙ୍କ ସହ ଗୁଣାତ୍ମକ ଶିକ୍ଷାର ମୂଲ୍ୟାୟନ କରିଥିଲେ। ଶେଷରେ ସେ ବିଇଓ କାର୍ଯ୍ୟାଳୟରେ ଲୋକନାଥ ଭୋଇଙ୍କ ସହ ବ୍ଲକର ବିଭିନ୍ନ କାର୍ଯ୍ୟକଳାପ ଗୁଡ଼ିକର ସମୀକ୍ଷା କରିଥିଲେ। ଏଥିରେ ସମସ୍ତ କର୍ମଚାରୀ ଙ୍କ ସହ ପଦ୍ମପୁର ସିଆରସିସି ଉପସ୍ଥିତ ଥିଲେ।



# ୫୨ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଗ୍ରହଣ କଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

**ବରଗଡ଼, ୯।୯ (ସମିସ):** ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିହ୍ନଟ ୫୨ରୁ ଉର୍ଦ୍ଧ୍ୱ ଯକ୍ଷ୍ମାରୋଗୀଙ୍କୁ ଗୋଡ଼ଭଗା, ଅତାବିରା ଏବଂ ସମ୍ବଲପୁର ଲାୟନ୍ସ କ୍ଲବ ପୋଷ୍ୟ ରୂପେ ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାରଙ୍କ 'ନିକ୍ଷୟ ମିତ୍ର' ମାନ୍ୟତାରେ ସ୍ୱେଚ୍ଛାସେବୀମାନେ ଏହି ରୋଗାଗ୍ରସ୍ତଙ୍କୁ ୬ମାସର ଚିକିତ୍ସାଧିନ ସମୟରେ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ସହଯୋଗ କରିବେ। ଅତାବିରା ମେଡ଼ିକାଲ ପରିସରରେ ଡ଼ା ଚିତ୍ତରଜନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ରବିନାରାୟଣ ମିଶ୍ର, ଲାୟନ୍ସ କ୍ଲବର ଜିଲ୍ଲା ଗଭର୍ଣ୍ଣର ଚରଞ୍ଜିତ କୌର ହୁରା, ଫୁଡ ନ୍ୟୁଟ୍ରେସନର ଜିଲ୍ଲା ଅଧ୍ୟକ୍ଷ ଦୀନଦୟାଲ ଅଗ୍ରୱାଲ, ସମ୍ବଲପୁରର ନିହାଲ ଜୀ, ଗୋଡ଼ଭଗାର ରୋୟାଲର ସଭାପତି ପ୍ରଦୀପ କର୍ଣ୍ଣ, ଅତାବିରା ସଭାପତି ଜି ଗୋବିନ୍ଦ ରାଓ, ଜିଲ୍ଲା ସଦସ୍ୟ ମନୋଜ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଚିତ୍ତରଞ୍ଜନ ଜେନାଙ୍କ ପ୍ରଚେଷ୍ଟାରେରେ ଯକ୍ଷ୍ମା ଆକ୍ରାନ୍ତଙ୍କୁ ସହାୟତା ପାଇଁ ବହୁ ସ୍ୱେଚ୍ଛାସେବୀ ଆଗେଇ ଆସିଥିବାରେ ସାଧାରଣରେ ପ୍ରଶଂସା କରାଯାଉଛି।



# ଇନର ହ୍ୱିଲ୍ କ୍ଲବ୍ ପକ୍ଷରୁ ସାକ୍ଷରତା ଦିବସ

**ବରଗଡ଼, ୯।୯ (ସମିସ):** ଗଙ୍ଗାଧର ନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଆମ କ୍ଲବ୍ 'ଇନର ହ୍ୱିଲ୍ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ୍' ପକ୍ଷରୁ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ସଭାପତି ଗୀତାଞ୍ଜଳି ମେହେରଙ୍କ ନେତୃତ୍ୱରେ ଉପ-ସଭାପତି, ପୁଷ୍ପାଞ୍ଜଳି ସୁବୁଦ୍ଧି, ସମ୍ପାଦିକା କିରଣ ସୁରଜାଲ, ସମ୍ପାଦକ ଦୀପ୍ତି ଶତପଥୀ ସହଯୋଗ କରିଥିଲେ।

## ବରଗଡ଼ ଜିଲ୍ଲାସ୍ତରୀୟ ଫୁଟ୍‌ବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

# ବାଳକ ବିଭାଗରେ ଅତାବିରା, ବାଳିକାରେ ବରପାଲି ଚାମ୍ପିଅନ୍






**ସୋହେଲା, ୯।୯ (ସମିସ)**

ସୋହେଲା ବ୍ଲକ ଲେବିଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ ବରଗଡ଼ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଥିବା ୧୭ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ଜିଲ୍ଲାସ୍ତରୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏଙ୍କ ସଭାପତତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି, ରାଜବୋଡାସମ୍ବର ବିଇଓ ଲୋକନାଥ ଭୋଇ, ଝାରବନ୍ଧ ବିଇଓ ଶୁଭମ କୁମାର ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ବାଳକ ବିଭାଗରେ ଅତାବିରା ଏବଂ ଭେଡେନ ବ୍ଲକ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ଅତାବିରା ୧-୦ରେ ଭେଡେନକୁ ହରାଇ ଚାମ୍ପିଅନ୍ ହୋଇଥିଲା।

ବାଳିକା ବିଭାଗରେ ବରପାଲି ଓ ବରଗଡ଼ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବରପାଲି ବ୍ଲକ ବରଗଡ଼କୁ ୯-୦ ଗୋଲରେ ହରାଇ ଚାମ୍ପିଅନ୍ ହୋଇଥିଲେ। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଆଚାର୍ଯ୍ୟ ଉଭୟ ବିଜେତା ଏବଂ ଉପ ବିଜେତା ଦଳଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ଉଦ୍‌ଯାପନୀ ଅବସରରେ ଖେଳାଳୀ, ପ୍ରଶିକ୍ଷକ ଏବଂ ମ୍ୟାନେଜର ମାର୍ଚ୍ଚପାଷ୍ଟ କରିଥିଲେ। ବରଗଡ଼ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ ପ୍ରତିଯୋଗିତାର ବିବରଣୀ ପ୍ରଦାନ କରିଥିଲେ।

# ତାଳପଦର ମହାବିଦ୍ୟାଳୟରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ବିଜେପୁର, ୯।୯ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁକୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମାଣ୍ଡୋ ସିଲି ମହାବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ ସିଂ ଠାକୁର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗଙ୍ଗାଧର ମେହେରଙ୍କ ସାହିତ୍ୟିକ ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଉମାକାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଉପେନ୍ଦ୍ର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।

# ନୁଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ

**ବରଗଡ଼, ୯।୯ (ସମିସ):** ବରଗଡ଼ ଜିଲ୍ଲା ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ତରଫରୁ ପୁରୁଣା ଡାକ୍ତରଖାନା ହନୁମାନ ମନ୍ଦିର ପ୍ରାଙ୍ଗଣରେ ୧୫ ତମ ପ୍ରସ୍ତୁତି ବୈଠକ ସଭାପତି ଆଶୁତୋଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୪ରେ ନୁଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିରୀକୃତ କରାଯାଇଥିବା ବେଳେ ଉକ୍ତ ବୈଠକରେ ସମ୍ପାଦକ ବଳରାମ ତ୍ରିପାଠୀ, ସହ ସମ୍ପାଦକ ସରୋଜ କୁମାର ମିଶ୍ର, ଉପଦେଷ୍ଟା ମିନୁ ହୋତା, ଆଇନଜୀବୀ ବିମଳକୃଷ୍ଣ ମିଶ୍ର ଏବଂ ଅନିମା ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱଚ୍ଛ ଗାଁର ସ୍ୱପ୍ନ ମଝିରେ ଅଳିଆର ପାହାଡ଼

# ଗଣ୍ଡାବାହାଲୀଗମ୍ଭାରୀଗୁଡ଼ା ରାସ୍ତାକଡ଼ରେ ଆବର୍ଜନା


**ସିନାପାଲି, ୯ ।୯ (ସମିସ)**



ସ୍ୱଚ୍ଛ ଓ ସୁନ୍ଦର ଗାଁର ସ୍ୱପ୍ନ ଦେଖୁଛି ଗ୍ରାମାଞ୍ଚଳ। ସ୍ୱଚ୍ଛତା ଓ ପରିମଳକୁ ନେଇ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଯୋଜନା ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ହେଲେ ଗଣ୍ଡାବାହାଳୀଗମ୍ଭାରୀଗୁଡ଼ା ରାସ୍ତା କଡ଼ର ବାସ୍ତବ ଚିତ୍ର ଯେପରି ଏହି ସବୁ ପ୍ରୟାସକୁ ନିରବରେ ପ୍ରଶ୍ନ କରୁଛି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଗଣ୍ଡାବାହାଳୀ ପଞ୍ଚାୟତରୁ ଗମ୍ଭାରୀଗୁଡ଼ା ଯିବା ମୁଖ୍ୟ ରାସ୍ତା କଡ଼ରେ ଦୀର୍ଘଦିନ ଧରି ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳୁଛି। ଗଦା ଗଦା ଅଳିଆ ଆବର୍ଜନା ଯୋଗୁଁ ରାସ୍ତା କଡ଼ର ପରିବେଶ ଅସୁନ୍ଦର ହୋଇପଡ଼ିଥିବା ବେଳେ ଦୁର୍ଗନ୍ଧ ଓ ପୋକଜନ୍ତୁଙ୍କ ଉପଦ୍ରବ ନେଇ ମଧ୍ୟ ଚିନ୍ତା ବଢ଼ିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଛାତ୍ରଛାତ୍ରୀମାନେ ଯାଆସ କରୁଛନ୍ତି। ସକାଳୁ ଛାତ୍ରଛାତ୍ରୀଙ୍କୁ ଏଭଳି ଅଳିଆ ଆବର୍ଜନା ମଧ୍ୟଦେଇ ଯିବାକୁ ପଡୁଥିବା ଦୃଶ୍ୟ ନିଶ୍ଚିତ ଭାବେ ଚିନ୍ତାର ବିଷୟ। ନୂଆପଡ଼ା ଜିଲ୍ଲା ପ୍ରଶାସନ ବିଭିନ୍ନ ଗାଁକୁ ସୁନ୍ଦର ଓ ସ୍ୱଚ୍ଛ କରିବା ପାଇଁ ପ୍ରୟାସ କରୁଥିବା ବେଳେ, ଗଣ୍ଡାବାହାଳୀ ପଞ୍ଚାୟତ ଅଞ୍ଚଳର ଏହି ଦୃଶ୍ୟ ପ୍ରଶାସନିକ ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନ ଠିଆ କରୁଛି। ସମ୍ପୃକ୍ତ ପଞ୍ଚାୟତ ଓ ବ୍ଲକ ପ୍ରଶାସନର ନଜର ଏହି ସ୍ଥାନ ଉପରେ କେବେ ପଡ଼ିବ? ସ୍ୱଚ୍ଛତା ପାଇଁ ଆସୁଥିବା ସରକାରୀ ଅର୍ଥର ସଠିକ୍ ବିନିଯୋଗ ହେଉଛି କି? ଏଭଳି ପ୍ରଶ୍ନ ଏବେ ସାଧାରଣରେ ଉଠୁଛି। ଗ୍ରାମବାସୀଙ୍କ କହିବାନୁସାରେ, ରାସ୍ତା କଡ଼ରେ ପଡ଼ିଥିବା ଆବର୍ଜନାକୁ ତୁରନ୍ତ ସଫା କରିବା ସହ ନିୟମିତ ସଫେଇ ବ୍ୟବସ୍ଥା କରାଯିବା ଆବଶ୍ୟକ। ବିଶେଷକରି ସ୍କୁଲ ଛାତ୍ରଛାତ୍ରୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ରାସ୍ତା କଡ଼କୁ ସ୍ୱଚ୍ଛ ରଖିବା ସହ ଆବର୍ଜନା ଫିଙ୍ଗିବା ଉପରେ ମଧ୍ୟ ରୋକ ଲଗାଇବାକୁ ଦାବି ହୋଇଛି। ରାସ୍ତା କଡ଼ରୁ ଅଳିଆ ଆବର୍ଜନା କେବେ ହଟିବ, ଗଣ୍ଡାବାହାଳୀଗମ୍ଭାରୀଗୁଡ଼ା ରାସ୍ତା କେବେ ପାଇବ ସ୍ୱଚ୍ଛତାର ନୂଆରୂପ ତାହା ଦେଖିବାକୁ ବାକି ରହିଲା।

## ଅନ୍ତର୍ଜାତୀୟ ଯୁବ ମହୋତ୍ସବରେ ଭାରତକୁ ପ୍ରତିନିଧିତ୍ୱ କରିବେ କଳାହାଣ୍ଡିର ଝିଅ ଶୁଭଲକ୍ଷ୍ମୀ

**ଭବାନୀପାଟଣା, ୯ ।୯ (ସମିସ):** ଭାରତୀୟ ଯୁବ ପ୍ରତିନିଧି ଶୁଭଲକ୍ଷ୍ମୀ ଦାଶଙ୍କୁ ରୁଷିଆର ଏକାଟେରିନବର୍ଗ ସହରରେ ଆୟୋଜିତ ଅନ୍ତର୍ଜାତୀୟ ଯୁବ ମହୋତ୍ସବ୨୦୨୬ରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଛି। ଏହି ମହୋତ୍ସବ ସେପ୍ଟେମ୍ବର ୧୧ରୁ ୧୬, ପର୍ଯ୍ୟନ୍ତ ରୁଷିଆରେ ଅନୁଷ୍ଠିତ ହେବ। ବିଶ୍ୱର ବିଭିନ୍ନ ଦେଶର ଯୁବ ପ୍ରତିନିଧିଙ୍କ ସହ ଆଲୋଚନା, ସହଯୋଗ ଓ ସାଂସ୍କୃତିକ ଆଦାନପ୍ରଦାନରେ ସେ ଅଂଶଗ୍ରହଣ କରିବେ। ଏହି ମହୋତ୍ସବରେ ୧୯୧ଟି ଦେଶର ୧୦, ୦୦୦ ଯୁବ ପ୍ରତିନିଧି ଅଂଶଗ୍ରହଣ କରିବେ। ମହୋତ୍ସବରେ ପ୍ରଶାସନ, ଶିକ୍ଷା, ବିଜ୍ଞାନ, ଗଣମାଧ୍ୟମ, ଉଦ୍ୟୋଗ, ପ୍ରଯୁକ୍ତି, କଳା ଓ ସଂସ୍କୃତି, ସାମାଜିକ କ୍ଷେତ୍ର ଏବଂ କ୍ରୀଡ଼ା ସମେତ ବିଭିନ୍ନ କ୍ଷେତ୍ରର ଯୁବ ପ୍ରତିନିଧିମାନେ ଯୋଗଦେବେ। ଶୁଭଲକ୍ଷ୍ମୀ ଅନ୍ତର୍ଜାତୀୟ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଭାରତ-ରୁଷିଆ ମଧ୍ୟରେ ଯୁବସ୍ତରୀୟ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ନିଜର ମତ ରଖିବେ। ମହୋତ୍ସବରେ ସେ 'ପ୍ରଗତି' ନାମକ ଏକ ପ୍ରକଳ୍ପ ଉପସ୍ଥାପନ କରିବେ। ଭାରତ ଓ ରୁଷିଆ ମଧ୍ୟରେ ଯୁବ ସମ୍ପୃକ୍ତି, ସାଂସ୍କୃତିକ ଆଦାନପ୍ରଦାନ ଓ ଲୋକ-ଲୋକ ସମ୍ପର୍କ ମାଧ୍ୟମରେ ସାମାଜିକ-ସାଂସ୍କୃତିକ ସମ୍ପର୍କକୁ ଆହୁରି ମଜବୁତ କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। 'ପ୍ରଗତି' ମାଧ୍ୟମରେ ଯୁବ କୂଟନୀତି କିପରି ପାରମ୍ପରିକ କୂଟନୈତିକ ସମ୍ପର୍କକୁ ପୂରକ ଭାବେ ସହଯୋଗ କରି ଦୁଇ ଦେଶ



ମଧ୍ୟରେ ଦୀର୍ଘକାଳୀନ ବୁଝାମଣା ଓ ସମ୍ପର୍କକୁ ସୁଦୃଢ଼ କରିପାରିବ, ସେ ନେଇ ଏକ ନୂଆ ଦିଗ ଉପସ୍ଥାପନ କରିବାକୁ ଶୁଭଲକ୍ଷ୍ମୀଙ୍କ ଉଦ୍ୟମ ରହିଛି। ଏହି ପ୍ରକଳ୍ପକୁ ଭବିଷ୍ୟତରେ ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଯୁବନେତୃତ୍ୱାଧୀନ ସାମାଜିକ-ସାଂସ୍କୃତିକ ସହଯୋଗର ଏକ ଅନୁକରଣୀୟ ମଡେଲ୍ ଭାବେ ବିକଶିତ କରାଯାଇପାରିବ ବୋଲି ଲକ୍ଷ୍ୟ ରହିଛି। ଶୁଭଲକ୍ଷ୍ମୀ କହିଛନ୍ତି, ସେ ଏହି ସୁଯୋଗକୁ କେବଳ ଏକ ଦେଶର ପ୍ରତିନିଧିତ୍ୱ ଭାବେ ନୁହେଁ, ବରଂ ଏଭଳି ଏକ ପିଢ଼ିର ପ୍ରତିନିଧିତ୍ୱ ଭାବେ ଦେଖୁଛନ୍ତି। 'ପ୍ରଗତି' ମାଧ୍ୟମରେ ଯୁବପିଢ଼ି କିପରି ଦୁଇଟି ଦେଶ ମଧ୍ୟରେ ଏକ ସାର୍ଥକ ସେତୁ ଭାବେ କାର୍ଯ୍ୟ କରିପାରିବ, ତାହା ଦେଖାଇବା ମୋର ଉଦ୍ଦେଶ୍ୟ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ



**କଣ୍ଟାବାଞ୍ଜି, ୯।୯ (ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟାବାଞ୍ଜିଠାରେ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢ଼ିହାରୀଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ନଗରପାଳ ବରିୟାମ ସିଂ ସାଲୁଜା, ମୁଖ୍ୟବକ୍ତା ଭାବେ କଣ୍ଟାବାଞ୍ଜି ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ବିଧାୟକ ପ୍ରତିନିଧି ମୁକେଶ ବାଗ, ପ୍ରଧାନ ଶିକ୍ଷୟିତ୍ରୀ ଅଶୋକ ତରିଆ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

ହିଆଲ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ସଭା ପରିଚାଳନା କରିଥିଲେ। କାଦୋବେଡା ସିଆରସିସି ପ୍ରେମରାଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ଅତିଥିମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ବ୍ୟାଚ୍ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ୧୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସାକ୍ଷର କରିବାକୁ ଅତିଥିମାନେ ମତ ଦେଇଥିଲେ। ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସୁମତି ସୁନା, ରୁପାଲି ମେହେର, ପ୍ରେମାନନ୍ଦ ହଂସ, ଅନୁପମା ମାଝୀ, ଯୁଗଳ ସାହୁ, ତେଜେଶ୍ୱର ଜଗତ, କୁଶଧ୍ୱଜ ଅଦା, ମୁସ୍କାନ ସଗ୍ରିଆ, ରିଝୁମ ରାଏଙ୍କୁ ପ୍ରମାଣ ପତ୍ର ଓ ସ୍ମୃତି ଫଳକ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ତାପରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନବସାକ୍ଷରମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଆରସିସି ଫକୀର ଚରଣ ବିଶି, ସିଆରସିସି ଅନୁପ କୁମାର ଦାସ, ଗଜୟ କୁମାର ଦାଶ, ଜ୍ୟୋତି ବିକାଶ ବାରିକ, ଶୁଭ ଶଙ୍କର ଗିରି, ଭୂରକ୍ଷି ରଣା, ନରହରି ମେହେର, ଧନେଶ୍ୱର ମେହେର, ସବିତା ରଣା, ସବିତା ପାଣିଗ୍ରାହୀ, ଯଶୋଦା ବିଡିକା, ଶାନ୍ତିଲତା ଭୋଇ, ଲାବଣ୍ୟବତୀ ଧରୁଆ, ସଂଘମିତ୍ରା ପାଣିଗ୍ରାହୀ ସହଯୋଗ କରିଥିଲେ।

## ଗଞ୍ଜେଇ କାରବାରରେ ମହିଳା ଗିରଫ

**ଡୁଙ୍ଗୁରିପାଲି, ୯ ।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ରେଲୱେ ଷ୍ଟେସନ ରୋଡ଼ ନିକଟରେ ସୁନିତା ପଟେଲ ନାମ୍ନୀ ଜଣେ ମହିଳା ଗଞ୍ଜେଇ କାରବାର ପାଇଁ ଗିରଫ ହୋଇଛନ୍ତି। ଏକ ଟ୍ରଲି ବ୍ୟାଗରେ ସେ ଭୋପାଲ୍‌କୁ ଟ୍ରେନ ଯୋଗେ ୧୫ କିଲୋ ଗଞ୍ଜେଇ ଚାଲାଣ କରୁଥିଲେ। ମାଜିଷ୍ଟ୍ରେଟ ବିମଳ ପାତ୍ରଙ୍କ ଉପସ୍ଥିତିରେ ଓଜନ କରାଯାଇଛି।

## ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଛାଡ଼ି ଡ୍ରାଇଭର ଫେରାର

**ହରଭଙ୍ଗା, ୯ ।୯ (ସମିସ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ପୁଲିସକୁ ଜଣେ ଟ୍ରକ୍ ଚାଳକ ଚକମା ଦେଖାଇଛି। ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଛାଡ଼ି ସେ ଫେରାର ମାରିଛି। ତିଲେଶ୍ୱର-ପୁରୁଣାକଟକ ପୂର୍ତ୍ତ ରାସ୍ତାର ଚାଉଁରପୁର ନିକଟରୁ ପୁଲିସ ୧ କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ଜବତ କରି ସନ୍ତୁଷ୍ଟ ହୋଇଛି।

## ଅବକାରୀ ବିଭାଗର ଚଢ଼ଉ

**ହରଭଙ୍ଗା, ୯ ।୯ (ସମିସ):** ହରଭଙ୍ଗା ଥାନା ମହାଳିକପଡ଼ା ଗ୍ରାମ ରାସ୍ତାରେ ଅବକାରୀ ବିଭାଗ ଚଢଉ କରି ଅକ୍ଷୟ ରଣା (୪୮)ଙ୍କ ନିକଟରୁ ୧୨.୨ ଲିଟର ବିୟର ଜବତ କରିଛି। ସେହିପରି ପୁରୁଣାକଟକ ଥାନା ଅଧୀନ ଭଉଁରୀ ପଥର ଗ୍ରାମ ରାସ୍ତାରେ ଚଢ଼ଉ କରି ସୁଦର୍ଶନ ବେହେରା (୪୨)ଙ୍କ ନିକଟରୁ ୧୫ ଲିଟର ଦେଶୀ ମଦ ଜବତ କରିଛି। ଅନ୍ୟପକ୍ଷରେ ପୁରୁଣାକଟକ ଥାନା ଅଧୀନ ଏକତାଳ ଗ୍ରାମ ଅଞ୍ଚଳରେ ମଧ୍ୟ ମିଳିତ ଚଢ଼ଉ କରାଯାଇ ଏକ ବେଆଇନ ମଦ ପ୍ରସ୍ତୁତି ସ୍ଥଳ ଠାବ କରାଯାଇଛି। ସେଠାରୁ ୨୮୦ କିଲୋଗ୍ରାମ୍ ଫରମେଣ୍ଟେଡ୍ ମହୁଲି/ୱାଶ୍ ଜବତ କରାଯାଇଥିବା ବେଳେ ୪୦ ଲିଟର ଦେଶୀ ମଦ ଜବତ କରି ମଦକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଛି।

ଜଲ୍ଲା ଖାଉଟି ଅଦାଲତରେ ବୀମା କମ୍ପାନୀ ଦଣ୍ଡିତ

## ପିଏମ୍ଏଫ୍‌ବିୱାଇରେ ଚାଷୀଙ୍କୁ ମିଳିବ ୧.୧୬ ଲକ୍ଷ ଟଙ୍କା

**ଭବାନୀପାଟଣା, ୯ ।୯ (ସମିସ):** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ)ରେ ବୀମା ରାଶି ନ ମିଳିବା ମାମଲାରେ ଚାଷୀଙ୍କ ସପକ୍ଷରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି କଳାହାଣ୍ଡି ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ (ଖାଉଟି ଅଦାଲତ)। କମ୍ପାନୀକୁ ଫସଲ ବୀମା ବାବଦକୁ ୭୬, ୪୨୩ ଟଙ୍କା, ମାନସିକ ଯନ୍ତ୍ରଣା ଓ ଆର୍ଥିକ ହଇରାଣ ପାଇଁ ୩୦ ହଜାର ଟଙ୍କା ଏବଂ ମାମଲା ଖର୍ଚ୍ଚ ବାବଦକୁ ୧୦ ହଜାର ସମୁଦାୟ ୧, ୧୬, ୪୨୩ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସଭାପତି ଅଶ୍ୱିନୀ କୁମାର ପାତ୍ର ଓ ସଦସ୍ୟା ଜ୍ୟୋତ୍ସ୍ନା ରାଣୀ ମିଶ୍ରଙ୍କ ସମ୍ମିଳିତ ଖଣ୍ଡପୀଠ ଉପଭୋକ୍ତା ମାମଲାରେ ଏହି ରାୟ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ନର୍ଲା ବ୍ଲକ ସରିଆ ଅଞ୍ଚଳର ଅର୍ଜୁନ ଗାଁର ଘୃତାଚୀ ଭୋଇ ଗତ ୨୦୨୩ ଖରିଫରେ ତାଙ୍କ ସ୍ୱାମୀଙ୍କ ନାମରେ ଥିବା ଜମିରେ ଧାନଚାଷ କରିଥିଲେ। ଏହି ଧାନ ଫସଲକୁ ପିଏମଏଫବିୱାଇ ଅଧୀନରେ ରିଲାଏନ୍ସ ଜେନେରାଲ ଇନସୁରାନ୍ସ କମ୍ପାନୀରେ ବୀମାଭୁକ୍ତ କରିଥିଲେ। ତେବେ ବୀମା ପାଇଁ ଆବଶ୍ୟକ ପ୍ରିମିୟମ ଦେଇ ଆବେଦନ କରିଥିବା ସତ୍ତ୍ୱେ ଫସଲ ନଷ୍ଟ ପରେ ତାଙ୍କୁ ବୀମା ରାଶି ମିଳି ନ ଥିଲା। ଯାହାକୁ ନେଇ ସେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗରେ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ଚାଷୀ ପକ୍ଷରୁ ଦାବି କରାଯାଇଥିଲା ଯେ, ଖରିଫ-୨୦୨୩ରେ ଅଳ୍ପ ବର୍ଷା ଯୋଗୁଁ ତାଙ୍କ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଯାହାକି ସୂଚନା ଅଧିକାର ଆଇନ (ଆରଟିଆଇ) ମାଧ୍ୟମରେ ମିଳିଥିବା କୃଷି ବିଭାଗର ତଥ୍ୟ ଅନୁସାରେ ସରିଆ ଅଞ୍ଚଳରେ ୫୦.୦୭ ପ୍ରତିଶତ ଫସଲ କ୍ଷତି ହୋଇଥିବା ମଧ୍ୟ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ବୀମା କମ୍ପାନୀ ପକ୍ଷରୁ ଆବେଦନରେ ଆବଶ୍ୟକ ଦଲିଲ ଅପଲୋଡ୍ ହୋଇନଥିବା ଏବଂ ଅଭିଯୋଗକାରୀଙ୍କର ଜମି ଉପରେ ବୀମାଯୋଗ୍ୟ ସ୍ୱାର୍ଥ ପ୍ରମାଣିତ ହୋଇନଥିବା ଦର୍ଶାଇ ଦାବି ଖାରଜ କରାଯାଇଥିବା ଯୁକ୍ତି ଦିଆଯାଇଥିଲା। ତେବେ ଆୟୋଗ ରାୟରେ କହିଛନ୍ତି ଯେ, ବୀମା କମ୍ପାନୀ ଚାଷୀଙ୍କ ଆବେଦନ ଗ୍ରହଣ କରି ପ୍ରିମିୟମ ନେଇଥିବା ପରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ ଖାରଜ କରିବା, ତ୍ରୁଟି ସମ୍ପର୍କରେ ଚାଷୀଙ୍କୁ ଜଣାଇବା ଏବଂ ପ୍ରିମିୟମ ଫେରସ୍ତ କରିବାର ପ୍ରମାଣ ଦେଇପାରିନାହାଁନ୍ତି। ଏହା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ନିର୍ଦ୍ଧାରିତ ପ୍ରକ୍ରିୟାକୁ ଉଲ୍ଲଂଘନ ଏବଂ ସେବାରେ ଅବହେଳା ବୋଲି ଆୟୋଗ ମତ ଦେଇଛନ୍ତି। ଏହି ଆଧାରରେ ଆୟୋଗ ଚାଷୀଙ୍କ ସପକ୍ଷରେ ରାୟ ଦେଇ ବୀମା କମ୍ପାନୀକୁ ମୋଟ ୧, ୧୬, ୪୨୩ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ରାୟ ପ୍ରାପ୍ତିର ୪୫ ଦିନ ମଧ୍ୟରେ ଏହି ଅର୍ଥ ପ୍ରଦାନ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟରେ ଅର୍ଥ ପ୍ରଦାନ ନକଲେ ପ୍ରତିଦିନ ୨୦୦ ଟଙ୍କା ଅତିରିକ୍ତ କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଅନ୍ୟପକ୍ଷରେ, ଖାଲି ଘୃତାଚୀ ଭୋଇ ନୁହେଁ ସରିଆ ଅଞ୍ଚଳର ଚାଷୀ ଜୋସ୍ନାରାଣୀ ଭୋଇ, ବିମଳ ଭୋଇ, ସନ୍ତୋଷନୀ ଗୌଡ଼, ସୁରେଶ ଗୌଡ଼, ତିଲୋତ୍ତମା ଭୋଇ ଓ ଉତ୍ତମ ଧଙ୍ଗଡ଼ାମାଝୀ ମଧ୍ୟ ଖାଉଟି ଅଦାଲତରେ ସମାନ ଅଭିଯୋଗ କରିଥିଲେ। ତେବେ ତାଙ୍କ ସପକ୍ଷରେ ମଧ୍ୟ ରାୟ ଆସିବା ସହ ବୀମା କମ୍ପାନୀ ଦଣ୍ଡିତ ହୋଇଛି।

ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

## ଜିଲ୍ଲାସ୍ତରକୁ ଚୟନ ହେଲେ ଅସିତ ଓ ପ୍ରୀତିନନ୍ଦା



**କୋମନା, ୯ ।୯ (ସମିସ):** କୁରେଶ୍ୱର ହାଇସ୍କୁଲ ପରିସରରେ ଆଜି ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଛି। କୁରେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ବ୍ଲକ ବିଜ୍ଞାନ ସଂଘ ସଭାପତି ଅଶୋକ କୁମାର ମିଶ୍ର ସେମିନାରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ସେମିନାରରେ ବ୍ଲକର ୧୯ଟି ବିଦ୍ୟାଳୟରୁ ୧୯ ଜଣ ପ୍ରତିଯୋଗୀ ଭାଗ ନେଇଥିବାବେଳେ ସମସ୍ତ ପିଲା ବିଜ୍ଞାନ କୁଇଜ୍‌ରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଝଗରହି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅସୀତ ପଣ୍ଡା ଏବଂ କୋମନା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରୀତିନନ୍ଦା ପ୍ରଧାନ ଆଗାମୀ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର (ନୂଆପଡ଼ା) ପାଇଁ ମନୋନୀତ ହୋଇଛନ୍ତି। ବୁଦ୍ଧିକୋମନାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିବେକାନନ୍ଦ ମହାନ୍ତି ଏବଂ କୋମନାର ଅବସରପ୍ରାପ୍ତ ବିଜ୍ଞାନଶିକ୍ଷକ ରତନ ମୋହନ ତିୱାରୀ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସେକ୍ରେଟାରୀ ଶ୍ୟାମଲାଲା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଅଟକ କଣ୍ଟେନରରୁ ୩୧୮ କେଜି ଗଞ୍ଜେଇ ଜବତ

**ହରଭଙ୍ଗା, ୯ ।୯ (ସମିସ):** ବୌଦ୍ଧ ଥାନା ସରସରା ରେଳ ଫାଟକ ନିକଟରୁ ବୌଦ୍ଧ ପୁଲିସ ଅଟକ ରଖିଥିବା କଣ୍ଟେନରରୁ ୩୧୮ କେଜି ଗଞ୍ଜେଇ ଜବତ ହୋଇଛି। ହରଭଙ୍ଗା ଅତିରିକ୍ତ ତହସିଲଦାର ସନ୍ଦୀପ ଧଳଙ୍କ ଉପସ୍ଥିତିରେ କଣ୍ଟେନରକୁ ତନଖି କରା ଯାଇଥିଲା। ସବ୍ ଇନ୍ସପେକ୍ଟର ଯଶୋବନ୍ତ କହଁର, ସବ୍ ଇନ୍ସପେକ୍ଟର ବିଶ୍ୱାମିତ୍ର ଲୋଇ, ଏଏସଆଇ ମଦନ ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକ କଳାକାର ହୀରାଧରଙ୍କ ଏକାଦଶାହରେ ସ୍ମୃତିସଭା

**ବଲାଙ୍ଗୀର, ୯।୯ (ସମିସ):** ଲୋକ କଳାକାର, ଗବେଷକ, ସଂଗ୍ରାହକ, ପୃଷ୍ଠପୋଷକ, ସୁସାହିତ୍ୟିକ ତଥା ମୁହୁରୀ କଳା ପରିଷଦ କୁତମୁଣ୍ଡାର ପ୍ରତିଷ୍ଠାତା ସଂସ୍ଥାପକ ହୀରାଧର କୁମ୍ଭାରଙ୍କ ଏକାଦଶାହରେ ଦୂରଦୂରାନ୍ତରୁ କଳାକାର ଏବଂ ଗୀତିକାରମାନେ ଆସି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଉରକେଲାର ସୁନାମଧନ୍ୟ କଣ୍ଠଶିଳ୍ପୀ ରମେଶ ସୁନା, ଗୀତିକାର କ୍ଷେତ୍ରମଣି ବିଭାରଙ୍କ ସମେତ ମୁହୁରୀକଳା ପରିଷଦ କୁତମୁଣ୍ଡାର ସଭାପତି ଜୟନ୍ତ କୁମ୍ଭାର ସ୍ୱର୍ଗତ ହୀରାଧରଙ୍କୁ ଏ ମାଟିର ହୀରା ବୋଲି ଅଭିହିତ କରି ସ୍ମୃତିଚାରଣ କରିଥିଲେ। ସାତ କୁଆଁରୀ ସାଂସ୍କୃତିକ ଅନୁଷ୍ଠାନର ସଭାପତି ମନୋଜ ନାଗ ସ୍ୱାଗତ ଭାଷଣ ସହ ଶ୍ରଦ୍ଧାଞ୍ଜଳି ସଭାକୁ ସଞ୍ଚାଳନ କରିଥିଲେ। ଉପସ୍ଥିତ ଲୋକେ ନୀରବ ପ୍ରାର୍ଥନା କରିବା ସହ ଦିବଂଗତ ପୂଣ୍ୟାତ୍ମାଙ୍କ ସଦଗତି କାମନା କରିଥିଲେ।

## ରକ୍ତଦାନ ଶିବିର; ୧୨୦ ୟୁନିଟ ସଂଗ୍ରହ



**ସଇଁତଲା, ୯।୯ (ସମିସ):** ବଲାଙ୍ଗୀର ଜିଲ୍ଲା ଆୟୁଧ ନିର୍ମାଣୀ ବଡ଼ମାଲରେ ନ୍ୟାସନାଲ ଡିଫେନ୍ସ ନନ୍-ଗେଜେଟେଡ୍ ଷ୍ଟାଫ ଏସୋସିଏସନ୍, ବଡ଼ମାଲ ଶାଖା ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଆୟୁଧ ନିର୍ମାଣୀ ବଡ଼ମାଲ ତଥା ଆଖପାଖ ଅଞ୍ଚଳରୁ ୧୨୦ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆୟୁଧ ନିର୍ମାଣୀ ବଡ଼ମାଲର ମହିଳା କଲ୍ୟାଣ ସଂଘର ସଭାପତି ରାଜକୁମାରୀ ପଟେଲ, ଆୟୁଧ ନିର୍ମାଣୀ ବଡ଼ମାଲର ମୁଖ୍ୟ ମହାପ୍ରବନ୍ଧକ ବିଭୂତି ଭୂଷଣ ପଟେଲ ଯୋଗଦେଇ ଉଦଘାଟନ କରିଥିଲେ।

ଏହି ଅବସରରେ ଏନ୍‌ଡିଏନ୍‌ଜିଏସ୍‌ଏ ବଡ଼ମାଲ ଶାଖାର ସଭାପତି ରାଜେନ୍ଦ୍ର ଗୌଡ଼ା, ଶାଖା ସମ୍ପାଦକ ତଥା ସର୍ବଭାରତୀୟ ସହ-ସମ୍ପାଦକ ଦେବାଶିଷ ସାହୁ, ରାଜୀବ ଲୋଚନ ମିଶ୍ର, ପ୍ରକାଶ ଶର୍ମା, ବୁଲୁ ସାହୁ, ବିକାଶ ଦାସ, ନାରାୟଣ ସାହୁ, ଶରତ ବେହେରା, ଶିଶିର ବେହେରା, ବିଭୁଦତ୍ତ ସେନାପତି, ଜ୍ଞାନ ରଞ୍ଜନ ଲେଙ୍କା ପ୍ରମୁଖ ସହଯୋଗ କରିଥିବାବେଳେ ଶିବିର ପରିଚାଳନାରେ ଆୟୁଧ ନିର୍ମାଣୀ ବଡ଼ମାଲର ପବ୍ଲିକ ରିଲେସନ ଅଫିସର ଦିଲ୍ଲୀପ ଚନ୍ଦ୍ର ପଟ୍ଟନାୟକ, ଶ୍ରମ କଲ୍ୟାଣ ଅଧିକାରୀ ମନୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## କେଜିବିଭି ଛାତ୍ରୀଙ୍କ ସାକ୍ଷରତା ସଚେତନତା ରାଲି




**ଖପ୍ରାଖୋଲ, ୯।୯ (ସମିସ):** ବିଶ୍ୱ ସାକ୍ଷରତା ଦିବସ ଉପଲକ୍ଷେ ଖପ୍ରାଖୋଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ତରଫରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରୀନିବାସ ପରିସରରୁ ଶୋଭାଯାତ୍ରା ବାହାରି ଖପ୍ରାଖୋଲର ଗ୍ରାମ, ବ୍ଲକ ଓ ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରିଥିଲା। ଛାତ୍ରୀମାନେ ବିଭିନ୍ନ ପ୍ଲାକାର୍ଡ, ବ୍ୟାନର ଏବଂ ନାରା ଦେଇ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଛୁରା, ଶିକ୍ଷୟିତ୍ରୀ ରୀତା ବେହେରା, ରୀତା ସାହୁ, ରଙ୍ଗୋଲି ବିଶ୍ୱାଳ ଏବଂ ୱାର୍ଡେନ ଅନିତା ମହାପାତ୍ର ଓ ବିଦ୍ୟାଳୟ କର୍ମଚାରୀ ନୀଳମାଧବ ସାହୁ, ଲିଜା ବନ୍‌ଛୋର ଅଂଶଗ୍ରହଣ କରିଥିଲେ।

## ପଲ୍ଲୀ ପ୍ରଗତି କଲେଜରେ ସ୍ୱାସ୍ଥ୍ୟ ଶିବିର

**ଖଡ଼ିଆଳ, ୯ ।୯ (ସମିସ):** ଖଡ଼ିଆଳ ବ୍ଲକ ଅଧୀନ ଦୋହେଲପଡ଼ା ପଲ୍ଲୀପ୍ରଗତି କଲେଜ ପରିସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ କଲେଜର ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ସାଧାରଣ ସ୍ୱାସ୍ଥ୍ୟ ଯାଞ୍ଚ ସହିତ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ପରିଷ୍କାର-ପରିଚ୍ଛନ୍ନତା ଓ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବାକୁ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଶିବିରରେ ଡାକ୍ତର ସୁଭାଙ୍ଗିନି ରଥ, ଫାର୍ମାସିଷ୍ଟ ଜୟନ୍ତ କୁମାର



ସାହୁଙ୍କ ସହ କଲେଜର ଅଧ୍ୟକ୍ଷ ରୁଦ୍ର ମାଧବ ବାରିକ, ଅଧ୍ୟାପକ ବିରଞ୍ଚି ବେହେରା, ଦୀପକ ବିଷୋୟୀ, ସଂଗ୍ରାମ କେଶରୀ ଦଣ୍ଡସେବା, ରାଜେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

ବଲାଙ୍ଗିର ଜିଲ୍ଲା ସଂକୀର୍ତ୍ତନ ପରିଷଦର ସ୍ୱତନ୍ତ୍ର ବୈଠକ

## 'ଆମ କଳାକାର' ପଞ୍ଜୀକରଣ ଅବଧି ବଢ଼ାଇବାକୁ ଅନୁରୋଧ

**ବଲାଙ୍ଗିର, ୯।୯ (ସମିସ)**

ବଲାଙ୍ଗିର ସଦାଇପାଲି ପଲ୍ଲିଶ୍ରୀ ବିହାରସ୍ଥିତ ରାଧାକୃଷ୍ଣମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ଆନୁକୂଲ୍ୟରେ ଜିଲ୍ଲା ସଂକୀର୍ତ୍ତନ ପରିଷଦର ଏକ ସ୍ୱତନ୍ତ୍ର ବୈଠକ ବସିଥିଲା। ଜିଲ୍ଲା ସଂକୀର୍ତ୍ତନ ପରିଷଦର ସଭାପତି ଡ. ଶ୍ରୀକର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପର୍ଯ୍ୟବେକ୍ଷକ ଭାବରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକର ଅଶୋକ ପ୍ରଧାନ ଯୋଗଦାନ କରିଥିଲେ। ସର୍ବପ୍ରଥମେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ବର୍ତ୍ତମାନର ସରକାର ଆମ କଳାକାର ୱେବସାଇଟ୍ ଖୋଲି ସାଂସ୍କୃତିକ ଦଳମାନଙ୍କ ପଞ୍ଜୀକରଣ ପାଇଁ ଗତ ୧୮ ତାରିଖରୁ ଚଳିତ ମାସ ୬ ତାରିଖ ପର୍ଯ୍ୟନ୍ତ ସମୟ କରାଇଥିଲେ। ବଲାଙ୍ଗିର ଜିଲ୍ଲା ସଂକୀର୍ତ୍ତନ ପରିଷଦ ତରଫରୁ ଡ. ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲାର ଶତାଧିକ ସଂକୀର୍ତ୍ତନ ଦଳ, ରାମଲୀଳା, କୃଷ୍ଣଲୀଳା ଓ କରମା ଭଳିଆ ଅନେକ ଦଳର ପଞ୍ଜୀକରଣ କରାଯାଇଛି। କିନ୍ତୁ ପ୍ରଚାର ପ୍ରସାର ଅଭାବରୁ



ତଥା ନେଟୱାର୍କ ସମସ୍ୟା ଯୋଗୁଁ ଦୂରଦୂରାନ୍ତରର ଅନେକ ସାଂସ୍କୃତିକ ଦଳ ତଥା କଳାକାର ପଞ୍ଜୀକରଣରୁ ବାଦ୍ ପଡ଼ିଯାଇଛନ୍ତି। ପଞ୍ଜୀକରଣ ଅବଧି ଆଉ ୧୦ ଦିନ ବଢ଼ାଇବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ପୁନଶ୍ଚ ନିଖିଳ ଓଡ଼ିଶା ସଂକୀର୍ତ୍ତନ ମହାସଂଘର ସଭାପତି ବାବା ପଞ୍ଚଦେବ ଏଥିରେ ହସ୍ତକ୍ଷେପ କରି ଅବଧି ବଢ଼ାଇବାକୁ ଦାବି କରିବାକୁ ନିଷ୍ପତ୍ତି ହୋଇଛି।



## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧାର କରଜରୁ ଦୂରେଇ ରହିବେ। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବୃଷ:** ଅବିବାହିତଙ୍କ ବିବାହ ସ୍ଥିର ହେବ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

**ମିଥୁନ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ।

**ତୁଳା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେଇପାରେ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ। ଧୈର୍ଯ୍ୟ ରଖି ଚାଲିବେ।

**ମକର:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରେମ ସମ୍ବନ୍ଧ ମଜବୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିପାରନ୍ତି।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ନୂଆ ନିଯୁକ୍ତିର ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।


## ଆଜିର ଐତିହ୍ୟ

- ୧୮୮୭- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜନ୍ମ।
- ୧୯୧୫- କ୍ରାନ୍ତିକାରୀ ଜତୀନ୍ଦ୍ର ନାଥ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୨୬- ଜର୍ମାନୀ ମିତ୍ରରାଷ୍ଟ୍ରରେ ସାମିଲ ହେଲା।
- ୧୯୭୬- ଇଣ୍ଡିଆନ ଏୟାରଲାଇନ୍ସର ବୋଇଂ ୭୩୭ ବିମାନ ଲାହୋରରୁ ଅପହରଣ ହେଲା।
- ୨୦୦୨- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।



# 'ଲଭ୍ ଆଣ୍ଡ ୱାର୍' ବଡ଼ ପରଦାରେ ଟିଜର୍

ବଲିଉଡ୍ ଅଭିନେତା ରଣବୀର କପୁର ଦୀର୍ଘ ଦିନ ହେଲାଣି ତାଙ୍କର ଆଗାମୀ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ପ୍ରଥମ ପାର୍ଟ ଚଳିତବର୍ଷ ଦୀପାବଳି ଅବସରରେ ନଭେମ୍ବର ୮ ରେ ସିନେମାହଲ୍‌କୁ ଆସିବ। 'ରାମାୟଣ' ବ୍ୟତୀତ ଦର୍ଶକେ ରଣବୀରଙ୍କ ଅଭିନୀତ 'ଲଭ୍ ଆଣ୍ଡ ୱାର୍' ଫିଲ୍ମକୁ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଏହି ଚଳଚ୍ଚିତ୍ରଟି ଆସନ୍ତାବର୍ଷ ରିଲିଜ୍ ହେବ। ହେଲେ ଏହା ପୂର୍ବରୁ ବଡ଼ ପରଦାରେ ଏହାର ଟିଜର୍ ଦେଖିବାକୁ ମିଳିବ। ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀ 'ଲଭ୍ ଆଣ୍ଡ ୱାର୍'ର ଟିଜର୍‌କୁ 'ରାମାୟଣ' ସହିତ ଆଟାଚ୍ କରି ଦେଖାଇବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପ୍ରଥମେ ଫିଲ୍ମ ନିର୍ମାତା ସେପ୍ଟେମ୍ବର ୨୮ ତାରିଖରେ ରଣବୀରଙ୍କ ଜନ୍ମଦିନ ଅବସରରେ ଏହାର ଟିଜର୍ ମୁକ୍ତିଲାଭ କରିବାକୁ ଯୋଜନା କରିଥିଲେ। ହେଲେ, ସେପ୍ଟେମ୍ବର ପ୍ରଥମ ସପ୍ତାହରେ ହିଁ ଏହି ଚଳଚ୍ଚିତ୍ରର ସୁଟିଂ ଶେଷ ହୋଇଛି। ଏଭଳି ସ୍ଥିତିରେ, ସେପ୍ଟେମ୍ବର ୨୮ ତାରିଖରେ ଟିଜର୍ ମୁକ୍ତିଲାଭ କରିପାରିବ ନାହିଁ। ଅବଶ୍ୟ ରଣବୀରଙ୍କ ଜନ୍ମଦିନ ଅବସରରେ ନିର୍ମାତା ଫିଲ୍ମର ଝଲକ ଦେଖାଇ ପାରନ୍ତି। ବର୍ତ୍ତମାନ ଏନେଇ ବିଧିବଦ୍ଧ ଘୋଷଣାକୁ ଅପେକ୍ଷା କରାଯାଇଛି। ଏହି ଫିଲ୍ମରେ ରଣବୀରଙ୍କ ସହ ଆଲିଆ ଭଟ୍ଟ ଏବଂ ଭିକି କୌଶଲ ମଧ ମୁଖ୍ୟ ଭୂମିକାରେ ନଜର ଆସିବେ। 'ଲଭ୍ ଆଣ୍ଡ ୱାର୍' ଆସନ୍ତା ବର୍ଷ ୨୧ ଜାନୁଆରୀରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଚଳଚ୍ଚିତ୍ରଟି ୨୦୨୫ ଖ୍ରୀଷ୍ଟମାସ ଅବସରରେ ରିଲିଜ୍ ହେବାର ଥିଲା। ହେଲେ, ଫିଲ୍ମ ନିର୍ମାତା ଏହାକୁ ସ୍ଥଗିତ କରିଦେଇଥିଲେ। ଏହାପରେ ଅନେକ ଥର ଖବର ଆସିଥିଲା ଯେ, ଫିଲ୍ମ ନିର୍ମାତା ଏହାକୁ ୨୦୨୬ରେ ରିଲିଜ୍ କରିପାରନ୍ତି। ଶେଷରେ ଏହାକୁ ଆସନ୍ତା ବର୍ଷ ରିଲିଜ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ 'ରାମାୟଣ'ରେ ରଣବୀର ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ଏହା ଦୁଇଟି ପାର୍ଟରେ ମୁକ୍ତିଲାଭ କରିବ। ଏହାର ପ୍ରଥମ ପାର୍ଟ ଚଳିତ ବର୍ଷ ଦୀପାବଳିରେ ମୁକ୍ତିଲାଭ କରୁଥିବାବେଳେ ଦ୍ୱିତୀୟ ଭାଗ ଆସନ୍ତା ବର୍ଷ ଦୀପାବଳିରେ ଆସିବ। ଏହି ଚଳଚ୍ଚିତ୍ରରେ ରଣବୀରଙ୍କ ସହ ଯଶ୍, ସାଇପଲ୍ଲବୀ, ସନ୍ନି ଦେଓ୍ୱଲ, ରବି ଦୁବେ, ରକୁଲ ପ୍ରୀତ ସିଂହଙ୍କ ସମେତ ବଲିଉଡ୍‌ର ଅନେକ ଆଗଧାଡ଼ିର କଳାକାର ନଜର ଆସିବେ।



# ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୧୦ ତାରିଖକୁ ସମଗ୍ର ବିଶ୍ୱରେ ଆତ୍ମହତ୍ୟା ନିରୋଧ ଦିବସ ପାଳନ କରାଯାଏ। ଆତ୍ମହତ୍ୟା ଭଳି ଦୁର୍ବଳ ମାନସିକତା ବିରୋଧରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଲୋକଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ରୋକିବା ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ। ସାରା ବିଶ୍ୱରେ ଆତ୍ମହତ୍ୟା ଭଳି ଏକ ଅପରାଧ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ଦ ଇଣ୍ଟରନାସନାଲ ଆସୋସିଏସନ୍ ଫର୍ ସୁଇସାଇଡ୍ ପ୍ରିଭେନସନ' (ଆଇଏଏସ୍‌ପି) ନାମକ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମିଳିତ ଆନୁକୂଲ୍ୟରେ ୨୦୦୩ ମସିହାରୁ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସର ପାଳନ ଆରମ୍ଭ କରାଯାଇଥିଲା। ୨୦୧୧ ମସିହାରେ ପ୍ରାୟ ୪୦ଟି ଦେଶ ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ପ୍ରତିବର୍ଷ ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ମାନସିକ ଚାପ, ଅବସାଦ ଏବଂ ନିଃସଙ୍ଗତା ଯୋଗୁଁ ନିଜ ଜୀବନ ହାରିଦିଅନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଆତ୍ମହତ୍ୟା ଆଜିର ଯୁବପିଢ଼ିଙ୍କ ମଧ୍ୟରେ ମୃତ୍ୟୁର ଏକ ପ୍ରମୁଖ କାରଣ ସାଜିଛି। ଗତ କିଛି ବର୍ଷ ଧରି ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଉଛି। ସେମାନଙ୍କଠାରେ ସୃଷ୍ଟି ହେଉଥିବା ଆତ୍ମହତ୍ୟା ଭାବନା ପଛରେ ସେମାନଙ୍କ ପାଠପଢ଼ା ଚାପ, ପରୀକ୍ଷା ଚାପ, ପାଠପଢ଼ା ପରବର୍ତ୍ତୀ ନିଯୁକ୍ତି ଚାପ ସହ ବିଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମୁଖ୍ୟ କାରଣ ଭାବେ ଧରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛି। ଚାକିରି ହେଉ କି ପାରିବାରିକ ସମସ୍ୟା, ପ୍ରେମଜନିତ ହେଉ କିମ୍ବା ନିର୍ଯାତନା, ହିଂସା, ନିଶା ଓ ଆର୍ଥିକ ସଙ୍କଟ ଆତ୍ମହତ୍ୟାର ପ୍ରମୁଖ କାରଣ ପାଲଟିଛି। ଆତ୍ମହତ୍ୟା ଭଳି ଜଟିଳ ସମସ୍ୟାଠୁ ଦୂରରେ ରଖିବା ତଥା ଲୋକଙ୍କୁ ମାନସିକ ସ୍ତରରେ ସଶକ୍ତ କରିବା ଏହି ଦିନ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହାବାଦ୍ ଯେଉଁ ଲୋକଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଉଛି ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନେବା ସହ କେବେବି ଏକୁଟିଆ ଛାଡ଼ିବା କଥା ନୁହେଁ। ସବୁଠୁ ବଡ଼ କଥା ହେଲା, ଅଭିଭାବକମାନେ ପିଲାମାନଙ୍କୁ ଛୋଟ ବେଳୁ କିପରି ବିଫଳତାକୁ ସାମ୍ନା କରିବେ ସମସ୍ୟା ସହ କିପରି ଲଢ଼ିବାକୁ ପଡ଼େ, ତାହା ଶିଖାଇବା ନିହାତି ଦରକାର। ଏହି ଅବସରରେ ବିଭିନ୍ନ ସଂସ୍ଥା, ବିଶ୍ୱବିଦ୍ୟାଳୟ ଓ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସଚେତନତା ଶୋଭାଯାତ୍ରା, ଆଲୋଚନା ଚକ୍ର ଓ କାଉନ୍‌ସେଲିଂ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସର ବିଷୟବସ୍ତୁ ରହିଛି– "ଆତ୍ମହତ୍ୟା ଉପରେ ଆମର ଚିନ୍ତାଧାରା ବଦଳାଇବା" ଏବଂ ଏହାର ସ୍ଲୋଗାନ ହେଉଛି "କଥାବାର୍ତ୍ତା ଆରମ୍ଭ କରନ୍ତୁ"। ଏହାର ଅର୍ଥ ହେଉଛି ମାନସିକ ଚାପ ବିଷୟରେ ଲୁଚାଇ ନ ରଖି ଖୋଲାଖୋଲି ଆଲୋଚନା କରିବା ଉଚିତ।

# ଚୀନ୍‌ରେ ବଢ଼ୁଛି ଡିସ୍‌ପୋଜେବୁଲ ଫେସନ୍ ଟ୍ରେଣ୍ଡ

ଆଜିକାଲି ଟ୍ରାଭେଲ୍ କରିବା କେବଳ ନୂଆ ଜାଗା ଦେଖିବାରେ ସୀମିତ ନାହିଁ, ବରଂ ସେହି ଜାଗାରେ ସୁନ୍ଦର ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ଏକ ନୂଆ ଫ୍ୟାଶନ ପାଲଟିଛି। ଇନଷ୍ଟାଗ୍ରାମ୍ ରିଲ୍ସ ହେଉ କି ଫେସବୁକ୍ ଫଟୋ, ପ୍ରତିଟି ଲୋକେସନ ପାଇଁ ଭିନ୍ନ ଓ ଆକର୍ଷଣୀୟ ପୋଷାକ ପିନ୍ଧିବା ଆଜିର ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ। ହେଲେ ଏହି 'ପରଫେକ୍ଟ ପିକ୍ଚର' ପାଇବାର ନିଶା ଏବେ ଏକ ବିପଜ୍ଜନକ ରୂପ ନେଇଛି, ଯାହାର ସବୁଠାରୁ ବଡ଼ ଉଦାହରଣ ଏବେ ଚୀନ୍‌ରେ ଦେଖିବାକୁ ମିଳୁଛି। ଚୀନର ସୋସିଆଲ ମିଡିଆରେ ଏକ ନୂଆ ଟ୍ରେଣ୍ଡ ଖୁବ୍ ଶୀଘ୍ର ଲୋକପ୍ରିୟ ହୋଇଛି, ଯାହାକୁ 'ଡିସ୍‌ପୋଜେବୁଲ୍ ଫ୍ୟାଶନ' କୁହାଯାଉଛି। କୌଣସି ସ୍ଥାନକୁ ଯାତ୍ରା କରିବା ସମୟରେ ପୋଷାକଗୁଡ଼ିକୁ ବଡ଼ ବଡ଼ ସୁଟକେସ୍ ବୋହି ନେବା ଏବଂ କପଡ଼ା ସଫା କରିବା ଏକ ବଡ଼ ସମସ୍ୟା। ଏହି ସମସ୍ୟାର ସହଜ ସମାଧାନ ଭାବେ ଚୀନ୍‌ର ପର୍ଯ୍ୟଟକମାନେ ଏହି 'ଡିସପୋଜେବୁଲ୍ ପୋଷାକ'କୁ ଆପଣେଇ ନେଇଛନ୍ତି। ଚୀନର ଅନଲାଇନ୍ ବଜାରରେ ଏହି କପଡ଼ାଗୁଡ଼ିକର ଦାମ୍ ପ୍ରାୟ ୧୩୦ ରୁ ୬୦୦ ଟଙ୍କା ମଧ୍ୟରେ ବିକ୍ରି କରାଯାଏ। ପର୍ଯ୍ୟଟକମାନେ ଭାବନ୍ତି, ଯେତେବେଳେ ଏତେ ଶସ୍ତାରେ ନୂଆ ପୋଷାକ ମିଳୁଛି, ସେତେବେଳେ ପୁରୁଣା କପଡ଼ା ଧୋଇବା ବା ବୋହିବା କ'ଣ ଦରକାର? ନୂଆ ଜାଗାକୁ ଯାଅ, ଅନ୍‌ଲାଇନ୍‌ରୁ ଶସ୍ତା କପଡ଼ା ମଗାଅ, ଫଟୋ ଉଠାଅ ଏବଂ ସେହିଦିନ ହିଁ ତାକୁ ଡଷ୍ଟବିନ୍‌ରେ ଫିଙ୍ଗିଦିଅ! ଏହି ପୋଷାକଗୁଡ଼ିକର ବିଶେଷତ୍ୱ ହେଉଛି, ଏଗୁଡ଼ିକ ସାଧାରଣ ବ୍ୟବହାର ପାଇଁ ତିଆରି ହୋଇନଥାଏ। ପର୍ଯ୍ୟଟନ ସ୍ଥଳକୁ ଆଖିରେ ରଖି ଏହାର ଡିଜାଇନ୍ କରାଯାଇଥାଏ। ସମୁଦ୍ର କୂଳ ପାଇଁ ରଙ୍ଗିନ୍ ବିଚ୍-ୱେୟର, ଐତିହାସିକ ସ୍ଥାନ ପାଇଁ ଚୀନର ପାରମ୍ପରିକ 'ହାନଫୁ' ପୋଷାକ ଏବଂ ପାହାଡ଼ିଆ ଅଞ୍ଚଳ ପାଇଁ ସେହି ଅଞ୍ଚଳର ପାରମ୍ପରିକ ପୋଷାକ ଖୁବ୍ ଶସ୍ତାରେ ଉପଲବ୍ଧ ହେଉଛି। 'ଡୋୟିନ୍' (ଚୀନର ଟିକ୍‌ଟକ୍) ଏବଂ 'ସିଆଓହଙ୍ଗସୁ' ଭଳି ସୋସିଆଲ ମିଡିଆ ସାଇଟ୍‌ଗୁଡ଼ିକରେ ପ୍ରଭାବଶାଳୀ ଇନଫ୍ଲୁଏନ୍ସରମାନେ ଏହାକୁ ଏଭଳି ପ୍ରୋତ୍ସାହିତ କରୁଛନ୍ତି ଯେ, ସାଧାରଣ ଲୋକେ ଏହାକୁ ଏକ ଷ୍ଟାଇଲ୍ ଷ୍ଟେଟମେଣ୍ଟ ଭାବେ ଗ୍ରହଣ କରୁଛନ୍ତି। ପ୍ରତିଦିନ ଲକ୍ଷ ଲକ୍ଷ ପୋଷାକ ଏଭଳି ଫିଙ୍ଗାଯିବା ଦ୍ୱାରା ପୃଥିବୀରେ କପଡ଼ା ଆବର୍ଜନା ପାହାଡ଼ ସଦୃଶ ବଢ଼ିବାରେ ଲାଗିଛି, ଯାହା ମାଟିରେ ସହଜରେ ମିଶେ ନାହିଁ। ତେବେ ଏତେ କମ୍ ଦାମରେ ତିଆରି ହେଉଥିବା ଏହି ପୋଷାକଗୁଡ଼ିକରେ କେମିକାଲ୍ ଏବଂ ସିନ୍ଥେଟିକ୍ ମ୍ୟାଟେରିଆଲ୍‌ର ମାତ୍ରା ଅଧିକ ଥାଏ, ଯାହା ତ୍ୱଚା ପାଇଁ କ୍ଷତିକାରକ ଏବଂ ଏଥିଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଲୋକଙ୍କ ପାଇଁ ଏହି ଟ୍ରେଣ୍ଡ ଶସ୍ତା ଏବଂ ସୁବିଧାଜନକ ହୋଇଥାଇପାରେ, କିନ୍ତୁ ପରିବେଶ ବିଶେଷଜ୍ଞ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ଏହାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି।

# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ

# ମାଣ୍ଡିଆ ମଣ୍ଡା



**ଆବଶ୍ୟକ ସାମଗ୍ରୀ**

ଚାଉଳ – ଦୁଇ କପ୍, ମାଣ୍ଡିଆ – ଏକ କପ୍, ନଡ଼ିଆ କୋରା - ଦୁଇ କପ୍, ଚିନି – ଏକ କପ୍, ଗୁଡ଼- ଏକ କପ୍, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ଗୁଜରାତି ଗୁଣ୍ଡ – ଅଧା ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ପାତ୍ରରେ ଚାଉଳ ଓ ରାଗି ବତୁରାଇ ଦୁଇରୁ ତିନି ଘଣ୍ଟା ରଖି ଗ୍ରାଇଣ୍ଡିଂ ଜାର୍‌ରେ ଦେଇ ବାଟନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ପାଣି ଦେଇ ଏକ ଚାମଚ ଘିଅ, ଲୁଣ, ଚିନି ଦେଇ ବଟା ଚାଉଳକୁ ଦେଇ ବହଳିଆ ହେବା ଯାଏ ଏପାଖସେପାଖ କରନ୍ତୁ। ଗ୍ୟାସ୍ ବନ୍ଦ କରି ଥାଳିରେ ସାମାନ୍ୟ ଘିଅ ଦେଇ ଏହାକୁ କାଢ଼ି ଦିଅନ୍ତୁ। ପରେ ଏକ କଡ଼େଇ ନେଇ ସେଥିରେ ଗୁଡ଼, ଘିଅ ଓ ନଡ଼ିଆ କୋରା ଭାଜି ପୁର ପ୍ରସ୍ତୁତ କରନ୍ତୁ। ଏହାକୁ ପ୍ଲେଟ୍‌ରେ କାଢ଼ି ଥଣ୍ଡା ହେବାକୁ ଛାଡ଼ନ୍ତୁ। ପ୍ରସ୍ତୁତ କରି ରଖିଥିବା ମାଣ୍ଡିଆକୁ ହାତରେ ଚକଟି ଗୁଳା ପ୍ରସ୍ତୁତ କରି ନଡ଼ିଆ କୋରା ଦେଇ ମଣ୍ଡା ଗଢ଼ନ୍ତୁ। ଏକ ଇଡ୍‌ଲି ଛାଞ୍ଚରେ ପାଣି ଦେଇ ମଣ୍ଡାଗୁଡ଼ିକୁ ଦେଇ ଷ୍ଟିମ୍ ହେବାକୁ ଛାଡ଼ି ଦିଅନ୍ତୁ। ୨୦ ମିନିଟ୍ ପରେ କାଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମାଣ୍ଡିଆ ମଣ୍ଡା'।

# ମଥାରୁ ବିନ୍ଦି ବାରମ୍ବାର ଖସୁଥିଲେ...



ଅନେକ ସମୟରେ ଝାଳ ସଂସ୍ପର୍ଶରେ ଆସି ବିନ୍ଦି ଖସିଯାଏ। ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ବିଗାଡ଼ିଦିଏ। ତେଣୁ ଏହି ସମସ୍ୟାକୁ ସରଳ ଉପାୟ ଆପଣାଇ ସମାଧାନ କରିପାରିବେ।

- ଅଧିକାଂଶ ମହିଳା ମଏଶ୍ଚରାଇଜର୍ ଲଗାଇବା ପରେ ସନ୍‌ସ୍କ୍ରିନ୍ ଫାଉଣ୍ଡେସନ୍ ନ ଲଗାଇ ସିଧାସଳଖ ବିନ୍ଦି ଲଗାନ୍ତି। ଫଳରେ ତ୍ୱଚାରେ ଥିବା କ୍ରିମ୍, ଝାଳ ଯୋଗୁଁ ବିନ୍ଦି ଖସିଯାଏ। ତେଣୁ ବିନ୍ଦି ଲଗାଇବା ପୂର୍ବରୁ ପ୍ରଥମେ ତୂଳା ସାହାଯ୍ୟରେ ମଥାକୁ ପୋଛି ସଫା କରନ୍ତୁ। ଏହାପରେ କମ୍ପାକ୍ଟ କିମ୍ବା ଲୁଜ୍ ପାଉଡର ଲଗାଇ ଟିକିଲି ଲଗାନ୍ତୁ।
- ସେହିପରି ବିନ୍ଦିକୁ ଶକ୍ତ କରି ଲଖାଇବା ପାଇଁ ଆଇଲ୍ୟାସ୍ ଗ୍ଲୁ ମଧ ଲଗାଇପାରିବେ। ଏହା ବିନ୍ଦି ଖସିବା ସମସ୍ୟାକୁ ଦୂର କରିଥାଏ। ଏଥିପାଇଁ ବିନ୍ଦି ପଛ ପାଖରେ ଅଠା ଲଗାଇ ପାଞ୍ଚମିନିଟ୍ ରଖନ୍ତୁ। ଏହାପରେ ମଥାରେ ଲଗାନ୍ତୁ।
- ଆଇଲ୍ୟାସ୍ ଗ୍ଲୁ ସାହାଯ୍ୟରେ ଗୋଟିଏ ବିନ୍ଦିକୁ ବାରମ୍ବାର ଲଗାଇପାରିବେ। ପାର୍ଟି, ଫଙ୍କସନ୍‌ରେ ମଧ ଏହି ବିନ୍ଦି ଖସେନି।

# ଶୁଷ୍କ ତ୍ୱଚାର ଯତ୍ନ

ଶୁଷ୍କ ତ୍ୱଚା ଏକ ସାଧାରଣ ସମସ୍ୟା ହୋଇଥିବାବେଳେ ଏହା ସବୁ ବର୍ଗର ମହିଳାଙ୍କୁ ପ୍ରଭାବିତ କରିଥାଏ। ଜଳବାୟୁ ପରିବର୍ତ୍ତନ, ଯଥେଷ୍ଟ ପାଣି ନ ପିଇବା, ସାବୁନ ବ୍ୟବହାର ଆଦି ପାଇଁ ତ୍ୱଚାର ପ୍ରାକୃତିକ ଆର୍ଦ୍ରତା ନଷ୍ଟ ହୋଇଯାଏ। ଫଳରେ ତ୍ୱଚା ଶୁଷ୍କ, ରୁକ୍ଷ ହୋଇଯାଏ। ତେଣୁ ଠିକ୍ ସ୍କିନ କେୟାର ରୁଟିନ ଆପଣାଇ ଏହାର ଯତ୍ନ ନେଇପାରିବେ।

**ନଡ଼ିଆ ତେଲ**

ଶୁଷ୍କ ତ୍ୱଚା ପାଇଁ ନଡ଼ିଆ ତେଲ ଉତ୍ତମ ଏବଂ ବେଶ୍ ପ୍ରଭାବୀ ହୋଇଥାଏ। ଏଥିରେ ଥିବା ପ୍ରାକୃତିକ ଫ୍ୟାଟି ଏସିଡ୍ ତ୍ୱଚାକୁ ମଏଶ୍ଚରାଇଜ୍ କରିବାରେ ସହାୟକ ହୋଇଥାଏ। ରାତିରେ ଶୋଇବା ପୂର୍ବରୁ ତ୍ୱଚାରେ ମସାଜ୍ କଲେ ଏହା ଦୀର୍ଘ ସମୟ ସତେଜ ରହିଥାଏ।

**ଆଲୋଭେରା ଜେଲ୍**

ଏଥିରେ ଥିବା ପ୍ରାକୃତିକ ତତ୍ତ୍ୱ ତ୍ୱଚାକୁ ଥଣ୍ଡା ଏବଂ ଆର୍ଦ୍ରତା ପ୍ରଦାନ କରିଥାଏ। ସତେଜ ଆଲୋଭେରାକୁ ମୁହଁରେ ୧୫- ୨୦ ମିନିଟ୍ ଲଗାଇ ରଖିବା ଦ୍ୱାରା ତ୍ୱଚା ହାଇଡ୍ରେଟ୍ ଏବଂ ସତେଜ ଦିଶିଥାଏ। ନିୟମିତ ବ୍ୟବହାର କଲେ ଶୁଷ୍କପଣ କମ୍ ହୋଇଥାଏ।

# ହର୍ବାଲ୍ ସାବୁନରୁ ସ୍ୱାବଲମ୍ବୀ

ଗାଈ, ମଇଁଷି ଭଳି ଛେଳି କ୍ଷୀର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ହୋଇଥାଏ। ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି, ହଜମକ୍ରିୟା, ଏବଂ ପ୍ଲେଟ୍‌ଲେଟ୍ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ପୋଷକ ତତ୍ତ୍ୱରେ ପୂର୍ଣ୍ଣ ଏହି କ୍ଷୀର ଏବେ ମହିଳାଙ୍କ ରୋଜଗାରର ମାଧ୍ୟମ ପାଲଟିଛି। ବିହାର ମୁଙ୍ଗେର ଜିଲ୍ଲାର ମହିଳାମାନେ ଛେଳିକ୍ଷୀରକୁ ଉପଯୋଗ କରି ବିଭିନ୍ନ ହର୍ବାଲ ସାବୁନ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି। ଏହି ସାବୁନ୍ ସମ୍ବେଦନଶୀଳ ତ୍ୱଚା ପାଇଁ ଲାଭଦାୟକ ହେବା ସହ ଆଲର୍ଜି, ଏକ୍‌ଜିମା ଭଳି ଚର୍ମ ସଂକ୍ରମଣରୁ ସୁରକ୍ଷା ଦେଇଥାଏ।





ବିହାର ମୁଙ୍ଗେର କଟାରିୟା ଗ୍ରାମର ମହିଳାମାନେ ପ୍ରାକୃତିକ ଉପାଦାନରେ ସାବୁନ୍ ପ୍ରସ୍ତୁତ କରୁଛନ୍ତି। ମହିଳାଙ୍କ କହିବାନୁଯାୟୀ ଏଥିପାଇଁ ପ୍ରଥମେ ସତେଜ କ୍ଷୀର ସଂଗ୍ରହ କରିବାକୁ ପଡ଼େ। ଏହାକୁ ଛାଣି ନଡ଼ିଆ ତେଲ ଏବଂ ଅଲିଭ୍ ତେଲ ମିଶାଯାଏ। ଏହାପରେ ଏହାକୁ ନିୟନ୍ତ୍ରିତ ମାତ୍ରାରେ ସୋଡ଼ିୟମ୍ ହାଇଡ୍ରକ୍ ସାଇଡ୍ ଘୋଳ ପ୍ରସ୍ତୁତ କରି ତେଲ ଏବଂ ଦୁଗ୍ଧ ମିଶ୍ରଣ କରାଯାଏ। ଏହି ମିଶ୍ରଣକୁ ବହଳିଆ ହେବା ଯାଏ ଘାଣ୍ଟି ଛାଞ୍ଚରେ ପକାଇ ଥଣ୍ଡା କରାଯାଏ। ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଏହି ମିଶ୍ରଣ ଜମିଯାଏ। ଏହାକୁ ତିନିରୁ ଚାରି ସପ୍ତାହ ଏକ ଶୁଖିଲା ସ୍ଥାନରେ ରଖାଯାଏ। ଏହି ପ୍ରକ୍ରିୟାକୁ କ୍ୟୋରିଂ କୁହାଯାଏ। ମହିଳାମାନେ ଚାରିପ୍ରକାର ସୁଗନ୍ଧ ଯୁକ୍ତ ସାବୁନ୍ ପ୍ରସ୍ତୁତ କରିଥାନ୍ତି। ଏଥିରେ ଭାନିଲା, ଲାଭେଣ୍ଡର, ଲେମନ୍‌ଗ୍ରାସ, ଚନ୍ଦନ ସାବୁନ୍ ରହିଛି। ଏହି ସାବୁନ୍ ପ୍ରସ୍ତୁତିରେ ୨୦-୨୨ ଦିନ ସମୟ ଲାଗିଥାଏ।

ମହିଳାଙ୍କ ପାଇଁ ଏହି କାର୍ଯ୍ୟ ଏତେ ସହଜ ନ ଥିଲା। ସେବା ଭାରତ କୋର୍ଡିନେଟର ସୁଶ୍ମିତା ଗୋସ୍ୱାମୀଙ୍କ କହିବାନୁଯାୟୀ, ଦୁଇବର୍ଷ ଧରି ସେ ସାବୁନ ପ୍ରସ୍ତୁତ ପ୍ରକ୍ରିୟା ଜାରି ରଖିଛନ୍ତି। ଅନେକ ଥର ସାବୁନ୍ ଭଲ ହେବା ସହ ଅନେକ ଥର ଖରାପ ମଧ ହେଉଥିଲା। ତଥାପି ମହିଳାମାନେ ନିରାଶ ନ ହୋଇ ପ୍ରୟାସ ଜାରି ରଖିଥିଲେ। ଏବେ ମହିଳାମାନେ ୪୦୦୦ ରୁ ଉର୍ଦ୍ଧ୍ୱ ସାବୁନ୍ ପ୍ରସ୍ତୁତ କରି ବିକ୍ରିବଟା କରୁଛନ୍ତି। ମୁଙ୍ଗେରରେ ଗୋଟିଏ ସାବୁନ୍ ମୂଲ୍ୟ ୬୦, ୭୦ ଟଙ୍କା ଥିବାବେଳେ, ଜିଲ୍ଲା ବାହାରେ ଏହା ୧୫୦ ଟଙ୍କା ମୂଲ୍ୟରେ ବିକ୍ରି ହୋଇଥାଏ। ଏଥିରେ ୧୫ରୁ ଉର୍ଦ୍ଧ୍ୱ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି। ଆଗାମୀ ଦିନରେ ଏହି ମହିଳାଙ୍କ ସଂଖ୍ୟା ୩୦-୪୦ କରିବାକୁ ପ୍ରୟାସ କରୁଛନ୍ତି।

# ଓଢ଼ଣି ପରିବର୍ତ୍ତେ ଆକର୍ଷଣୀୟ କେପ୍



ପୂଜାପର୍ବାଣିରେ ମହିଳାମାନେ ଅଳଙ୍କାର ସହ ପୋଷାକକୁ ନେଇ ବହୁ ପରୀକ୍ଷାନିରୀକ୍ଷା କରିଥାନ୍ତି। ଲେହେଙ୍ଗା ଏବଂ ସୁଟ୍ ସହ ଓଢ଼ଣି ପକାଇ ବିରକ୍ତି ଲାଗୁଥିଲେ, ଏଥିରେ ପରିବର୍ତ୍ତନ କରିପାରିବେ। ଏହା ବଦଳରେ କେପ୍ ପିନ୍ଧି ନିଜକୁ ଏକ ଭିନ୍ନ ଲିକ୍ ଦେଇପାରିବେ।

**ଫେଷ୍ଟିଭ୍ ଫେଶନ**


ଏହା ଦେଖିବାକୁ ଯେତିକି ଷ୍ଟାଇଲିଶ୍, ପିନ୍ଧିବାକୁ ସେତିକି ସହଜ ହୋଇଥାଏ। କାନ୍ଧରୁ ବାରମ୍ବାର ଖସେନି କି ଟେକିବାକୁ ପଡ଼େନି। ବିଶେଷ କରି ପୂଜାପର୍ବରେ ଏହା ପସନ୍ଦିତା ଫେଷ୍ଟିଭ୍ ୱେୟର ଭାବେ ଜଣାଯାଏ। ଏହାକୁ ଲେହେଙ୍ଗା ସମେତ ଅନ୍ୟାନ୍ୟ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ।

**ଲେହେଙ୍ଗାକୁ ମାନିବ**

ପାର୍ଟି, ଫଙ୍କ୍‌ସନ୍‌ରେ ଲେହେଙ୍ଗା ପିନ୍ଧିବାକୁ ଚାହୁଁଥିଲେ କୌଣସି ଓଜନିଆ ଓଢ଼ଣି ବଦଳରେ ହାଲ୍‌କା କେପ ପିନ୍ଧିପାରିବେ। ଏଥିପାଇଁ ନେଟ୍ ଅର୍ଗାଞ୍ଜା ସିଫନ୍ କେପ ପିନ୍ଧିପାରିବେ। ସେହିପରି ଲେହେଙ୍ଗାରେ ଭାରିକାମ ଥିଲେ କେପ୍ ହାଲକା ରଖନ୍ତୁ। ଏଥିସହ ସିମ୍ପଲ ଲେହେଙ୍ଗାକୁ ଏମ୍ବ୍ରୋଡୋରୀ ଏବଂ ଜରିକାମ ଲେହେଙ୍ଗା ଭଲ ମାନିଥାଏ।

# ୟୁଏସ୍ ଓପନ୍: ଡିଫେଣ୍ଡିଂ ଚାମ୍ପିଅନ ଆଲକାରାଜ୍ ବିଦା

ନ୍ୟୁୟର୍କ, ୯।୯ (ଏଜେନ୍ସି): ୟୁଏସ୍ ଓପନ ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲରେ ସବୁଠାରୁ ବଡ଼ ବିପର୍ଯ୍ୟୟ ଘଟିଛି। ୮ମ ସିଡ୍ ଆମେରିକାର ବେନ୍ ଶେଲଟନ ବିଚକ୍ଷଣ ଖେଳ ପ୍ରଦର୍ଶନ କରି ଆଲ୍‌କରାଜଙ୍କୁ ୬-୭, ୬-୧, ୬-୩, ୧-୬, ୭-୬ ସେଟ୍‌ରେ ସେଲ୍‌ଟନ ପରାସ୍ତ କରିଛନ୍ତି। ଏହା ଫଳରେ ସେମିଫାଇନାଲରେ ସେ ନିଜ ଦେଶର ଫ୍ରାନ୍‌ସେସ୍ ଟିଆଫୋଏଙ୍କୁ ଭେଟିବେ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଟିଆଫୋଏ ଲଢୁଆ ଖେଳ ସହ ନିଜ ଦେଶର ଅଣସିଡେଡ ଖେଳାଳି ଆଲେକ୍ସ ମିଚେଲସେନ୍‌ଙ୍କୁ

୩-୨ ସେଟରେ ହରାଇଥିଲେ। ଏହି ମ୍ୟାଚ୍‌ଟି ୪ଘଣ୍ଟା ୨୮ ମିନିଟରେ ଶେଷ ହୋଇଥିଲା। ଆଜି ଖେଳାଯିବାକୁ ଥିବା ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ନଂ-୧ ଆଲେକଜାଣ୍ଡର ଜ୍ୱେରେଭଙ୍କ ସହ ବୋଟିକ୍ ଭାନ ଡି ସ୍କଲଡପ୍‌ଙ୍କ ସହ ଏବଂ ନଂ-୨୮ ସିଡ୍ ଆଲେକଜାଣ୍ଡର ବ୍ଲୁକ୍ସଙ୍କ ସହ ଅଣସିଡେଡ ଖେଳାଳି କାରେନ ଖାଚାନୋଭଙ୍କର ଲଢ଼େଇ ହେବ।

## ସେମିରେ ସାବାଲେଙ୍କା-ପେଗୁଲା

ମହିଳା ସିଙ୍ଗଲ୍‌ସର ପ୍ରଥମ ସେମିଫାଇନାଲରେ ଟପ୍ ସିଡ୍ ଆରିନା ସାବାଲେଙ୍କା ଓ ୩ୟ ସିଡ୍ ଜେସିକା ପେଗୁଲାଙ୍କ ମଧ୍ୟରେ ମୁକାବିଲା ହେବ। ଚଳିତବର୍ଷ ୱିମ୍ବଲଡନ ଚାମ୍ପିଅନ୍ ଚେକିଆର ଲିଣ୍ଡା ନୋସ୍କୋଭାଙ୍କୁ ହରାଇବା ପାଇଁ ବେଲାରୁଷର ସାବାଲେଙ୍କା ନାକେଦମ୍ ହୋଇ ଯାଇଥିଲେ। ୨ ଘଣ୍ଟା ୨୨ ମିନିଟର ମୁକାବିଲାରେ ନୋସ୍କୋଭାଙ୍କୁ ୭-୬, ୩-୬, ୭-୬ ସେଟ୍‌ରେ ସାବାଲେଙ୍କା ପରାସ୍ତ କରିଛନ୍ତି। କ୍ୱାର୍ଟରରେ ୩ୟ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ଜିତିବା ପାଇଁ ମଧ ୩ଟି ସେଟ୍ ଖେଳିବାକୁ ପଡ଼ିଥିଲା। ୨ ଘଣ୍ଟା ୨୧ ମିନିଟର ଲଢ଼େଇରେ ୨୬ନଂ ସିଡ୍ ଆମେରିକାର ଏମ୍ମା ନାଭାରୋଙ୍କୁ ୩-୬, ୬-୪, ୬-୩ ସେଟ୍‌ରେ ପେଗୁଲା ହରାଇଥିଲେ। ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ କୋକୋ ଗଫ୍‌ଙ୍କ ସହ ମୀରା ଆନ୍ଦ୍ରୀଭାଙ୍କର ଓ ନଂ-୨ ଏଲିନା ରିବାକିନାଙ୍କ ସହ କ୍ୱିନେନ୍ ଝେଙ୍ଗ୍‌ଙ୍କର ମୁକାବିଲା ହେବ।

**ଦୁଲୀପ୍ ଟ୍ରଫି: ଇଶାନ କିଶାନ, ଶିଖର ମୋହନଙ୍କ ଅର୍ଦ୍ଧଶତକ**

# ଟାଇଟଲ୍ ବିଜୟର ଦ୍ୱାରଦେଶରେ ପୂର୍ବାଞ୍ଚଳ

ଚେନ୍ନାଇ, ୯।୯ (ଏଜେନ୍ସି)

ଏଠାରେ ଚାଲିଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫିରେ ପ୍ରତିଦ୍ୱନ୍ଦ୍ୱୀ ପୂର୍ବାଞ୍ଚଳ ଟାଇଟଲ ବିଜୟର ଦ୍ୱାରଦେଶରେ ପହଞ୍ଚିଛି। ଏହି ମ୍ୟାଚ୍ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଖେଳାଯାଉଥିଲାବେଳେ ପ୍ରଥମ ଇନିଂସରେ ପୂର୍ବାଞ୍ଚଳ ୩୭୨ ରନ୍‌ର ଅଗ୍ରଣୀ ନେଇ ଟାଇଟଲ ଜିତିବାର ରାସ୍ତା ପରିଷ୍କାର କରିନେଇଛି। ଏତେ ବିଶାଳ ରନ୍ ଅଗ୍ରଣୀ ନେବା ଓ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୩୩୬ ରନ୍‌ରେ ଆଉଟ ହୋଇ ଫଲୋଅନ୍ ହୋଇଥିଲେ ମଧ ପୂର୍ବାଞ୍ଚଳ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦ୍ୱିତୀୟଇନିଂସରେଇଶାନ କିଶାନ ୮୦ ଓ ଶିଖର ମୋହନ ୫୨ ରନ୍ କରିବା ଫଳରେ ଚତୁର୍ଥ ଦିନ ଖେଳ ବନ୍ଦବେଳକୁ ପୂର୍ବାଞ୍ଚଳ ୫ ୱିକେଟ ହରାଇ ୨୧୨ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ପୂର୍ବାଞ୍ଚଳ ୫୮୪ ରନ୍‌ରେ ଆଗୁଆ ରହି ଟାଇଟଲ ଜିତିବା ସ୍ପଷ୍ଟ କରିଛି। ଆସନ୍ତାକାଲି ୫ମ ତଥା ଶେଷ ଦିନରେ କିଛି ସମୟ ବ୍ୟାଟିଂ କରିବା ପରେ



ପୂର୍ବାଞ୍ଚଳ ଇନିଂସ ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ପରେ ବୋଲରମାନେ ଦକ୍ଷିଣାଞ୍ଚଳ ବ୍ୟାଟରଙ୍କୁ ପାଭିଲିଅନ୍ ଫେରାଇବା ଲାଗି ଚେଷ୍ଟା କରିବ। ଚେନ୍ନଇର ଅସହ୍ୟ ଗରମ ଯୋଗୁଁ ପୂର୍ବାଞ୍ଚଳ ଫଲୋଅନ ନ ଦେଇ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ସ୍ପଷ୍ଟ ହୋଇଛି।

ଏହି ମ୍ୟାଚ୍‌ର ଚତୁର୍ଥ ଦିନ ଦକ୍ଷିଣାଞ୍ଚଳ କିଛି ଲଢୁଆ ବ୍ୟାଟିଂ କରିବ ବୋଲି ଆଶା କରାଯାଉଥିଲା। ଗତକାଲିର ଦୁଇ ଅପରାଜିତ ବ୍ୟାଟର ଚାମା ମିଲିନ୍ଦ ଓ ତିଲକ ବର୍ମା ଆଶାନୁଯାୟୀ ବ୍ୟାଟିଂ କରିଥିଲେ। କିନ୍ତୁ ୭ମ ୱିକେଟରୁ ଏମାନେ ୭୮ ରନ୍ ଉଠାଇବା ପରେ ଚାମା ୪୩ ରନ୍ କରି ଦଳୀୟ ସ୍କୋର ୩୧୮ରେ ଆଉଟ ହୋଇଥିଲେ। ଏହି ଯୋଡି ଭାଙ୍ଗିବା ସହ ଦକ୍ଷିଣାଞ୍ଚଳ ୧୮ ରନ୍‌ରେ ଶେଷ ୪ଟି ୱିକେଟ ହରାଇ ୩୩୬ ରନ୍‌ରେ ଅଲଆଉଟ ହୋଇ ପୂର୍ବାଞ୍ଚଳର ଦୁଲୀପ୍ ଟ୍ରଫି ଜିତିବା ରାସ୍ତା ପରିଷ୍କାର କରିଦେଇଥିଲା। ଶତକ ହାସଲ କରିବା ଲାଗି ରିସ୍କ ଓ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ୯୯ରନ୍‌ରେ ୧୦ତମ ତଥା ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ। ପୂର୍ବାଞ୍ଚଳ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୩ଟି, ମହମ୍ମଦ୍ ସାମି, ମହମ୍ମଦ୍ କୌନେନ୍ କ୍ୟୁରେଶୀ ଓ ଶିଖର ମୋହନ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

୩୭୨ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେଇ ଏହି ମ୍ୟାଚ୍‌କୁ କବ୍‌ଜା କରିବା ପରେ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ପୂର୍ବାଞ୍ଚଳ ୧୩ରନ୍‌ରେ ୨ଜଣ ଓପନରଙ୍କୁ ହରାଇଥିଲା। ଏହା ପରେ ମୋହନ ଓ କିଶାନ ତୃତୀୟ ୱିକେଟରେ ୧୨୬ ରନ୍ ଉଠାଇ ସ୍ଥିତି ସମ୍ଭାଳିଥିଲେ ଓ ଆଗ ପଛ ହୋଇ ଆଉଟ ହୋଇଯାଇଥିଲେ। ପ୍ରଥମ ଇନିଂସରେ ୨୭୦ ରନ୍ କରିଥିବା କିଶାନ ଏଠାରେ ୯୮ବଲ୍ ଖେଳି ୯ଚୌକା ଓ ୩ଛକା ସହ ୮୦ ଏବଂ ୮୫ ରନ୍ କରିଥିବା ମୋହନ ୮୫ବଲ୍‌ରୁ ୫୨ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ସୁଦୀପ ଘରାମି (୨) ରନ୍‌ଆଉଟ ହେବା ପରେ ୧୭୦ ରନ୍‌ରେ ପୂର୍ବାଞ୍ଚଳର ୫ମ ୱିକେଟ ପଡ଼ିଥିଲା। କିନ୍ତୁ କ୍ୟୁରେଶୀ ୩୦ବଲ୍‌ରୁ ୨୬ ଏବଂ ପ୍ରଥମ ଇନିଂସ ସେଞ୍ଚୁରିଆନ୍ କୁମାର କୁଶାଗ୍ର ୫୫ବଲ୍‌ରୁ ୩୪ ରନ୍ କରି ଶେଷଯାଏ ଅପରାଜିତ ରହିବା ଫଳରେ ପୂର୍ବାଞ୍ଚଳର ଆଉ କୌଣସି କ୍ଷତି ହୋଇ ନ ଥିଲା। ଏମାନେ ଅବିଭକ୍ତ ୬ଷ୍ଠ ୱିକେଟରୁ ୫୨ ରନ୍ ଉଠାଇ ଦଳକୁ ନିରାଶରୁ ରକ୍ଷା କରିଥିଲେ।

**ପାରା ଆର୍ଚରୀ ସିରିଜ୍**

## ଶିତଲ ଦେବୀଙ୍କୁ ସ୍ୱର୍ଣ୍ଣ

ଅହମ୍ମଦାବାଦ୍, ୯।୯ (ଏଜେନ୍ସି): ଭାରତର ଶିତଲ ଦେବୀ ଏଠାରେ ଚାଲିଥିବା ୱାର୍ଲ୍ଡ



ପାରା ଆର୍ଚରୀ ସିରିଜ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ ମହିଳା କମ୍ପାଉଣ୍ଡ ଏକକ ଫାଇନାଲରେ ସେ ୬-୦ରେ କାଜାଖସ୍ତାନର ଆଇଜାଦା ସେଇଦାନଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି। ଜନ୍ମରୁ ଦୁଇଟିଯାକ ହାତ ନ ଥିବା ବିଶ୍ୱର ଏହି ପ୍ରଥମ ପାରା ଆର୍ଚର ନିଜ ଗୋଡ଼ ସାହାଯ୍ୟରେ ବିଶ୍ୱରେ ଶ୍ରେଷ୍ଠତ୍ୱ ଲାଭ କରିଛନ୍ତ। ସେହିପରି ଭାରତର ହରବିନ୍ଦର ସିଂହ ଓ ଭାବନା ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମହିଳା ରିକର୍ଭ ଏକକରେ ରାଜଶ୍ରୀ ରାଠୋଡଙ୍କୁ ହରାଇ ଭାବନ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। କମ୍ପାଉଣ୍ଡ କାଟେଗୋରୀରେ ତୋମାନ କୁମାର ଆଉ ଏକ କାଂସ୍ୟ ପଦକ ହାସଲ କରିଛନ୍ତି।

ଗତକାଲି ଭାରତର ଡିଫେଣ୍ଡିଂ ଚାମ୍ପିଅନ ତୋମାନ କୁମାର ଓ ଶ୍ୟାମସୁନ୍ଦର ସ୍ୱାମୀ ପୁରୁଷ କମ୍ପାଉଣ୍ଡ ପେୟାରରେ, ହରବିନ୍ଦର ସିଂହ ଓ ବିଜୟ ସୁନ୍ଦି ରିକର୍ଭ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ମହିଳା ବିଭାଗ ରିକର୍ଭ ଟିମ୍ ଭାବନା ଓ ପୂଜା ଭଲ ପ୍ରଦର୍ଶନ କରି ନ ପାରି ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶାର ପାୟଲ ନାଗ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ।

**● ଆଇସିସି ଦିନିକିଆ ମାନ୍ୟତା**

## ଲଗାତାର ୩୫ ମାସ ଧରି ଶୀର୍ଷରେ ଭାରତ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ନୂଆ ଦିନିକିଆ ଦଳୀୟ ମାନ୍ୟତାରେ ଭାରତ ଲଗାତାର ୩୫ତମ ମାସ ପାଇଁ ଶୀର୍ଷସ୍ଥାନ ବଜାୟ ରଖିଛି। ୩୩ଟି ମ୍ୟାଚ୍‌ରୁ ୩,୮୪୧ ପଏଣ୍ଟ ସହ ଭାରତର ରେଟିଂ ୧୧୬ ରହିଛି। ନ୍ୟୁଜିଲାଣ୍ଡ ୧୦୯ ରେଟିଂ ସହ ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆ ୧୦୨ ରେଟିଂ ସହ ତୃତୀୟ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା ମଧ ୧୦୨ ରେଟିଂ ସହ ଚତୁର୍ଥ ସ୍ଥାନରେ ରହିଛି। ପାକିସ୍ତାନ ୧୦୦ ରେଟିଂ ସହ ପଞ୍ଚମ, ଶ୍ରୀଲଙ୍କା ୯୬ ସହ ଷଷ୍ଠ, ଇଂଲଣ୍ଡ ୯୩ ସହ ସପ୍ତମ, ଆଫଗାନିସ୍ତାନ ୯୨ ସହ ଅଷ୍ଟମ, ବାଂଲାଦେଶ ୮୩ ସହ ନବମ ଏବଂ ୱେଷ୍ଟଇଣ୍ଡିଜ୍ ୭୭ ରେଟିଂ ସହ ଦଶମ ସ୍ଥାନରେ ରହିଛି। ଭାରତ ୨୦୨୩ ସେପ୍ଟେମ୍ବରରେ ପାକିସ୍ତାନକୁ ପଛରେ ପକାଇ ଦିନିକିଆ ମାନ୍ୟତାର ଶୀର୍ଷକୁ ଉଠିଥିଲା। ବର୍ତ୍ତମାନ ନ୍ୟୁଜିଲାଣ୍ଡଠାରୁ ୭ ରେଟିଂ ପଏଣ୍ଟ ଆଗରେ ରହି ଭାରତ ନିଜର ଆଧିପତ୍ୟ ଜାରି ରଖିଛି।

## ୧୮୮ କୋଟି କ୍ଷତି ସହିବ ଶ୍ରୀଲଙ୍କା କ୍ରିକେଟ୍

କଲମ୍ବୋ, ୯।୯ (ଏଜେନ୍ସି): ଆସନ୍ତାବର୍ଷ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଥିବା ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ଅଧିକାର ହରାଇବା ପରେ ଶ୍ରୀଲଙ୍କା କ୍ରିକେଟ୍‌କୁ ଆନୁମାନିକ ୨୦ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୧୮୮ କୋଟି ଟଙ୍କା) ରାଜସ୍ୱ କ୍ଷତି ହେବ ବୋଲି ଆକଳନ କରାଯାଇଛି। ମୂଳତଃ ଏହି ପ୍ରତିଯୋଗିତା ଶ୍ରୀଲଙ୍କାରେ ଆୟୋଜିତ ହେବାର ଥିଲା। କିନ୍ତୁ ଆୟୋଜନ ଅଧିକାର ହଟାଯାଇ ଭାରତକୁ ଦିଆଯାଇଛି। ୨୦୨୭ ଫେବ୍ରୁଆରୀ ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଭାରତରେ ଏହି ପ୍ରତିଯୋଗିତା ଖେଳାଯିବ। ମୁମ୍ବାଇ ଓ ବଡୋଦରାରେ ମ୍ୟାଚ୍ ଆୟୋଜିତ ହେବ। ଶ୍ରୀଲଙ୍କା କ୍ରିକେଟ୍‌ର ପରିବର୍ତ୍ତନ କମିଟିର ସଚିବ ପ୍ରକାଶ ସାପ୍ଟର କହିଛନ୍ତି ଯେ, ପ୍ରତିଯୋଗିତାର ଆୟୋଜନ ପାଇଁ ଶ୍ରୀଲଙ୍କାକୁ ପ୍ରାୟ ୨ ନିୟୁତ ଡଲାର ଆୟୋଜନ ଶୁଳ୍କ ମିଳିଥାନ୍ତା। ଆଇସିସି ଶ୍ରୀଲଙ୍କାରୁ ଆୟୋଜନ ଅଧିକାର ହଟାଇବାର କାରଣ ଭାବେ ସରକାରୀ ହସ୍ତକ୍ଷେପ ଜାରି ରହିବା ଏବଂ ଶ୍ରୀଲଙ୍କା କ୍ରିକେଟ୍‌ରେ ନିର୍ବାଚିତ ପ୍ରଶାସନ ନ ଥିବାକୁ ଦର୍ଶାଇଛି। ଗତ ସପ୍ତାହରେ ଆଇସିସି ଏହି ଛଅ ଦଳୀୟ ପ୍ରତିଯୋଗିତାକୁ ଭାରତକୁ ସ୍ଥାନାନ୍ତର କରିବା ନେଇ ଘୋଷଣା କରିଥିଲା।

**ଏସିଆ କପ୍ ମହିଳା କ୍ରିକେଟ ସେମିଫାଇନାଲ**

## ବାଂଲା ବିପକ୍ଷରେ ଭାରତ ଫେବରାଇଟ୍

ଦୁବାଇ, ୯।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ମହିଳା କ୍ରିକେଟର ସେମିଫାଇନାଲ ପର୍ଯ୍ୟାୟ ମୁକାବିଲା ଆସନ୍ତାକାଲିଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ୍‌ରେ ଟାଇଟଲର ଦୃଢ଼ ଦାବିଦାର ଭାରତ ସହ ବାଂଲାଦେଶର ମୁକାବିଲା ହେବ। ସେହିପରି ଶୁକ୍ରବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ସହ ପାକିସ୍ତାନର ମୁକାବିଲା ହେବ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଥିଲା। ଲିଗ୍ ପର୍ଯ୍ୟାୟରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ଗ୍ରୁପ୍-ଏ'ରୁ ଭାରତ ଏବଂ ଗ୍ରୁପ୍-ବି'ରୁ ଶ୍ରୀଲଙ୍କା ଶୀର୍ଷସ୍ଥାନରେ ରହି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବାଂଲାଦେଶ ବିପକ୍ଷରେ ଆସନ୍ତାକାଲି



ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତକୁ ଫେବରାଇଟ ବିବେଚନା କରାଯାଇଛି। କ୍ରିକେଟର ସମସ୍ତ ବିଭାଗରେ ଭାରତ ଶ୍ରେଷ୍ଠତ୍ୱ ଓ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ସେମିଫାଇନାଲକୁ ଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ଦଳ ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୯୪ରନ୍, ହଂକଂକୁ ୧୩୭ରନ୍ ଓ ପାକିସ୍ତାନକୁ ୯ ଓଭରରେ ୭ୱିକେଟରେ ହରାଇଛି। ବିଶେଷ କରି ପାକିସ୍ତାନକୁ ୫୫ ରନ୍‌ରେ ଅଲଆଉଟ କରିବା ପରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ବେଶ ପ୍ରଭାବଶାଳୀ ଖେଳିଛି। ବ୍ୟାଟିଂ ହେଉ ଅବା ବୋଲିଂ ସବୁ ବିଭାଗରେ ଭାରତର ଦବ୍‌ଦବା ରହିଛି। ସ୍ମୃତି ମନ୍ଧାନାଙ୍କ ଶତକ, ନନ୍ଦିନୀ ଶର୍ମା, ଶ୍ରୀ ଚରଣିଙ୍କ ଚତୁର ବୋଲିଂ ସାଙ୍ଗକୁ ଶେଫାଳି ବର୍ମା ଓ ଦୀପ୍ତି ଶର୍ମାଙ୍କ ଅଲ୍‌ରାଉଣ୍ଡ ସଫଳତା ଦଳକୁ ଫାଇଦାରେ ରଖିଛି। ଅନ୍ୟ ପକ୍ଷରେ ସାରା ଟୁର୍ଣ୍ଣାମେଣ୍ଟରେ ସଂଘର୍ଷ କରିଥିବା ବାଂଲାଦେଶ ଯଦି ଲଢୁଆ ଖେଳି ପାରିଲା ତେବେ ମୁକାବିଲାଟି ଉପଭୋଗ୍ୟ ହୋଇପାରିବ।

## ଭାରତ-ଏ' ଦଳରେ ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଫିଟ୍‌ନେସ ଫେରିପାଇବାକୁ ହାର୍ଦ୍ଦିକ ପାଣ୍ଡ୍ୟା ଯେତିକି ଚେଷ୍ଟା କରୁଛନ୍ତି, ତା ଠାରୁ ଅଧିକ ଚେଷ୍ଟା କରୁଛି ବିସିସିଆଇ। ଦକ୍ଷିଣ ଆଫ୍ରିକାରେ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍ ଦଳରେ କିପରି ହାର୍ଦ୍ଦିକ ଭଲ ଖେଳିବେ ତାହାକୁ ନେଇ ବିସିସିଆଇର ଢ଼େର ଚିନ୍ତା। ଏଣୁ ଏବେ ସେ ପୂରା ଫିଟ୍ ହୋଇ ନ ଥିଲେ ମଧ ଚଳିତମାସ ଭାରତ ଗସ୍ତରେ ଆସିବାକୁ ଥିବା ଅଷ୍ଟ୍ରେଲିଆ-ଏ' ବିପକ୍ଷ ଦିନିକିଆ ସିରିଜ୍ ଲାଗି ତାଙ୍କୁ ଭାରତ-ଏ' ଦଳରେ ସାମିଲ କରାଯାଇଛି। କିନ୍ତୁ ସାମିଲ କରିବା ପୂର୍ବରୁ ତାଙ୍କର ଫିଟ୍‌ନେସ ପରୀକ୍ଷା କରାଯିବ ଓ ଏଥିରେ ସଫଳ ହେଲେ ଖେଳିବାକୁ ଅନୁମତି ମିଳିବ। ଅଷ୍ଟ୍ରେଲିଆ-ଏ'ର ସିରିଜ୍ ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୧୧ ଯାଏ ଚାଲିବ। ଏହା ମଧ୍ୟରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଋତୁରାଜ ଗାଏକ୍ୱାଡଙ୍କୁ ଦିନିକି ଦଳର ଓ ଦେବଦତ୍ତ ପାଡିକଲଙ୍କୁ ଟେଷ୍ଟ ଦଳର ନେତୃତ୍ୱ ଦିଆଯାଇଛି। ଏହି ସିରିଜ୍ ଲାଗି ମଧ ଅଷ୍ଟ୍ରେଲିଆ-ଏ' ଦଳ ଘୋଷଣା କରାଯାଇଛି। ଉଭୟ ଦଳରେ ଦୁଇଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ସାମିଲ ହୋଇଛନ୍ତି। ଦିନିକିଆ ଦଳରେ ତନବୀର ସାଙ୍ଘା ଓ ନିଖିଳ ଚୌଧୁରି, ଅନଅଫିସିଆଲ ଟେଷ୍ଟ ଦଳରେ କେବଳ ସାଙ୍ଘାଙ୍କୁ ସାମିଲ କରାଯାଇଛି।

**ଅଷ୍ଟ୍ରେଲିଆ-ଏ' ଖେଳସୂଚୀ**

ସେପ୍ଟେମ୍ବର ୨୨ରୁ ୨୫- ପ୍ରଥମ ଅନ୍ ଅଫିସିଆଲ ଟେଷ୍ଟ, ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨- ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ, ଅକ୍ଟୋବର ୬- ପ୍ରଥମ ଦିନିକିଆ, ଅକ୍ଟୋକର ୯- ଦ୍ୱିତୀୟ ଦିନିକିଆ ଓ ଅକ୍ଟୋବର ୧୧- ତୃତୀୟ ଦିନିକିଆ। ଭେନ୍ୟୁ-ପୁଡୁଚେରୀ।

**ଇଂଲଣ୍ଡ ପେସରଙ୍କ ଘାତକ ବୋଲିଂ**

## ପାକିସ୍ତାନ ୧୩୩ ରନ୍‌ରେ ଅଲଆଉଟ୍

ବର୍ମିଂହାମ, ୯।୯ (ଏଜେନ୍ସି): ୩ଜଣ ଡେବ୍ୟୁଟାଣ୍ଟ ଓ ୪ ଜଣ ଖେଳାଳି ପରିବର୍ତ୍ତନ କରି ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ଖେଳିଥିବା ପାକିସ୍ତାନ ପ୍ରଥମ ଇନିଂସରେ ୩୩.୫ ଓଭର ଖେଳି ୧୩୩ ରନ୍‌ରେ ଅଲଆଉଟ ହୋଇଯାଇଛି। ଜବାବରେ ଶେଷ ଖବର ସୁଦ୍ଧା ଇଂଲଣ୍ଡ ପ୍ରଥମ ଇନିଂସରେ ୩୬ ଓଭରରେ ୪ ୱିକେଟ ହରାଇ ୧୪୯ ରନ୍ ସଂଗ୍ରହ କରିନେଇଛି। ଏମିଲିଓ ଗେ' ୬୦ରନ୍‌ରେ ଆଉଟ ହୋଇଥିଲାବେଳେ ହ୍ୟାରି ବ୍ରୁକ୍ ୪୯ ରନ୍‌ରେ ବ୍ୟାଟିଂ କରୁଥିଲେ। ପାକିସ୍ତାନ ପ୍ରଥମ ଇନିଂସରେ ସାଉଦ୍ ସକିଲ ସର୍ବାଧିକ ୪୩ ଓ ମହମ୍ମଦ୍ ଆବାସ ୨୧ରନ୍ କରିଥିଲେ। ଅଧିନାୟକ ବାବର ଆଜମଙ୍କ ସମେତ ୯ଜଣ ଡବଲ ଫିଗର ଛୁଇଁପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ୍ ୪ଟି, ଓଲି ରବିନସନ ଓ ଜୋଫ୍ରା ଆର୍ଚର ୩ଟି ଲେଖାଏଁ ୱିକେଟ ନେଇ ପାକିସ୍ତାନ ବ୍ୟାଟିଂକୁ ଧ୍ୱଂସ କରିଦେଇଥିଲେ।

## ଜୋର୍ଡାନ ୧୫୦: ଦ.ଆଫ୍ରିକା ବିଜୟୀ

ୱିଣ୍ଡୋହକ, ୯।୯ (ଏଜେନ୍ସି): ଡେବ୍ୟୁଟାଣ୍ଟ ଓପନର ଜୋର୍ଡାନ ହର୍ମାନଙ୍କ ୧୨୬ବଲ୍‌ରୁ ୧୫୦ ରନ୍ ସଂଗୃହୀତ ହେବା ପରେ ଏଠାରେ ବୁଧବାର ଖେଳାଯାଇଥିବା ବର୍ଷାବାଧାପ୍ରାପ୍ତ ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକା ୯୯ ରନ୍‌ରେ ନାମିବ୍ୟାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୬ ୱିକେଟରେ ୩୪୮ ରନ୍ କରିଥିଲା। ଜବାବରେ ବର୍ଷା ଯୋଗୁଁ ଖେଳ ବାଧା ପାଇବାରୁ ଡିଏଲଏସ୍ ମେଥଡ ଅନୁଯାୟୀ ନାମିବ୍ୟା ଆଗରେ ୩୧ ଓଭରରେ ୨୬୨ ରନ୍‌ର ଲକ୍ଷ୍ୟ ରଖାଯାଇଥିଲା। ଦଳ ଏଥିରେ ୮ ୱିକେଟ ହରାଇ ୧୬୨ରନ୍ କରିବାକୁ ସମର୍ଥ ହୋଇଥିଲା।

**ଏସୀୟ ରଗ୍‌ବୀ ସିରିଜ୍**

## ଜାତୀୟ ସିନିଅର କ୍ୟାମ୍ପରେ ଓଡ଼ିଶାରୁ ୯

ଭୁବନେଶ୍ୱର, ୯।୯ (ସମିସ): ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜ୍-୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ ଶ୍ରୀଲଙ୍କାରେ ଅକ୍ଟୋବର ୧୭ରୁ ୧୮ ତାରିଖଯାଏ ଅନୁଷ୍ଠିତ ହେବ। ଏହି ସିରିଜ୍ ଲାଗି ଭାରତର ଉଭୟ ପୁରୁଷ ଓ ମହିଳା ଦଳର ପ୍ରସ୍ତୁତି ଶିବିର କୋଲକାତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ଣ୍ଣ



ସେଣ୍ଟରରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୧୪ ତାରିଖ ଯାଏ ଚାଲିବ। ଏହି ଶିବିର ଲାଗି ମନୋନୀତ ଭାରତୀୟ ସିନିଅର ଦଳରେ ଓଡ଼ିଶାର ୩ଜଣ ପୁରୁଷ ଓ ୬ଜଣ ମହିଳା ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଖେଳାଳି ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡା ମାଝୀ ଓ ଯୁଗଳ କିଶୋର ମାଝୀ। ମହିଳା ଖେଳାଳିମାନେ ହେଲେ ଡୁମୁଣି ମାରାଣ୍ଡି, ନିର୍ମାଲ୍ୟ ରାଉତ, ମାମା ନାଏକ, ସନ୍ଧ୍ୟାରାଣୀ ଟୁଡ୍ଡୁ, ପାର୍ବତୀ ହାଁସ୍‌ଦା ଓ ଆରତି ମୁର୍ମୁ। ମନୋନୀତ ଖେଳାଳିଙ୍କୁ ଓଡ଼ିଶା ରଗ୍‌ବୀ ସଂଘର କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହି ଶିବିରରୁ ଭାରତର ଚୂଡାନ୍ତ ଦଳ ଚୟନ କରାଯିବ।

**ଅନ୍‌ମୋଲ ଏକ୍କା ଏକା ଦେଲେ ୬ ଗୋଲ**

## ତାଇପେଇକୁ ୧୫-୦ ଗୋଲରେ ହରାଇଲା ଭାରତ

ମୋକି/ଚୀନ୍, ୯।୯ (ଏଜେନ୍ସି)]

ଓଡ଼ିଶା ଖେଳାଳି ତଥା ଅଧିନାୟକ ଅନ୍‌ମୋଲ ଏକ୍କା ଏକାକୀ ୬ ଗୋଲ ଦେବା ଫଳରେ ଏଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଏଏଚ୍‌ଏଫ୍ ଜୁନିଅର ଏସିଆ କପ୍-୨୦୨୬ ହକି ପ୍ରତିଯୋଗିତାରେ ଆଜି ଖେଳାଯାଇଥିବା ଗ୍ରୁପ୍ ମ୍ୟାଚ୍‌ରେ ଭାରତ ୧୫-୦ ଗୋଲରେ ତାଇପେଇ (ଚାଇନିଜ୍ ତାଇପେ)କୁ ପରାସ୍ତ କରିଛି। ଏହା ଫଳରେ ୧୦ ପଏଣ୍ଟ ସହ ଭାରତ ଗ୍ରୁପ-ଏ'ରେ ପ୍ରଥମସ୍ଥାନ ହାସଲ କରିବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟ ପକ୍ଷରେ ଜାପାନକୁ ୩-୨ ଗୋଲରେ ହରାଇ ଦକ୍ଷିଣ କୋରିଆ ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବାକୁ



ଯୋଗ୍ୟତା ଅର୍ଜନ କରିଛି।

ଆଜି ଖେଳାଯାଇଥିବା ତାଇପେ ବିପକ୍ଷ ମ୍ୟାଚ୍ ସମ୍ପୂର୍ଣ୍ଣ ଏକତରଫା ହୋଇଥିଲା। ଏଥିରେ ଓଡ଼ିଆ ଖେଳାଳି ଆର୍ଯ୍ୟନ ଖେସ୍ ଗୋଲ ସ୍କୋରିଂ ଆରମ୍ଭ କରିଥିଲେ। କିନ୍ତୁ ଘନ ଘନ ଆକ୍ରମଣ ଫଳରେ ଭାରତକୁ ଏକାଧିକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ତାହା ମଧ୍ୟରୁ ଅଧିନାୟକ ଅନ୍‌ମୋଲ ଏକାକୀ ୬ଟି ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟନ ଖେସ୍ ଓ ହରପାଲ ସିଂ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହା ଫଳରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଅନ୍‌ମୋଲଙ୍କ ଗୋଲ ସଂଖ୍ୟା ୧୪ରେ ପହଞ୍ଚିଛି। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ୬-୦ ଗୋଲରେ ଆଗୁଆ ରହିଥିଲା।

## ମହିଳା ହକି: କ୍ୱାର୍ଟରରେ ଭାରତ-ପାକିସ୍ତାନ

ମୋକି, ୯।୯ (ଏଜେନ୍ସି): ୨୦୨୬ ଜୁନିଅର ମହିଳା ହକି ଏସିଆ କପ୍‌ର ଏଲିଟ୍ ପୁଲ୍ ପର୍ଯ୍ୟାୟରେ ଭାରତ ଅପରାଜିତ ରହି ଶୀର୍ଷସ୍ଥାନ ହାସଲ କରିଛି। ବୁଧବାର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଆୟୋଜକ ଚୀନ୍ ବିପକ୍ଷରେ ଭାରତ ଗୋଲ୍‌ଶୂନ୍ୟ ଡ୍ର' ଖେଳିଛି। ତିନିଟି ବିଜୟ ଓ ଗୋଟିଏ ଡ୍ର' ସହ ଭାରତ ୧୦ ପଏଣ୍ଟ ପାଇ ଗୋଲ୍ ବ୍ୟବଧାନ ଆଧାରରେ ପୁଲ୍‌ର ଶୀର୍ଷରେ ରହିଛି। କଡ଼ା ସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚ୍‌ରେ ଉଭୟ ଦଳ ସୁଯୋଗ ପାଇଥିଲେ ମଧ ଗୋଲ ଦେଇ ପାରି ନଥିଲେ। ଫଳରେ ମ୍ୟାଚ୍ ବିନା ଗୋଲରେ ଶେଷ ହୋଇଥିଲା। ଏହି ଫଳାଫଳ ପରେ ଭାରତ ଓ ଚୀନ୍ ଉଭୟେ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି। ଉଭୟ ଦଳ ଏଲିଟ୍ ପୁଲ୍ ପର୍ଯ୍ୟାୟରେ ୧୦ ପଏଣ୍ଟ ହାସଲ କରିଥିବାବେଳେ ଉନ୍ନତ ଗୋଲ୍ ବ୍ୟବଧାନ ଯୋଗୁଁ ଭାରତ ଶୀର୍ଷସ୍ଥାନ ଦଖଲ କରିଛି। ଏବେ ଭାରତ ନକ୍‌ଆଉଟ୍ ପର୍ଯ୍ୟାୟରେ ପାକିସ୍ତାନକୁ ଭେଟିବ। ଆସନ୍ତା ୧୦ରେ ହେବାକୁ ଥିବା ପ୍ରଥମ କ୍ୱାର୍ଟରଫାଇନାଲ୍‌ରେ ଉଭୟ ଦଳ ମୁହାଁମୁହିଁ ହେବେ। ପାକିସ୍ତାନ ପୁଲ୍‌ରେ ଚାରିଟି ମ୍ୟାଚ୍‌ରୁ ସାତ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଭାରତୀୟ ଜୁନିଅର ମହିଳା ଦଳ ପାକିସ୍ତାନ ବିପକ୍ଷ କ୍ୱାର୍ଟରଫାଇନାଲ୍‌ରେ ବିଜୟ ହାସଲ କରି ଟୁର୍ଣ୍ଣାମେଣ୍ଟରେ ଦୃଢ଼ ଭାବେ ଅଗ୍ରଗତି କରିବା ଲକ୍ଷ୍ୟ ରଖିଛି।

## ଓଡ଼ିଶା ଏଫ୍‌ସିରେ ସାମିଲ ହେଲେ ଗୋଲରକ୍ଷକ ସଚିନ ସୁରେଶ

ଭୁବନେଶ୍ୱର, ୯।୯ (ସମିସ): ଭାରତୀୟ ଗୋଲ୍‌ରକ୍ଷକ ସଚିନ ସୁରେଶଙ୍କୁ ଦୁଇ ବର୍ଷର ଚୁକ୍ତିରେ ଦଳରେ ସାମିଲ କରିଥିବା ନେଇ ବୁଧବାର ଓଡ଼ିଶା ଏଫ୍‌ସି ପକ୍ଷରୁ ଘୋଷଣା କରାଯାଇଛି। ଏହି ଚୁକ୍ତି ଅନୁସାରେ ସଚିନ ୨୦୨୮ ପର୍ଯ୍ୟନ୍ତ କ୍ଲବ୍ ସହ ରହିବେ। କେରଳରେ ଜନ୍ମିତ ୨୫ ବର୍ଷୀୟ ସଚିନ ସୁରେଶ ସ୍ପୋର୍ଟ୍ସ ଆଣ୍ଡ ଏଜୁକେସନ୍ ପ୍ରମୋସନ୍ ଟ୍ରଷ୍ଟ (ସେପ୍ଟ) ମାଧ୍ୟମରେ ଫୁଟବଲ୍ ଯାତ୍ରା ଆରମ୍ଭ କରିଥିଲେ। ୨୦୨୩ ସୁପର କପ୍‌ରେ କେରଳ ବ୍ଲାଷ୍ଟର୍ସ ପକ୍ଷରୁ ସଚିନଙ୍କ ବରିଷ୍ଠ ଦଳରେ ପଦାର୍ପଣ ହୋଇଥିଲା। ସେହି ବର୍ଷ ପରେ ସେ ଭାରତୀୟ ସୁପର ଲିଗ୍‌ରେ ମଧ ପଦାର୍ପଣ



କରିଥିଲେ। ୨୦୨୩-୨୪ ଋତୁରେ ସଚିନଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ସେ ନିୟମିତ ଭାବେ ଗୋଲ୍‌ରକ୍ଷକ ଭାବେ ଖେଳି ୧୫ଟି ଲିଗ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିଲେ ଏବଂ ୫ଟି ମ୍ୟାଚ୍‌ରେ ଗୋଲ୍ ବଞ୍ଚାଇ ରଖିଥିଲେ। ପରବର୍ତ୍ତୀ ଋତୁଗୁଡ଼ିକରେ ମଧ ସେ କେରଳ ବ୍ଲାଷ୍ଟର୍ସ ଏଫ୍‌ସିର ଗୁରୁତ୍ୱପୂର୍ଣ୍ଣ ଗୋଲ୍‌ରକ୍ଷକ ଭାବେ ନିଜକୁ ବିକଶିତ କରିଥିଲେ। ଭାରତୀୟ ସୁପର ଲିଗ୍‌ରେ ତାଙ୍କର ଅଭିଜ୍ଞତା ଏବେ ଓଡ଼ିଶା ଏଫ୍‌ସି ପାଇଁ ଉପଯୋଗୀ ହେବ ବୋଲି ଆଶା କରାଯାଉଛି। ଓଡ଼ିଶା ଏଫ୍‌ସି ସହ ଚୁକ୍ତି କରିଥିବାରୁ ମୁଁ ବହୁତ ଖୁସି ବୋଲି ସଚିନ ସୁରେଶ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS